[illegible]

ନାମଚିନ୍ତାଗୀତା ।

ଦ୍ୱିତୀୟ ଭାଗ ।

[illegible]

ଶ୍ରୀ [illegible]

[illegible]

[illegible]

Printed by H. K. Das,
Chandrodaya Press,
Cuttack,
1927

ନାମରତ୍ନଗୀତା

(ଦ୍ୱିତୀୟ ଭାଗ ।)

ଷଡ଼ବିଂଶ ଅଧ୍ୟାୟ ।

ବନ୍ଦଇ ଶ୍ରୀ ଜଗନ୍ନାଥ ଜଗତଈଶ୍ୱର । ଶୁଣନ୍ତୁ ସଜ୍ଜନ ଲୋକେ ନାମରତ୍ନ ଗୀତା । ସାଧୁ ସଜ୍ଜନଙ୍କୁ ମୋ ଅଶେଷ ଭକତ । ଶୁଦ୍ଧାଶୁଦ୍ଧ ନ ଦେଖନ୍ତୁ କରୁଛି ଭଣତ ॥ ଶ୍ରୀକୃଷ୍ଣଙ୍କ ପାଦପଦ୍ମେ ହୋଇଣ ବିନୟ । ନାମରତ୍ନ ବିଷୟ ପୁଚ୍ଛନ୍ତି ଧନଞ୍ଜୟ ॥ ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଦୀନବନ୍ଧୁ । କଥାଏ ପଚାରୁଅଛି କର କୃପାସିନ୍ଧୁ ॥ ପୁଣ୍ୟବନ୍ତ ଲୋକର ଯେ ଦାନ ଧ୍ୟାନ ସାର । ଅଜ୍ଞାନେ ପାତକ କଲେ ଯାଇଛି କି ପାର ॥ ଶ୍ରୀଧର ବୋଇଲେ ପାପ କରିଥାଇ ଯେତୁ । କୋଟିଏ ଜନ୍ମରେ ନାଶ ନ ଯାଇଛି ସେତୁ ॥ ପୁଣ୍ୟ ଅର୍ଜିଲେ ସିନା ପାପ ପାଏ ଭଙ୍ଗ । ଔଷଧ ଖାଇଲେ ଯେସନେ ଭଲ ହୋଏ ରୋଗ ॥ ନୃଗରାଜା ନାମେଣ ଅଦଭାର ତନୟ । ପାଞ୍ଚଶହ ଧେନୁଦାନ ଦେଲା ସେ ବିପ୍ରୟ ॥ ତହିଁରୁ ଗୋଟିଏ ଗାଈ ପଳାଇଣ ଆସି । ରାଜା ନ ଜାଣଇ ସେ ଗୋଷ୍ଠରେ ଥିଲା ପଶି ॥ ନ ଜାଣି ନୃପତି ତାହା ପୁଣି ଦେଲା ଦାନ । ତହିଁର ପ୍ରସ୍ତାବ ତୋତେ କହିବା ଅର୍ଜୁନ ॥ ସାବଧାନ ହୋଇ ତୁ ହୋ ଶୁଣ କୁନ୍ତୀସୁତ । ଭାଗବତ ଦିବ୍ୟରସ ପୁରାଣ ଅମୃତ ॥ କେଳି କରିଥିଲୁଁ ଆମ୍ଭେ ଦ୍ୱାରକାନଗର । ଛୋଟା ବୃନ୍ଦାବନକୁ ଗଲେ ସମସ୍ତ କୁମର ॥ ପଦ୍ୟୁନ ଶାମ୍ବ ଗଦ ସଙ୍ଗତରେ ଯେତେକ । ବନେ ସେ ଅନେକ କଲେ କ୍ରୀଡ଼ା କଉତୁକ ॥ ଏକାଳେ ସେ ଜଳପାନ ସମସ୍ତେ ଇଚ୍ଛିଲେ ॥ ବନସ୍ତ ମଧ୍ୟରେ ଏକ କୂପ ସେ ଦେଖିଲେ ॥ ସମସ୍ତ କୁମର ଯାଇଁ କୂପତଟେ ମିଳି । ଜଳର ନିମନ୍ତେ ସେଠୁ ଚାହିଁଲେ ନିରେଖି ॥ ତୃଣର ଗହଳେ ଯେ ଦିଶଇ ଅନ୍ଧକାର । ଅଦ୍ଭୁତ ଜନ୍ତୁଏ ଅଛି ତହିଁର ଭିତର ॥ ଦିଶଇ ଯେ ପ୍ରତ୍ୟକ୍ଷେ ସେ ସ୍ଥୂଳ ଆକାର । ତାହା ଦେଖି ମନେ ମନେ କରନ୍ତି ବିଚାର ॥ ଏ କେଉଣ ଜନ୍ତୁ ଏହା ଦେଖିଲୁତ ନାହିଁ ।

ଦେଖିକର ଚଳିଲେ ଯେ କୃକଳାଶ ଏହୁ ॥ ଏକର ମୁଖ ଅରେକ
ହେଲେ ଗୃହାଗୃହିଁ । ସବୁ ପୋଏ ବୁଲୁଛନ୍ତି ଅଙ୍ଗୁଳି ଦେଖାଇ ॥
ସମସ୍ତେହେଁ ବୋଲୁଛନ୍ତି ଦେଖିବା ଉଦ୍ଧାର । ଲାଙ୍ଗୁଡ଼ରେ ଦଉଡ଼ିଏ
ବାନ୍ଧିଲେ ତାହାର ॥ ଦଉଡ଼ି ଧରିଣ ଟାଣନ୍ତି ସେ ଜଣେ ଜଣେ ।
କେବେହେଁ ସେ ନ ଚଳଇ ତିଳେକ ପ୍ରମାଣେ ॥ ନିରାଶ ହୋଇଣ
ସେ ସମସ୍ତେ ଚଳିଗଲେ । ଦ୍ୱାରକାପୁରରେ ଯାଇଁ ପ୍ରବେଶ
ହୋଇଲେ ॥ ଆମ୍ଭଙ୍କୁ ସେମାନେ କହିଲେକ ବେଗେ ଯାଇଁ । ଅଦ୍ଭୁତ
କଥାଏ ଦେଖି ଆଇଲୁଁ ଗୋସାଇଁ ॥ ବନସ୍ତ ମଧ୍ୟରେ ଗମି ବୁଲି
ଯାଉଥିଲୁଁ । ତହିଁର ମଧ୍ୟରେ ଏକ କୂପ ଯେ ଦେଖିଲୁଁ ॥ ତହିଁର
ମଧ୍ୟରେ ଅଛି ଏକ କୃକଳାଶ । ଗୋଧିକା ସଦୃଶ୍ୟେ ତାର ସ୍ୱରୂପ
ପ୍ରକାଶ ॥ ସେ କଥା ଶୁଣି ଆମ୍ଭେ ଆଇଲୁଁ ବେଗହୋଇ । କୂପର
ମଧ୍ୟରେ ତାକୁ ଦେଖିଲୁଁ ସେ ଯାଇଁ ॥ ଗୋଧିକା ସଦୃଶ ରୂପ
ଦିଶୁଅଛି ସେହି । କୂପର ଭିତରୁ ତାକୁ ଉଦ୍ଧାରିଲୁଁ ଯାଇଁ ॥ ଅମ୍ଭେ
ତାକୁ କୂପରୁ କାଢ଼ିଲୁଁ ତତକ୍ଷଣ । ଭୂମିରେ ପଡ଼ିଣ ତାର ଛଡ଼ିଗଲା
ପ୍ରାଣ ॥ ଶରୀରୁ ବାହାରିଲା ଦିବ୍ୟ ରୂପେକ ହୋଇ । ଆମ୍ଭର ଚରଣ
ତଳେ ପଡ଼ିଲାକ ସେହି ॥ ଅପୂର୍ବ ସୁନ୍ଦର ରୂପ ଦିଶେ ଧ୍ୟାନ୍ତର । ସୁର
ନର ପ୍ରାପ୍ୟ ଦିଶୁଅଛି ତା ଆକାର ॥ ତାହା ଦେଖି ଅମ୍ଭେ ତାକୁ
ପୁଚ୍ଛାକଲୁଁ ସବୁ । କେଉଁ ଦୋଷେ କୃକଳାଶ ହୋଇଥିଲୁ ବାବୁ ॥
ପୂର୍ବଜନ୍ମ କଥା ତୋର କହ ମୋ ଆଗର । ଏହା ଶୁଣି ମନ ଭ୍ରାନ୍ତ
ଛାଡ଼ିବ ଆମ୍ଭର ॥ ଏ ବଚନ ଶୁଣିଣ ଯେ କହେ ନୃପମଣି । ସାବଧାନ
ହୋଇଣ ତୁ ଶୁଣ ଶାରମଣି ॥ ନୃପ ଯେ କହଇ ପ୍ରଭୁ କହୁଅଛି ମୁହିଁ ।
ଇକ୍ଷ୍ୱାକୁବଂଶରେ ଜନ୍ମ ନୃଗରାଜା ମୁହିଁ ॥ ଜଗତର ମଧ୍ୟରେ ଅଛନ୍ତି
ଯେତେ ଦାନୀ । ସେମାନଙ୍କଠାରୁ ମୁଁ ଅଟଇ ମହାଦାନୀ ॥ ଏଥିର
ପ୍ରସ୍ତାବ ପ୍ରଭୁ ଅଛ ତୁମ୍ଭେ ଜାଣି । ତୁମ୍ଭ ନିକଟରେ କି କହିବି
ପରମାଣି ॥ ସର୍ବଭୂତର ଆତ୍ମା ଅଟ ତୁମ୍ଭେତ ହରି । ଅଶେଷ ଜ୍ଞାନ

ତୁମ୍ଭର ଦେହେ ଅଛ ପୂରି । ସକଳ ହୃଦୟ କଥା ତୁମ୍ଭେ ସବୁ ଜାଣ । କୃପାକୁ ଅନେକ ମୁଁ ଯେ ଦେଲି ଗୋରୁଦାନ ॥ ସଂଖ୍ୟା କରିଣ ତା ମୁହିଁ କହିବଇଁ କେତେ । ଏ ମହୀମଣ୍ଡଳ ମଧ୍ୟେ ଥିବ ଅଛି ଯେତେ । ଅନ୍ନ ବସ୍ତ୍ର ସହିତେ ଗଜ ତୁରଙ୍ଗ ଯେତେ । ନାନା ଦ୍ରବ୍ୟ ଦାନ ଦେଲି ବିପ୍ରଙ୍କର ହସ୍ତେ ॥ ଏହିପରି ପ୍ରତିଦିନ ହଏ ବହୁ ଦାନ । ଏଥିର ପ୍ରସ୍ତାବ କହୁଅଛୁ ପ୍ରଭୁ ଶୁଣ ॥ ବ୍ରାହ୍ମଣର ଗୋରୁଟି ଗୋଷ୍ଠେ ମୋ ଥିଲା ପଶି । ତାହାକୁ ମୁଁ ଆଣି ପୁଣି ଦାନ ଦେଲି ଋଷି ॥ ବ୍ରାହ୍ମ-ଣର ଗୋରୁ ବୋଲି ଏହା ନ ଜାଣଇ । ବିପ୍ରେକ ହସ୍ତରେ ତାକୁ ଦାନ ଦେଲି ନେଇ ॥ ଅମୁତାକୁ ଦ୍ୱିଜବର ଦାନ ଘେନିଯାନ୍ତେ । ସେ ଗୋରୁକୁ ଦେଖି ପଥେ ବ୍ରାହ୍ମଣର ହସ୍ତେ ॥ ଦେଖି ପୂର୍ବ ବିପ୍ର ଯେ ଚହଟି ନେଲା ଗୋରୁ ମୋର । ମୋହର ଗୋରୁ କପାଇଁ ନେଉଛୁ ଦ୍ୱିଜବର ॥ ଅନେକ ଦିନରୁ ମୋର ହଜିଥିଲା ଗାଈ । ତାହାକୁ ଯେ ଖୋଜିବାକୁ ଅସିଅଛି ମୁହିଁ । ଏତେ ବୋଲି ଦ୍ୱିଜବର ଧଇଲା ଲଗୁଡ଼ି । ଝିଙ୍କାଝିଙ୍କି ତେଣିକିଆ ହୋଇଲେ ସେଠାରି ॥ ମହାମରି ହୋଇଣ ସେ ଗଡ଼ାଗଡି ହେଲେ । ମୋହର ନିକଟେ ଆସି ପ୍ରବେଶ ହୋଇଲେ ॥ କୋପେ ପୂର୍ବ ବିପ୍ର ବୋଇଲା ମୋ ମୁଖ ଚାହିଁ । ତୁମ୍ଭେ ଦାନ ଦେଇଥିଲ ମୋତେ ଏହି ଗାଈ ॥ ଚରିବା କାମରେ ଗୋଷ୍ଠ ସଙ୍ଗେ ଆସିଥିଲା । ଗୋଷ୍ଠରୁ ମୋ ଗାଈ ଏହି ବିପ୍ରକର ନେଲା । ଏହା ଶୁଣି ଅମ୍ଭେ ଯେ ହୋଇଲୁଁ ସ୍ତମ୍ଭୀଭୂତ । ବ୍ରାହ୍ମଣ କୋପ ହୋଇଲେ ଯିବ ନର୍କପଥ ॥ ଏମନ୍ତ ଭାଗ୍ୟର ବହୁ ମନେ ଚିନ୍ତାକଲି । ବ୍ରାହ୍ମଣଙ୍କୁ ପ୍ରବୋଧନା କରିଣ କହିଲି ॥ ବ୍ରାହ୍ମଣଙ୍କ ପାଦେ ମୁହିଁ ପଡ଼ିଲିତ ଯାଇଁ । ଏହି ଧେନୁ ସହିତରେ ଦେବି ଲକ୍ଷେ ଗାଈ ॥ କୋପଭରି ହୋଇ ବିପ୍ର ମୋର ମୁଖ ଚାହିଁ । ବୋଇଲେ ଲକ୍ଷେ ଗାଈରେ ମୋର କାର୍ଯ୍ୟ ନାହିଁ ॥ ଯେଉଁ ଲୋକ ଉତ୍ସର୍ଗ ଦାନ ଦେଇଣ ହରେ । ସେହି ପୁଣି ଅନନ୍ତେଣ ନରକ ଭୋଗ କରେ । ଏତେ ବୋଲି ବିପ୍ରବର

କୋପକରି ହେଲା । ମନ ଦୁଃଖେ ଆପଣାର ମନ୍ଦିରକୁ ଗଲା । ସେ ଯାଅନ୍ତେ ଗୋରୁଗୋଷ୍ଠ ପ୍ରତିଷ୍ଠା ହେଲା । ଏମନ୍ତେଣ ଅତେ ପ୍ରଭୁ କେତେ ଦିନ ଗଲା ॥ କେତେଦିନ ଅନ୍ତେ ମୋର ହୋଇଲା ମରଣ । ଯମଦୂତେ ଆସିଣ ବାନ୍ଧିଲେ ତତକ୍ଷଣ ॥ ବାନ୍ଧିକରି ଯମଦୂତେ ବେଗେ ଘେନିଗଲେ । ଯମରାଜା ସନମୁଖେ ନେଇ ଉଭା କଲେ ॥ ବୋଲନ୍ତି ହେ ଯମଦେବ ନୃଗରାଜା ଏହି । ଭୁଲରେ ବିପ୍ରଙ୍କୁ ଦାନ ଦେଇଥିଲା ଗାଈ ॥ ଦେଖିକରି ଯମରାଜା କଲା ବହୁ ମାନ୍ୟ । ବୋଇଲା ହେ ରାଜା ବହୁତ କରିଛ ପୁଣ୍ୟ ॥ ଏ କିଞ୍ଚିତ ପାତକକୁ ଦଣ୍ଡ ଏବେ ଘେନ । ଦ୍ୱାପରଯୁଗରେ କୃଷ୍ଣ ହୋଇବେ ଯେ ଜନ୍ମ ॥ କୃକଲାସ ସ୍ୱରୂପରେ କୂପମଧ୍ୟେ ଥିବ । ପ୍ରଭୁଙ୍କ ଦର୍ଶନେ ରାଜା ମୁକତି ପାଇବ ॥ ମୋର ସୁକୃତବଳେ ପାଇଲି ଦର୍ଶନ । ତ ଆଜ୍ଞା ଦେଉଛି ମୋତେ କହ ଜନାର୍ଦ୍ଦନ ॥ ଅମ୍ଭର ଦର୍ଶନେ ରାଜା ବୈକୁଣ୍ଠକୁ ଗଲା । ଦୀନକୃଷ୍ଣ ଦାସ ଏହା ଗୀତରେ କହିଲା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ନାମ ଷଡ଼୍‌ବିଂଶୋଽଧ୍ୟାୟଃ ।

—(୯ଃ❋ଃ୦)—

ସପ୍ତବିଂଶ ଅଧ୍ୟାୟ ।

ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ଭବଗ୍ରାହୀ । ଅବର କଥାଏ ମୋତେ କହ କର ତ୍ରାହି ॥ ବୈକୁଣ୍ଠର ମହାପ୍ରଭୁ ପଚାରୁଛି ତୋତେ । ସ୍ନାନକାଳେ ତୁଳସୀ ତତ୍ତ୍ୱସମାନ ଯେତେ ॥ ସମସ୍ତେ ତ ନିରନ୍ତରେ କରୁଥାନ୍ତି ସେବା । ସେ ତତ୍ତ୍ୱ ମହିମା ମୁଁ ତ କହିବି ଅବା ॥ ବୈକୁଣ୍ଠନାଥ ତୁମ୍ଭଙ୍କୁ ପଚାରୁଅଛି ହରି । ଏ କଥା ଗୋଟାଏ ମୋତେ କହ ଫେଡ଼ିକରି । କେବଣ ତତ୍ତ୍ୱରୁ ଯେ ବଧମତେ କର୍ମ । କେବଣ ତତ୍ତ୍ୱରେ ଜନ୍ମିଛି ଚତୁଃପଦ ॥ କେବଣ ତତ୍ତ୍ୱରେ ଯେ ଶବଦ ପ୍ରାପ୍ତ ଆଜ୍ଞା । କେବଣ ତତ୍ତ୍ୱରେ ପୁବର୍ଣ୍ଣି ଦେଲୁ ପଜା ॥ କେବଣ

ଚତୁର୍ଥ ପଦ୍ମଫୁଲ ପ୍ରାୟ ଶୋଭେ । ଷ କୋଣ ନିର୍ମାଣ କେଉଁ ଚତୁର ଅଛି ॥ କେବଣ ଚତୁର ଚୂତଡ଼ାଳେ ପରିପାଟି । କେବଣ ଚତୁର ଗୋଟା ଅଷ୍ଟକୋଣେ ବାନ୍ଧି ॥ କେବଣ ଚତୁର୍ବେ ଅଛଇ ଷୋଳକୋଣ । ବତିଶକୋଣ କେବଣ ଚତୁର ନିର୍ମାଣ ॥ କେବଣ ଚତୁର ଯେ ପ୍ରସ୍ତରର ପୀଢ଼ ବନ୍ଧା । ସ୍ଫଟିକରେ ନିର୍ମାଣ ଯେ ପଦ୍ମରାଗ ଖଞ୍ଜା ॥ ବିବିଧ ପ୍ରକାରେ ଦିବ୍ୟ ଚତୁର ନିର୍ମାଣ । ଚକ୍ରମେଳା ପାଟରେ ଯେ ଚତୁର ଛାଦଣ ॥ ବିବିଧ ବସନ ଚାନ୍ଦୁଁ ମଣ୍ଡନ ଅଙ୍ଗାର । ନେତର ଚଉରମାନ ଉଡ଼େ ଫରହର ॥ ଚାନ୍ଦୁଁର ଉପରେ ଯେ ତୁଳସୀବୃକ୍ଷ ଶୋଭେ । ତାହାଁର ମହିମା ମୁହିଁ ଏ କହିବି ଏବେ ॥ ସେ ତୁଳସୀବୃକ୍ଷର ଅଟଇ ଦିବ୍ୟ ବାସ । ତାହାକୁ ସ୍ପର୍ଶିଲେ କୋଟି ପାପ ଯାଇ ନାଶ ॥ ଦେବଙ୍କୁ ଦୁର୍ଲ୍ଲଭ ସେ ଯେବଣ ବୃକ୍ଷବର । ଦ୍ୱାରକାଭୁବନେ ସେହୁ ସବୁ ପୂରେ ସାର ॥ ପ୍ରସନ୍ନବଦନେ ମୋତେ କହ ଗଦାଧର । ପୂର୍ବକାଳେ ଏ ତୁଳସୀ କାହୁଁ ଅବତାର ॥ ଶ୍ରୀହରି ବୋଇଲେ ଭୂଷଣ ଭୃତ୍ୟସୁତ । ଯେଉଁ କଥା ଶୁଣିଲେ ଦୁରିତ ହୁଏ ହତ ॥ ତୁଳସୀର ମହିମା ଯେ ପୂଜା କଲୁ ମୋତେ । କହିଲେ ନ ସରିବ ତାକେ କରିବ ପ୍ରତେ ॥ ପରମା ଶକତି ସେ ପବିତ୍ର ମହାସତୀ । ରାଧା ପ୍ରିୟସଖୀ ସେ ମଞ୍ଚରେ ଉତପତ୍ତି ॥ ଗୋଲୋକଭୂମିରେ ତାର ସର୍ବଦା ବିଶ୍ରାମ । ଗୋମାତା ପାରୁଟଣ ଥାଇ ତ୍ରିପୁର ତା ନାମ । ଚତୁର୍ଦ୍ଧା ପ୍ରକାରେ ସେବା ନିତ୍ୟସ୍ଥଳ ଦ୍ୱାର । ଚଉଷଠି ସହସ୍ର ଗୋପିଙ୍କ ମଧେ ସାର ॥ ସମସ୍ତଙ୍କ କଥା ସେ ଜାଣଇ ପିନା ବାମ୍ବା । ଗୋପିଙ୍କର ମହିମା ଯେ ଯେମନ୍ତ ଗାରିମା ॥ ଯାହାର ଯେଉଁ ସେବା ସେଠାରେ ତାକୁ ଖଞ୍ଜେ । ବଚନରେ ବାନ୍ଧଇ ସବୁରି ମନ ରଞ୍ଜେ ॥ ସୁରେ ସର୍ବବରେ ସେ ଯେ ଅଟଇ କାରେଣୀ । ଦ୍ୱାଦଶମଣ୍ଡଳଙ୍କର ରମଇ ମନ ଜାଣି ॥ ସବୁରି ଉପରେ ଶ୍ରେଷ୍ଠା ତ୍ରିପୁର ସ୍ୱନାମ । ନିତ୍ୟସ୍ଥଳେ ନିତ୍ୟଦ୍ୱାରେ ଥାଇ ସେବା କରେ ॥ ଅଷ୍ଟ ଅଷ୍ଟ ଭିନ୍ନ ଭିନ୍ନ କରଇ

ବେଭାର । ତାହାର ଯେ ନଜ ଦ୍ୱାର ଅତି ମନୋହର ॥ ସେ ଦ୍ୱାର ଝପିଣ କେହୁ ନ ପାରନ୍ତି ଯାଇ । କୋଟି କୋଟି ବ୍ରହ୍ମା ବିଷ୍ଣୁ ନାଶ ଯାନ୍ତି ତହିଁ । ତେତିଶକୋଟି ଦେବତା ତାଙ୍କ ସେବା କଲେ । ବ୍ରହ୍ମା ବିଷ୍ଣୁ ଶିବ କେହୁ ଯାଇ ନ ପାରିଲେ ॥ ନିତ୍ୟସ୍ଥଳ ଦେଖିବାକୁ ସମସ୍ତଙ୍କ ମନ । ଭିତରେ ପଶି ତ କେହୁ ନୋହିଲେ ଭାଜନ ॥ ରାସକୁ ଦେଖିବେ ବୋଲି ଅଶା କରିଥାନ୍ତି । ଲକ୍ଷେ ଦୂର ଅନ୍ତରୁ ସେ ବାହୁଡ଼ଣ ଯାନ୍ତି । ରାସମଣ୍ଡଳ ଦ୍ୱାର ଥାଇ ସେହୁ ନିବୋଧ । ତ୍ରିପୁରାକୁ ଆଉ କେହୁ ନ ପାରନ୍ତି ବୋଧି ॥ ଯେତେ-ବେଳେ ପ୍ରବେଶିବ ପ୍ରେମକଳା ପୂଣ । ସେହିକାଳେ ତ୍ରିପୁରାଟି ମାଣିକ୍ୟ ପ୍ରମାଣ ॥ ସକଳରେ ପରକୀର୍ତ୍ତି ଖଞ୍ଜନ୍ତି ତାହାର । ପରମ ନିତ୍ୟସଦନେ ପ୍ରଭୁ ବଂଶୀଧର ॥ ଯେତେବେଳେ ପ୍ରଭୁ ଉଦେ ଉତ୍ତରଦଗେଣ । ସହିତେ ବଂଶୀବାଦନରେ ସୋମବାର ଜାଣ ॥ ପଟମନିତ୍ୟରେ ପୁଣ ଶ୍ରୀନନ୍ଦନନ୍ଦନ । ବିନଯ୍ଯେ କରିବେ ବୋଲି ବାଞ୍ଛା କଲେ ମନ ॥ ମୋହ ନାମରତ୍ନଗୀତା ଅଟଇ ଯେ ସାର । ଦୀନକୃଷ୍ଣ ଦାସ ଏହା କଲେକ ପ୍ରଚାର ॥ ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀ ହରିଅର୍ଜ୍ଜୁନସମ୍ବାଦେ ନାମ ସପ୍ତବିଂଶୋଽଧ୍ୟାୟଃ ।

ଅଷ୍ଟବିଂଶ ଅଧ୍ୟାୟ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଶୁଣ ତୁ ହୋ ପାଣ୍ଡୁ-ସୁତ ମୋହର ବଚନ ॥ ଯେବଣ ପ୍ରକାରେ ସେହୁ ରାସ ଦିବ୍ୟସ୍ଥଳୀ । ଶୁଣିକର ତ୍ରିପୁରା ଯେ ହୃଦପଦ୍ମେ ଥିଲ । ବିଷ୍ଣୁ ତାଙ୍କୁ ସେବା ଯେ କଲେକ ମନ ଜାଣି । ତ୍ରିପୁରା ବୋଇଲେ ବର ମାଗ ଚକ୍ରପାଣି ॥ ତ୍ରିପୁରା ବଚନେ ବିଷ୍ଣୁ ମନେ ମହାତୋଷ । ବୋଇଲେ ମୋତେ ଗୋ ଭୂମି ଦେଖାଅ ରାହାସ ॥ ଯେବଣ ପ୍ରକାରେ ସେ ରାହାସ ଦିବ୍ୟସ୍ଥଳୀ । ଶୁଣିକର ତ୍ରିପୁରା ଯେ ହୃଦପଦ୍ମେ ଥିଲି । ତ୍ରିପୁରା

ବୋଇଲେ ମୋତେ ଦେଖାଇବ ସତ । ତୋହଯୋଗୁଁ କେତେ
ପୁଣି ପଡ଼ିବ ଅନର୍ଥ । ଏତେ ବୋଲି ଚିତ୍ର ଶୋଧ ମନେ
ଚାଲି କଲା । ବାଦ୍ୟ ରତ୍ନମାଳ ଆଣି ଶ୍ରୀଅଙ୍ଗେ ଖଞ୍ଜିଲା । ବିବିଧ
ପ୍ରକାରେ କଲା ଅପୂର୍ବ କାଚେଣି । ନବୀନ କିଶୋରୀ ରୂପ ପୂର୍ଣ୍ଣଚନ୍ଦ୍ର
ଜିଣି । ଗୋପୀମାନଙ୍କର ରୂପ ଯେଉଁରୂପେ ସାଜ । ସେହିରୂପେ
ଅପୂର୍ବ ବସ୍ତ୍ର କଲା ସଜ ॥ ନାନାରତ୍ନ ଖଞ୍ଜିଣ ସୁବେଶ କଲା ବାମା ।
ଅନେକ ପ୍ରତିମା କି ଗଢ଼ିଲା ବିଶ୍ୱକର୍ମା ॥ ଚନ୍ଦ୍ରଭୂଷଣକୁ ବେଶ କଲା
ଜଗକ୍ଷିତା । ଚରଣେ ନୂପୁର ଖଞ୍ଜି ଦେଲାକ ଅଲକ୍ତା । ଚାଲିବାରେ
ଶବଦ କରଇ ଝୁମଝୁମ । କଟିତଟେ ଓଢ଼ିଅଣୀ ମୁକ୍ତାର କାମ ॥
ନବୀନ କନକ ଚୂଡ଼ି ବେନିଭୁଜେ ଲାଗେ । ହୀରା ନୀଳା ପଦକ
ଖଞ୍ଜିଲା ପୂର୍ବଭାଗେ ॥ ନେତର କାଚେଣୀ ଉଡ଼ ମୁକୁତାର ଜାଲି ।
ପିଠିଅଡ଼େ ଖଞ୍ଜିଲା ପାଟର ଦିବ୍ୟଚୂଳି । କଣ୍ଠରେ ଖଞ୍ଜିଲା ଅଶି
ଷଠେସର ହାର । ଅପୂର୍ବ କଙ୍କଣ ଦେଲା ବେନିକରସୁନର । ସୁନ୍ଦର
ଅଳକାବଳୀ ଭାଲପଟେ ଶୋଭା । ଅର୍ଦ୍ଧଚନ୍ଦ୍ର ପରେ କସ୍ତୁରୀବିନ୍ଦୁ
ଶୋଭିତା । ହୀରାଲାଗି କମ ଯେ କର୍ଣ୍ଣରେ ଦିବ୍ୟକାପ । କଣ୍ଠତଟରେ
ଶୋଭଇ କୋଟିଏ ରବିତାପ । ନାକଚଣା ନାସାରେ ଖଞ୍ଜିଲା
ଯତ୍ନକରି । ମୁକୁତାର ଜ୍ୟୋତିକି ସୂର୍ଯ୍ୟହିଁ ନୋହେ ସରି ।
ନାସାର ଦକ୍ଷିଣଭାଗେ ସୁବର୍ଣ୍ଣର ଫୁଲ । କୋଟିଏ ସୂର୍ଯ୍ୟର ଜ୍ୟୋତି
ନୋହେ ସମତୁଲ । ଚିକୁର କେଶରେ ଯେ ପାରିଲା ଦିବ୍ୟବେଣୀ ।
ଖୋସା ଖୋସିଲା ଯେ ଇଚ୍ଛି ନାମ ନାଗଫେଣି । ସଜବର ପେନିଗଲା
ତ୍ରିପୁର ସୁନ୍ଦରୀ । ଚଉଷଠୀ ସପ୍ତ ଯୋଗୀ ନ ପାରିଲେ ବାରି ॥
ଅନନ୍ତଶିଖରେ ଶୋଭେ ପଦ୍ମ ଯେ କେଶର । ତହିଁରେ ପ୍ରବେଶ କଲା
ସ୍ତ୍ରୀଶ୍ୱରୂପସାର । ଷଟଚକ୍ରମଣ୍ଡଳୀ ଯେ ଉପରେ ଦିବ୍ୟବାସ । ନିତ୍ୟସ୍ଥଳ
ସେଥିରେ କୃଷ୍ଣ ଏକ ପୁରୁଷ । ଅଙ୍ଗେ ଅଙ୍ଗେ ପ୍ରତିଭେଦେ ଏକ ଅଙ୍ଗ
ସାଜେ । କମଳକେଶର ମଧ୍ୟେ କରଛନ୍ତି ବିଜେ । ଶ୍ରୀକୃଷ୍ଣର ଶ୍ରୀଅଙ୍ଗ

ରାଧିକା ଅଙ୍ଗେ ଅଙ୍ଗ । ରାଧିକାର ଶ୍ରୀଭୁଜ ଶ୍ରୀକୃଷ୍ଣ ଦେହେ ଶୋଭେ ॥ ଅଙ୍ଗ ପ୍ରତ୍ୟଙ୍ଗେ ଯେ ମୁଖକୁ ମୁଖ ଦେଇ । ପ୍ରେମ ଆଲିଙ୍ଗନ ବାମକାନ୍ଧରେ ବସାଇ । କୋଟିଚନ୍ଦ୍ର ଲକ୍ଷ ନୋହେ ଶ୍ରୀଭୁଜର କାନ୍ତି । ରାଧିକାର ଅଙ୍ଗ ତହିଁ ହେମଲତା ପ୍ରାପ୍ତି ॥ କୃଷ୍ଣ ଫୁଲ୍ଲନେତ୍ରେ ଶ୍ରବଣ ପୁଲକିତ ରାଧା । ଦୁହିଙ୍କର ପ୍ରେମରସ ସୁଖରେ ଶରଧା ॥ ରତ୍ନବେଦୀ ଛନଦଳ ଷଡ଼ଦଳମୂଳ । ଅଷ୍ଟଦଳେ ଅଷ୍ଟ କନ୍ୟା ଆଉମାନେ ଭୂଲ ॥ ଷୋଳଦଳ ସମ୍ପୂର୍ଣ୍ଣ ବତିଶ ହେବେ ଶୋଭା । ରାଧାକୃଷ୍ଣ ପୀରତି ଚୌଷଠି ରସକଳା ॥ ଯନ୍ତ୍ର ତାଳ ବେଣୁ ନାଦ ଦିବ୍ୟ ଅଙ୍ଗ ବେଣୀ । ମୃଦଙ୍ଗ ଧରଣ ପାଦକେ ଦଶ ତରୁଣୀ ॥ ଯେତେବେଳେ ପରମ ନିତ୍ୟରେ ପ୍ରଭୁ ଥିବେ । ପରମ ଯେ ଖେଳ ପୁଣି ଅବଶ୍ୟ କରିବେ ॥ ଶ୍ରୀପଦ୍ମର ଦାମେ ଜାତ ପଦ୍ମର କୁମାରୀ । ତାହାଙ୍କ ବରହେ ବଶ ପ୍ରଭୁ ବଂଶୀଧାରୀ ॥ ଶୁକମୁନି ଅବଧାନ ହେବ ଯେ କାତର । ବୈଦ୍ୟରୂପରେ ଜନମ ହୋଇବ ନାଗର ॥ ତେଣୁ ତୋଷମନ ମୁଁ ଯେ ହୋଇବି ନାଗର । ଏକାକ୍ଷର ପ୍ରସଙ୍ଗେ ଯେ କହିବଇଁ ସାର ॥ ଏଣୁ ନାମରତ୍ନଗୀତା ଅମୀୟ ଯେ ରସ । ଶାନକୃଷ୍ଣ ଦାସ ଭାବେବକଲେ ପ୍ରକାଶ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀ ହରିଅର୍ଜୁନସମ୍ବାଦେ ନାମ ଅଷ୍ଟବିଂଶୋଽଧ୍ୟାୟଃ ।

—୦ଃ*ଃ୦—

ଊନବିଂଶ ଅଧ୍ୟାୟ ।

ଅର୍ଜୁନ ବେଭରେ ଯେ ଅଟଇ ପାତ୍ର ସ୍ୱଚ୍ଛ । ଶ୍ରୀକୃଷ୍ଣ କହନ୍ତି ଶୁଣ ଏକେ ଖର ପାର୍ଥ ॥ ଯେ ଯାହାକେ ବସ୍ତ୍ରପାଦେ କରୁଛନ୍ତି ସେବା । ବଜ୍ରଅବାଦ୍ୟର ସ୍ୱର କେତେ କହିଦେବା ॥ ଏମନ୍ତ ସମୟେ ଭୂ ହୋ ଶୁଣ ଫାଲଗୁନ । କି ଅପୂର୍ବ ଚଳିଲ ଯେ କୃଷ୍ଣଙ୍କୁ ସଙ୍ଗେ ଘେନି ॥ ଗୋପୀଜନ ସଙ୍ଗରେ ମିଶାଇ ଦେଲେ ଖରେ । ଆଜ୍ଞା ହୋଇ ଆପଣେ କହିଲେ ଖଣ୍ଡହରେ ॥ ଗୋପୀଙ୍କି ବୋଇଲେ ଆମ୍ଭେ କିସ କହିବେବା ।

ମନ ଜାଣି କରୁଥାଅ ପ୍ରଭୁଙ୍କର ସେବା ॥ କେହୁ ନାହିଁ ନ ହୁଡ଼ିବ ନୃତ୍ୟ ଗୀତଠାରେ । ତତ୍ତ୍ୱବୃନ୍ଦ ନ ଟଳଇ ଯେମନ୍ତ ପ୍ରକାରେ ॥ ଯେତେକ ଯୁବତୀ ସେ ରାଧିକା ଅଙ୍ଗୀକୃତ । ସମସ୍ତେହେଁ ଜାଣନ୍ତି ସେବାର କଥିମତ ॥ ତାଳ ରବା ମର୍ଦ୍ଦଳ ଯେ ଯନ୍ତ୍ରର ବାଜେଣି । କେ ଝୁମର ତାଳଭ କେ ଧରଇ କିଙ୍କିଣୀ ॥ କେଉଁ ଗୋପୀ ଟିରେ ଛତ୍ର ଧରଛନ୍ତି ଦୋଳ । ପଙ୍ଖା ଧରି ବିଞ୍ଚଇ କେବଣ ଦିବ୍ୟବାଳୀ ॥ ହଡ଼ପ ଧରଣ କେ ତାମ୍ବୂଲ କରେ ଲାଗି । ରାଧାକୃଷ୍ଣ ସେବାରେ ସମରେ ଅନୁରାଗୀ ॥ କେବଣ ନାୟିକା ପୁଷ୍ପ ଖଞ୍ଜେ ନାନାବର୍ଣ୍ଣ । କେଉଁ ଗୋପୀ ଶ୍ରୀଅଙ୍ଗରେ ଲେପନ୍ତି ଚନ୍ଦନ ॥ କର୍ପୂର କସ୍ତୁରୀ ଗନ୍ଧ କେଉଁ ଗୋପୀ ଖଞ୍ଜେ । ଫୁଲ ମାଳ ବନମାଳୀ କେ ଖଞ୍ଜଇ କାନ୍ଧେ ॥ କେବଣ ନାୟିକା ଅଙ୍ଗୁରୀମୁଦି ଧରି । ପ୍ରଭୁଙ୍କ ଶ୍ରୀପଦ୍ମକର ଅଙ୍ଗୁଳିରେ ଭରି ॥ କେନପାଦେ ନୂପୁର କେ ଦେଇ ମନ ରଙ୍ଗେ । କେଉଁ ଗୋପୀ କଟିତଟେ ଓଢ଼ିଆଣୀ ଖଞ୍ଜେ ॥ ନିରନ୍ତରେ ପ୍ରଭୁଙ୍କର କରୁଛନ୍ତି ସେବା । ନିତ୍ୟସ୍ଥଳ ନାୟିକା ସମସ୍ତେ ନବଯୌବନା ॥ ରାଧିକାର ଅଙ୍ଗରୁ ଅଛନ୍ତି ପ୍ରକଟକ୍ଷ । କୋଟି ବ୍ରହ୍ମାଣ୍ଡରେ ଅନ୍ୟ ନାହିଁ ତାଙ୍କୁ ଲକ୍ଷ୍ୟ ॥ ଏଥୁ ଅନନ୍ତରେ ଭୁ ହୋ ଶୁଣ ପଣ୍ଡୁସୁତ । ପ୍ରଭୁଙ୍କ ସେବାରେ ଗୋପୀ ହୋଇଛନ୍ତି ରତ ॥ ତ୍ରିପୁର ଯେ ମାନବବୃନ୍ଦଙ୍କୁ ମୋହନଗଲା । ନୃତ୍ୟ ରଙ୍ଗ କରି ବୋଲି ମିଶାଇଣ ଦେଲା ॥ ସେ ଗୋପୀମାନଙ୍କ ବେଶ ଗ୍ରହିବାର ଠାଣି । କହିବାର ଶକତ ସେ କେ ପାରିବ ଭଣି ॥ ବଚନ ମଧୁର ପୁଣି ଅତ୍ୟନ୍ତ ସରଳ । ଗାଇବା ବାଇବା କଥା ଦେବଙ୍କୁ ଦୁର୍ଲ୍ଲଭ ॥ ତହିଁ ସଙ୍ଗେ ବନ୍ଧୁ ଯେ ପଶିଲେ ନୃତ୍ୟ କରି । ଭିନ୍ନ ଭିନ୍ନ ମୂର୍ତ୍ତି ହୋଇ ଦର୍ଶିଲେକ ବାରି ॥ ମନ ଛନ୍ଦ ଛନ୍ଦ ନ ଛାଡ଼ିଲେ ସେବା ରୀତି । କେଳି ପ୍ରକୃତ ହୃଦପଦ୍ମେ ଚଳେ ଗ୍ରନ୍ଥ ॥ ଶୃଙ୍ଗାରର ଠାଣି ଯେ ହୁଅଇ ଅନେକ ଅନୁ । ଥରହର ହୋଇଣ କମ୍ପିଲା ବେନିଜାନୁ ॥ ଲୋଚନ ଯେ ଟୁଳିର ନୋହିଲେକ ନୃତ୍ୟଭଙ୍ଗେ । ଛନ୍ଦ ଛନ୍ଦ ହୋଇଣ ଗ୍ରହିଲେ ଚତୁପ୍ପାଶେ ॥ ବାଇବାର ଭଙ୍ଗୀ ଯେ ନୋହିଲା କହିବା ଭାବ । ଗାଇବାକୁ

ସୁର ନର ନ ପାରିଲେ ଠାବ ॥ ଶୁଦ୍ଧବାର ଛୁଟଇ ଯେଉଁ ସଙ୍ଗତ ହେଲା । ଅଙ୍ଗ ଉପାଙ୍ଗ ମହିମା ଶୋଭା ନ ପାଇଲା ॥ ନିତ୍ୟସ୍ଥଳ ସ୍ମୃତଷ୍ଠ ଶୁଦ୍ଧିଲେ ବୃଦ୍ଧିମତ । ବସ୍ତୁର ବୋଇଲେ ତୁ କାହୁଁ ଅଇଲୁ ଏଥି ॥ ଚିତ୍ତବୃତ୍ତି ଚେଷ୍ଟା ତୋର ଚଞ୍ଚଳ ସ୍ୱଭାବେ । କେମନ୍ତ ପ୍ରକାରେ ଅଇ ମିଳିଲୁ ଏଠାବେ । ସ୍ୱାଧିକାର ଅଙ୍ଗ ଯେ ତୋ ତହିଁ ନାହିଁ ଶିକ୍ଷା । ଗୋପୀଙ୍କର କଳା ତୋର କେଉଁଠାରେ ଅଛୁ ॥ ନିତ୍ୟସ୍ଥଳ ବିଧି ଯେ ନ ଜାଣ ମାତ୍ର ଲେଶ । କେବେ ପ୍ରୁଣି ଦ୍ୱାର ଅଛି ଦେଖିଲ ବିହାର ॥ ବ୍ରହ୍ମାଦି ଶଙ୍କର ଚନ୍ଦ୍ର ଦିବାକର ମୂଳେ । କେହି ପଶି ନ ପାରନ୍ତି ଏ ବିହାର ସ୍ଥଳେ ॥ ଅଶେଷ ବ୍ରହ୍ମାଣ୍ଡେ ଯେତେ ଲୋକ ଛନ୍ତି ବନ୍ଧ । ଗୋପୀଙ୍କର ଜନ୍ମ କେହି ନ ପାରନ୍ତି ଛନ୍ଦ ॥ ତବୁ କର୍ମ ସବୁ ଧର୍ମ ନ ପାରନ୍ତି ସାଧି । କେହି ଦେଇ ନ ପାରଇ ନିତ୍ୟସ୍ଥଳ ବିଧି । ତୁ ଏବେ କେଉଁଣ ଭାଗ୍ୟ କରିଥିଲୁ ନିଜେ । ତେଣୁ କରି ବିହାର ଦେଖିଲୁ ତୁହି ଏବେ ॥ ଗୋପୀମାନେ ଏମନ୍ତ ବଚନ ଯହୁଁ କହି । ଧ୍ୟାନରେ ଜାଣିଲେ ତାହା ନିତ୍ୟାକାର ହୋଇ ॥ ସ୍ୱ ପ୍ରସନ୍ନଙ୍କୁ ଶୁଦ୍ଧି ଆଜ୍ଞା ଦେଲେ କୋପଚିତ୍ତେ । ତୋହର ଛାର ଯାମତ ନିଜ କଷ୍ଟ ଦେଲୁ ମୋତେ । ଗୋପୀଙ୍କ ଉପରେ ତୋତେ ଘୃଣ ଦେଲୁ ଯହୁଁ । ମୂର୍ଖ ଅଙ୍ଗ ବସ୍ତ୍ର କଳା ଅଣିଲୁ ତୁ କାହୁଁ ॥ ଅଯୋଗ୍ୟ ଯୁବତୀ ଅଟୁ ବୋଲିବାକୁ ତାହା । ମାନବବସ୍ତ୍ରଙ୍କୁ ଅଣି ଦେଖାଇଲୁ ଏହା ॥ ଅମ୍ଭଙ୍କୁ ଯେ ମାୟା କଲୁ ନିତ୍ୟସ୍ଥଳ ସ୍ଥାନେ । ଅର୍ଜିଲାର ଫଳ ତୁ ଭୁଞ୍ଜିବୁ କିଛିଦିନେ ॥ ଯେଉଁକାଳେ ଅମ୍ଭେ ହେବୁ ଶ୍ରୀମତୀରମଣ । ତୋହର ନାମ ମାଣିକ୍ୟ ବୋଲିଣ ହେବ ଜାଣ ॥ ମୋର ନାମଚକ୍ରଗୀତା ଅଟଇ ରସସାର । ହୀନକୃଷ୍ଣଦାସ କହେ ଭାବରେ ପ୍ରଚାର ।

ଇତି ଶ୍ରୀନାମଚକ୍ରଗୀତାୟାଂ ଶ୍ରୀହରଅର୍ଜୁନସମ୍ବାଦେ ନାମ
ଊନବିଂଶୋଧ୍ୟାୟଃ ।

ତ୍ରିଂଶ ଅଧ୍ୟାୟ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ହୃଷୀକେଶ । ଏକମନେ ଶୁଣ ତୁହି ଅହେ ପାଣ୍ଡୁଶିଷ୍ୟ ॥ ମାନବବସ୍ତୁଙ୍କୁ ଏଥି ଯା ଅ ବେଗେ ଘେନ । ମର୍ତ୍ତ୍ୟ ମଣ୍ଡଳରେ ତୁମ୍ଭେ ଜାତକୁଅ ତେଜ ॥ ନନ୍ଦ୍ୟାବାର ବଚନେ ନିପୁର ଭୟ ପାଇ । ଉଦ୍ଧାରେ ଥାଇଣ କରପଦ୍ମ ଯୋଡି କହି ॥ ପୁଣି ହୁଠଂ-କର ବାମା ଶିରେ ଦେଲା ହାତ । ବୋଇଲା ଅପ୍ରାଧ ମୋର କ୍ଷମା କର ନାଥ ॥ ସଙ୍ଗଦୋଷ ପ୍ରଭୁ ବାଧା ଲାଗିବଟି ମୋତେ । ଏ ମହାପାପରୁ ପାର ହୋଇବି କେମନ୍ତେ ॥ ବୋଲିଥିଲ ଗୋଲୋକ ସଭାରେ ତୁମ୍ଭେ ଥିବୁ । ନିତ୍ୟସ୍ଥଳ ଛଡ଼ି ଆଉ କେଣିକି ନ ଯିବୁ ॥ ଯେଣୁକରି ମହାପ୍ରଭୁ କହୁଛନ୍ତି ଏତେ । ପରିହାସ ସ୍ୱରରେ ହାସ୍ୟ କରିଥିଲି ମୋତେ ॥ ମହାପାପ ଅର୍ଜିଲି କର୍ମ୍ମରେ ଅଛି ବସ । ନ ଜାଣେ ଅପ୍ରାଧ କଲି ନ ଧରିବା ଦୋଷ ॥ ନିପୁର ବାକ୍ୟ ଯହୁଁ ଶୁଣିଲେ ନିତ୍ୟକାର । ରାଧା ମୁଖ ଚାହିଁଣ ବୋଇଲେ ଚକ୍ରଧର ॥ ନିପୁରଙ୍କୁ ସର୍ବଦା ହାର ଯେ ଅଛୁଁ ଦେଇ । ମାନବବସ୍ତୁଙ୍କୁ ଏଥେ ଆଣିଲାକ ସେହି ॥ ତେଣୁକରି ଆମ୍ଭ ଚିତ୍ତେ ଉପୁଜିଲା କୋପ । ମର୍ତ୍ତ୍ୟରେ ଜନମ ହୋଇ ଭୁଞ୍ଜିବେ ସେ ପାପ ॥ ତହିଁର କାରଣ ଏବେ କି କରିବ ତୁମ୍ଭେ । ତୁମ୍ଭ ବୋଲି ନାସ୍ତି କରି ନ ପାରୁଁ ଯେ ଆମ୍ଭେ ॥ ରାଧିକା ବୋଇଲେ ତୁମ୍ଭ ବଚନହିଁ ହେଉ । ଏ ଚରଣେ ଥାଇ ପଛେ ଅଙ୍ଗ ତାର ଯାଉ । ତୁମ୍ଭଠାରେ ସେବା ତାର ଯାହା କ ହଣ ସ । ମର୍ତ୍ତ୍ୟ ଭୁବନକୁ ତାର ଯାଉ ଅର୍ଦ୍ଧଅଂଶ ॥ ନିପୁରଙ୍କୁ ଚାହିଁ ଆଜ୍ଞା ଦେଲେ ଠାକୁରାଣୀ । ତୋହ ଅଂଶେ ଯେତେ ଗୋପୀମାନେ ଥିଲେ ପୁଣି ॥ ତୋହର ସଙ୍ଗରେ ସେ ସମସ୍ତେ ଚଳିଯାନ୍ତୁ । ପୂର୍ଣ୍ଣ ରୂପ ଧରି ଏବେ ଥିକା ପାଉଥାନ୍ତୁ ॥ ଆମ୍ଭେ ମଧ୍ୟ କିଛୁଦିନ ଯିବୁଁ ମର୍ତ୍ତ୍ୟଲୋକ । ତେଣୁକରି ତୋତେ ଆମ୍ଭେ ପେଷୁଅଛୁଁ ଆଗ ॥ ତୁ ଯେବେ ଜନମ ଯାଇଁ ହୋଇବୁ ନିସ୍ତୟ । ମର୍ତ୍ତ୍ୟପୁର ଲୋକଙ୍କର ପାପ ଯିବ କ୍ଷୟ ॥ ତୋତେ ଯେଉଁମାନେ

କରୁଥିବେଟି ତହିଁ ସେବା । ମୋତେ ସେମାନେ କି ଭେଟି ନ ପାଇବେ ଅଛି ॥ ଗୋପୀଙ୍କର ଅଙ୍ଗ ଯେହ୍ନ ଏ ସ୍ଥଳେ ନ ଥାଅ । ମାନବ ବସ୍ତୁଙ୍କୁ ଯେହ୍ନ ସଙ୍ଗେ ନୋଇ ଯାଅ ॥ ତୋତେ ଏ ଯେ ନିନ୍ଦା କରିଥିଲ ବାସୁଦେବ । ତୋହର ପାପରେ ଏ ପାଷାଣ ହୋଇଥିବ ॥ ଆମ୍ଭେ ତୋତେ ବର ଦେଉଅଛୁଁ ଶୁଣିବ ଚିତ୍ତେ । ଏହା ମଥା ଉପରେ ତୁ ବସୁଥିବୁ ନିତ୍ୟେ ॥ ତ୍ରିପୁରି ବୋଇଲେ ପ୍ରଭୁ ଯେହ୍ନ ମୋର ସେବା । ଏଥିର ସନ୍ଦେଶ ମୋତେ ଫେଡ଼ି କହିଦେବା ॥ ରାଧିକା ବୋଇଲେ ତୁ ଯେ ହୋଇବୁ ତୁଳସୀ । ବେଣୁକର ଶ୍ରୀକୃଷ୍ଣ ମଥାରେ ଥିବୁ ବସି । ତୋତେ ସେ ଯେ ଅପ୍ରାଧ ଅର୍ଜିଲ୍ଲ ବାଦ୍ୟମାନେ । ବେଣୁଙ୍କର ମଥାରେ ବସିବୁ ସବୁଦିନେ ॥ ଯେତେବେଳେ ଏଠାରେ ଉସ ପ୍ରବେଶ ହୋଇଲ । ଦଣ୍ଡକ ଭିତରେ ଦଶସପ୍ତ ଯୁଗ ଗଲ ॥ ରାଧାକୃଷ୍ଣ ବଚନ ତ୍ରିପୁରି କର୍ଣ୍ଣେ ଶୁଣି । ନିତ୍ୟସ୍ଥଳ ଛାଡ଼ି ରୂପ ଛାଡ଼ିଲ୍ଲ ତରୁଣୀ । ଦ୍ୱାରେଣ ଥୋଇଲେ ଯେ ଯେ ନିଜଛୁପବେଶ । ଅଂଶ ଯେହ୍ନ ବଜେ କଲ୍ଲ ଶୁଣ ପଣ୍ଡ ଶିଷ୍ୟ । ଏଥୁ ଅନନ୍ତରେ ତୁ ହୋ ଶୁଣ ଫାଲଗୁନ । ତ୍ରିଶାଖାରେ ମିଳିଲ୍ଲ ଯେ ତ୍ରିପୁରିକାମିନୀ । ମାନବବସ୍ତୁଙ୍କୁ ଯେହ୍ନ ପାଉଅଛୁ ଶୋଭି । ଛନଦଳ ଛାଡ଼ି ଆସି ଷଡ଼ଦଳେ ଉଭା । ଷଡ଼ଦଳ ଛାଡ଼ି ସେ ଯେ ଷୋଳଦଳେ ପଶି । ତହୁଁ ପୁଣ ବତିଶଦଳରେ ମିଶେ ଆସି ॥ ବତିଶକୁ ଛାଡ଼ି ଚଉଷଠୀରେ ପ୍ରବେଶ । ଅନ୍ୟ ଗୋପୀ ଯେତେକ ଯେହ୍ନଲ୍ଲ ତାଙ୍କ ଅଂଶ ॥ ବାସନା ଯେହ୍ନ ସେ ତହୁଁ ଅଇଲ୍ଲକ ବାଲୀ । ଶୃଙ୍ଗାର ଶୃଙ୍ଗଘାଟେ ଅଇଲ୍ଲ ନକଳ ॥ ପୂର୍ବ ସରୋବର ଶିଖେ ଶିଖାଦଳ ସଂଙ୍ଗ । ତହୁଁ ଆସି ପ୍ରବେଶ ହୋଇଲ୍ଲ ଅତିବେଗେ ॥ ଶାଖାଦଳ ମଧ୍ୟମା ଦ୍ୱାଦଶଦଳ ସ୍ଥାନ । ସବୁଠାରେ ଭ୍ରମିଣ ହରଷ ତାଙ୍କ ମନ । ଗୋପୀ ଗୋପାଳଙ୍କ ଭୁବନରେ ଯାଇ ପଶି । ତହୁଁ ପୁଣି କାଳନ୍ଦୀଜଳରେ ଆସି ମିଶି ॥ କାଳନ୍ଦୀଜଳରେ ସେ ଯେ ବସ୍ତୁ ନାମେ ଭୁମି । ଅନନ୍ତ ମୁଖରୁ ଖସି ବୈକୁଣ୍ଠ ବିଶ୍ରାମି ॥ ତହୁଁ ପୁଣ

ଆସି ସେ ଗରୁଡ଼ପୁରେ ପଶି । ଦେବତାରୁ ଜଣେ ଅସି ପ୍ରକୃତିରେ ମିଶି ॥ ପ୍ରକୃତିର ଜଣେ ଯାଇ ତ୍ରିକୂଟରେ ଥିଲା । ସହସ୍ର ଶିଖାରେ ଆସି ମିଳିଲେକ ବାଳୀ ॥ ସହସ୍ରେ ମୂରତି ବେଶଧରି ଦ୍ରବ୍ୟ ଯୋଗ । ଦଶଦ୍ୱାରେ ଦଶରୂପ ଧରି ହୋଇ ଉଗ୍ର ॥ ବ୍ରହ୍ମାଣ୍ଡ ହାଣ୍ଡିରେ ଆସି ତ୍ରିକୂଟରେ ଥିଲା । ଦଶଦ୍ୱାରୁ ଆସି ସୁଷୁମ୍ନା ଦ୍ୱାରେ ମିଳ ॥ ତହୁଁ ପୁଣି ମିଳିଲା ବିରଜା ନଦୀ ପାଶ । ନଦୀ ଶିଖେ ଚଉଦ୍ୱୀପେ ଶୃଙ୍ଗରେ ପ୍ରବେଶ ॥ ଶୃଙ୍ଗରୁ ଖସିଣ ପୁଣ ବ୍ରହ୍ମାଣ୍ଡରେ ପଶି । ଗୋଲୋକ ତଳେ ଦେବଲୋକରେ ଆସି ମିଶି ॥ ତହୁଁ ପୁଣ ଖସି ଇନ୍ଦ୍ରଭୁବନେ ପ୍ରବେଶ । ଯେତେ ସ୍ଥାନେ ନାନା ରୂପେ ହୋଇଲା ସେ ବେଶ ॥ ଅଗ୍ନି ସେ ପବନ ତ୍ରିଲୋକ୍ୟ ଇନ୍ଦ୍ର ଦୁଇ । ତହିଁରୁ ଖସିଣ ସୂର୍ଯ୍ୟଲୋକେ ଆସି ହୋଇ ॥ ସୂର୍ଯ୍ୟଲୋକ ଛାଡ଼ିଣ ସେ ଯମଦ୍ୱାରେ ପଶି । ତହୁଁ ପୁଣ ମର୍ତ୍ତ୍ୟପୁରେ ଜନମିଲେ ଆସି ॥ ମାନବବସ୍ତୁଙ୍କୁ ହୋଇ ମନରେ ହରଷ । ଯାଙ୍କ ଶୁଭଯୋଗେ ଆସି ହୋଇଲେ ପ୍ରବେଶ ॥ ରାଧାକୃଷ୍ଣ ଶାପ ତାଙ୍କୁ ଅବଶ୍ୟ ଫଳିଲା । ଶ୍ୟାମକୃଷ୍ଣ ଦାସ ଏହା ଗୀତରେ କହିଲା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ମାନବା ବସ୍ତୁ ଓ ତ୍ରିପୁର ଶାପ ବିଷୟ କଥନେ ନାମ ବିଂଶୋଽଧ୍ୟାୟଃ ।

—— ※ ——

ଏକବିଂଶ ଅଧ୍ୟାୟ ।

ଶ୍ରୀହରି ବୋଇଲେ ଭୁ ହେ ଶୁଣ ବୀର ପାର୍ଥ । ବସ୍ତୁଙ୍କୁ ହୋଇ ତ୍ରିପୁର ମର୍ତ୍ତ୍ୟପୁରେ ଜାତ । ଦୁଇଲୋକ ବିଗ୍ରହ ଯେ କଲେ ଗୁପ୍ତଭାବେ । ଦନୁଜକୁଳରେ ଆମ୍ଭେ ଜନମିବା ଯେବେ ॥ ଦେବତାମାନଙ୍କର ଖଣ୍ଡିବା ସବୁ ସୁଖ । ତାଙ୍କ ହସ୍ତେ ମଲେ ମିଳି ଯିବ ଆମ୍ଭ ଦୁଃଖ ॥ ଏମନ୍ତ ବୋଲିଣ ସେ ଜନମ ହେଲେ ଯହିଁ । ଦୈତ୍ୟରୂପେ ବେଣକୁଳେ ଜନମିଲେ ତହିଁ ॥ ମଧୁଦୈତ୍ୟ କୁଳରୁ ସେ ବସ୍ତୁ ହୋଇ ଗଲା । ମଧୁଦୈତ୍ୟ ବୋଲି ତହିଁ ପ୍ରବେଶ ହୋଇଲା ॥ ବସ୍ତୁ ଅଂଶ

ହୋଇ ସେ ଯେ ହୋଇଲା ଜନମ । ସର୍ବପଣେ ପୃଥ୍ୱୀରେ ନାହିଁ ତାଙ୍କୁ ସମ ॥ ବୃନ୍ଦାସୁର ବୋଲି ଏକ ନାମେଣ ଦଇତ୍ୟ । ତାହା କୁଳେ ତ୍ରିପୁର ଯେ ହୋଇଲାକ ଜାତ ॥ ବୃନ୍ଦାସୁର ଦୈତ୍ୟ ଝିଅ ତ୍ରିପୁରସୁନ୍ଦରୀ । ବୃନ୍ଦାବତୀ ନାମ ସେ ବହିଲା ତେଣୁକରି । ଜନ୍ମ ହେଲେ ସେ କନ୍ୟା ହୋଇଲା ନବଯୁବା । ସ୍ୱୟଂବରପଣରେ ଜୟ ପଣ୍ଡାନ୍ତର ଦେବା ॥ ପୃଥ୍ୱୀ ଭିତରେ ତାଙ୍କୁ ନ ମିଳିଲା ବର । ତେଣୁକରି ପିତା ତାର କଲା ସ୍ୱୟମ୍ବର ॥ ସୁର ଯେ ଅସୁର ମଧ୍ୟେ ନୃପତି ମିଳିଲେ । ସେ କନ୍ୟାକୁ ବରପଣେ କେହୁ ଯେ ନୋହିଲେ ॥ ବିଷ୍ଣୁ ବୋଇଲେ ଏହା କେ କରିବ ଭୋଗ । ବିଷ୍ଣୁ ବିନା ଏ କନ୍ୟାକୁ ଆନ ନୁହେ ଯୋଗ୍ୟ ॥ ରାଜାଗଣମାନଙ୍କର ଶୁଣିଣ ବଚନ । କୋପେଣ ଉଠିଲା ମଧୁଦୈତ୍ୟର ନନ୍ଦନ ॥ ବୃନ୍ଦାବତୀ ପାଖକୁ ନିକଟ ହୋଇ ଗଲା । ବେନଜର ଧରି ତାଙ୍କୁ ରଥେ ବସାଇଲା । ଦେଖିକରି ଅସ୍ତର୍ଦ୍ଧ୍ୟ ହୋଇଲେ ଦେବଗଣ । ଆଗରେ ଉଗାଳି ଯାଇଁ କଲେ ମହାରଣ ॥ ନାନା ଶସ୍ତ୍ର ଘେନିଣ ସେ ଯୁଦ୍ଧ କଲେ ଭଲା । ଏକା ସେ ସବୁଙ୍କୁ ଜିଣି କନ୍ୟା ଘେନିଗଲା ॥ ଆପଣା ମନ୍ଦିରେ ନେଇ ଭର୍ତ୍ତା ତାଙ୍କୁ ହୋଇ । ପୃଥିବୀ ଭିତରେ ତାଙ୍କୁ ସରିସମ ନାହିଁ ॥ ଯେଉଁଦିନ ବୃନ୍ଦାବତୀ ହୋଇଲା ସେ ଭର୍ତ୍ତା । ବେଳୁ ବେଳ ତେଜ ତାର ବଢିଲାକ ଶୋଭା ॥ ଯେଉଁ ଶାପ ଦେଇଥିଲେ ନନ୍ଦୀକାର ହର । ରାଧାକୃଷ୍ଣ ବଚନ କେ ପାରେ ଆନ କରି ॥ ତ୍ରିପୁରଙ୍କୁ ଶାପ ସେ ଯେ ଅନ୍ୟଥା ନୋହିଲା । ମାନବାବସ୍ଥାରେ ଆସି ଭାରିଯା ହୋଇଲା ॥ ଅପର୍ବ ସୁନ୍ଦରୀ ସେ ଯେ ବୃନ୍ଦାବତୀ ନାରୀ । ରୁକ୍ମିଣୀ ରମ୍ଭାହିଁ ତାଙ୍କୁ ନୋହେ ସମସର ॥ ପତିରେ ଭକତା ସେ ହୋଇଲା ଦିବ୍ୟ ବାମା । ସତୀବ୍ରତ ପାଳିଲା ସେ ବୃନ୍ଦାସୁର ଜେମା ॥ ନିଷ୍ଠାକରି ସୁନ୍ଦରୀ ପାଳିଲା ସତୀବ୍ରତ । ତାହା ହେତୁ ଦାନବ ଯେ ଜିଣିଲା ଜଗତ ॥ ଯମ ହୁତାଶନ ଅଗ୍ନି ପବନ ସହିତେ । ସବୁଙ୍କୁ ସଂଗ୍ରାମେ ଜିଣି ବସାଇଲା

ରଥେ ॥ ବିଷ୍ଣୁଙ୍କ ସନ୍ନିଧେ ଜାଣି ନେଲେ ମହାବୀର । ବ୍ରହ୍ମାଙ୍କ ସହିତେ ଯେ ତେତିଶକୋଟି ସୁର ॥ ଭରଣ ପ୍ରାପତ କରି ସବୁନ୍ତ ମଣିଲେ । ବିଷ୍ଣୁ ଅଂଶୁ ଜାତ ହୋଇ ବିଷ୍ଣୁଙ୍କୁ ଜାଣିଲେ ॥ ଏକା ରଥେ ସବୁଙ୍କୁ ସେ ବସାଇଲେ ଧରି । ସମୁଦ୍ରକୂଳରେ ସେ ଯେ ପାଞ୍ଚଣାଏ ଥରି ॥ ଆପଣାର କରି ସେ ରଚିଲେ ମହାପୁରି । ସୃଷ୍ଟି ପାଇ ସମସ୍ତେ ସେ ନ ଗଲେ ଯେ ଘରି ॥ ସାନ ମାନ୍ୟ ବଡ଼ଯାକ ସବୁନ୍ତି ସେ ଯାକ । ପଦ୍ମ-ଡ଼ରେ କେହି ଆଉ ନ ଯାନ୍ତି କେବେକି ॥ ପାଞ୍ଚଣା ଭିତରେ ପଶି ସମସ୍ତେହେଁ ଥାନ୍ତି । ପ୍ରାଣରେ ମାରିବ ବୋଲି କେଣିକ ନ ଯାନ୍ତି ॥ କଇଲାସ ପୁରକୁ ନ ଗଲେ ଏକା ଯେହି । ଏକାଏ ସାଧିଲେ ଶିବ ନବଖଣ୍ଡ ମହୀ ॥ ଯେତେବେଳେ ଶ୍ରୀମଜ୍ଜନ୍ମ ହେବେ ଜନ୍ମ । ସେ କାଳର କଥା ତୁ ହୋ ଜାଣିଥାଅ ପୁଣି ॥ ଉତ୍ତମଶ୍ଳୋକ ଅଟଇ ଯେଣୁ ଅମ୍ଭ ନାମ । ବଉଦରୂପରେ ଅମ୍ଭେ ହୋଇବୁଁ ଯେ ଜନ୍ମ ॥ ମୋହ ନାମରତ୍ନ ଏ ଅମୃତରସ ସାର । ଧୀନକୃଷ୍ଣ ଦାସ ଏହା ହୃଦରେ ଧରିବ ॥

ଇତି ଶ୍ରୀନାମରତ୍ନଗୀତାଯାଂ ଶ୍ରୀହରିଅର୍ଜୁନସମ୍ବାଦେ ଶ୍ରୀ ବୃନ୍ଦାବନ ସ୍ୱୟମ୍ଭୁର କଥନେ ନାମ ଏକତ୍ରିଂଶେ ଧ୍ୟାୟଃ ।

ଦ୍ୱାତ୍ରିଂଶ ଅଧ୍ୟାୟ ।

ଅର୍ଜୁନର ଅଗରେ କହିଲେ ଭବଗ୍ରାହୀ । ଏକମନେ ଶୁଣ ତୁମ୍ଭେ ପଣ୍ଡୁର ତନୟ ॥ କଇଳାସ ସ୍ଥାନ ତାହା ମନେ ନ ପଡ଼ିଲା । ତେଣୁ କରି ମହାଦେବଙ୍କୁ ସେ ଛାଡ଼ିଗଲା ॥ ମନ୍ଦିର ହିକାର ବଳେ ପଶିଗଲା ରାଜ୍ୟ । ସ୍ୱର୍ଗ ମଣ୍ଡ ବେନାର କଲି ସଙ୍ଗ ଜୟ ॥ ଯାମରଥ ପଶେ ମୋତେ କେ ପାରିବ ନିଧି । ପାଞ୍ଚଣା ବସାଇ ବ୍ରହ୍ମା ଚିଷ୍ଟି କଲି ବନ୍ଧ ॥ ପହିଲେ ଦେଖିଲେ ମୋତ ନ ରହିଲ ଦେହ । ଅଉ ଅକସ୍ଥ ଅଷ୍ଟ କେ ତାହା ମୋତେ କହ ॥ କିବାର ବରଜନ ମନ୍ତ୍ରୀ କହୁଅଛି ବନ୍ଧି ।

ସବୁଙ୍କୁ ଜିଣିଲୁ ଏକା ଈଶ୍ୱରଙ୍କୁ ଛାଡ଼ି ॥ ସେ ମହାଦେବଙ୍କୁ ରାଜା ପାରିଲେ ଯେ ମାରି । ଚଉଦଭୁବନେ ଅଛି ତୋହ୍ନେ ନାହିଁ ସରି ॥ ନୃପତି ବୋଇଲା ମୁଁ ଯେ ପଚାରୁଛି ତୋତେ । କାହିଁ ଅଛି ଈଶ୍ୱର ଯେ କହିବଅ ମୋତେ । ହାଣ୍ଡି ଘୋଡ଼ା ସୈନ୍ୟ ବଳ କର ଏବେ ସଜ । ନିଶ୍ଚୟ ଈଶ୍ୱର ମୁଣ୍ଡ କାଟିବି ମୁଁ ଆଜ ॥ ମନ୍ତ୍ରୀ ବୋଲେ କହିଲେ ନ ସରେ ତାର କଥା । ଯୋଗେଶ୍ୱର ପୁରୁଷ ସେ ବଡ଼ ସାମରଥା ॥ କଇଲାସ କନକେ ଅଛଇ ତାର ଘର । ବଚନେ କହି ନୁହଇ ଅଲଙ୍ଘିତ ବୀର ॥ ଯୋଗେଶ୍ୱର ପୁରୁଷ ଅଟନ୍ତି ପଞ୍ଚାନନ । ତାହାର କୋପକୁ କେହି ନୁହନ୍ତି ଭଜନ ॥ କୋଟି କୋଟି ବ୍ରହ୍ମା ବିଷ୍ଣୁ କୋଟି ସୁରପତି । ଏମାନେହେଁ ନାଶ ଗଲେ ଥାଇ ସେହି ବର୍ତ୍ତି ॥ ନିଶ୍ଚୟ ମୋହର ବୋଲ କର ନୃପମଣି । ତାହାସଙ୍ଗେ ଯୁଦ୍ଧକଲେ ନ ପାରିବୁ ଜିଣି ॥ କୋଟି ଅଇଶ୍ୱର୍ଯ୍ୟ ନେତାତେ ହୋଇଛନ୍ତି ପ୍ରାପତ । ଏହା ଛାଡ଼ି କପାଇଁ ତୁ କରୁ ଲୋଭନତ୍ତ ॥ ଏଥକୁ ନୃପତି ମନେ ନ କରିବୁ ରୋଷ । ଛାମୁରେ କହୁଛି ମୁହିଁ କିଛି ନାହିଁ ଦୋଷ ॥ ମନ୍ତ୍ରୀର ବଚନେ କୋପକଲା ମହାବାହୁ । କୋଟି ଈଶ୍ୱର ହୋଇଲେ କରିବି ମୁଁ ଜୟ ॥ ପ୍ରତିଜ୍ଞା କରଣ ରାଜା ମନେ କଲା ରୋଷ । କଇ- ଲାସପୁରେ ଯାଇଁ ହୋଇଲା ପ୍ରବେଶ ॥ ଥାଟ ସୈନ୍ୟ ଘେନିଗଲା ମନର ଉଛାହେ । ରୁଦ୍ରଗଣମାନେ ଆସି ଉଗାଳିଲେ ବାଟେ ॥ ନାନା ଶସ୍ତ୍ର ଧରିଣ ଆରମ୍ଭ କଲେ ଯୁଦ୍ଧ । ହାତୀ ,ଘୋଡ଼ା ରଥୀ ଯେ ହୋଇଲେ ପ୍ରାଣେ ବଧ ॥ ତାହା ଦେଖି ଦାନବ ଯେ ମହାଭୟ କରି । ରୁଦ୍ରଗଣମାନଙ୍କୁ ସେ ଗୋଡ଼ାଇଲେ ମାରି ॥ ଈଶ୍ୱରଙ୍କ ଛାମୁରେ କହିଲେ ରୁଦ୍ରଗଣ । ବୋଇଲେ ଦାନବ ଆସି କଲା ମହାରଣ ॥ ଅମ୍ଭେମାନେ ତାହାଙ୍କୁ ଯେ ନ ପାରିଲୁଁ ଜିଣି । ଶୁଣିକରି ଈଶ୍ୱର ଉଠିଲେ ଶୀଘ୍ରହୁଣି ॥ ମହାଯୁଦ୍ଧ କଲେ ଷଣେ ନାହିଁ ଯେ ବିଶ୍ରାମ । ବେଳୁଁ ବେଳୁଁ ଈଶ୍ୱର ଯେ କଲେ ମହାତମ ॥ ତ୍ରିଶୂଳ ଡମରୁ ଧରି ବୃଷଭରେ ଚଢ଼ି ।

ଧବଳ ପର୍ବତ ଯେତେକ ଅସୁ ଥାଇ ମାଡ଼ି ॥ ଦେଖିଣ ଦାନବ ବଳ ପଳାଇଲେ ଡରେ । ମଧୁଦୈତ୍ୟ ପୁତ୍ର ଏହା ରହିଲା ନିର୍ଭରେ ॥ ମୁଖାମୁଖ ସଂଗ୍ରାମେ ବଢ଼ିଲା ମହାରଣ । ଏକକୁ ଅନେକ ଯେ ଚଉଦିଗରେ ହାର ଜଣ ॥ ଅସ୍ତ୍ରମୟ ଦେଖିଣ ଗ୍ଲାନିଲେ ଦୈତ୍ୟବଳ । ମନ୍ତ୍ରିକି ବୋଇଲେ ମୁଁ ଯେ ନ କଲି ତୋ ବୋଲ ॥ କେମନ୍ତ ପ୍ରକାରେ ମୁଁ ଯେ ଜିଣିବିଟି ଜାଣି । ଏଥିର ଉତ୍ତର ମୋତେ ମନ୍ତ୍ରୀ କହ ଦେଖି ॥ ରାଜା ବଚନେ ମନ୍ତ୍ରୀ କହିଲା ମନ୍ଦ ବାଣୀ । ଯୋଗେଶ୍ୱର ପୁରୁଷ ଅଟନ୍ତି ଶୂଳପାଣି ॥ ଭାରଯା ପାର୍ବତୀ ତାର ବ୍ରତ କଲା ନିଷ୍ଠା । ପଢ଼ିରେ ବକତା ସେ ଯେ ମହାସତୀ ଗୋଷ୍ଠା ॥ ତୋହର ଭାରଯା ପତିବ୍ରତା ଯେଣୁ ହୋଇ । ତେଣୁ କରି ଜିଣିଲୁ ତୁ ନବଖଣ୍ଡ ମହୀ ॥ ଏମନ୍ତ ବଚନ ମନ୍ତ୍ରିବର ମୁଖୁଁ ଶୁଣି । ସେ ରାଜା ବୋଲଇ ଶୁଣ ମନ୍ତ୍ରି ମୋର ବାଣୀ ॥ କେମନ୍ତ ପ୍ରକାରେ ତା ବ୍ରତ ହୋଇବ ଭ୍ରଷ୍ଟ । ତ ହାଦେଲେ ସମରେ ହାରିବ ନୀଳକଣ୍ଠ ॥ ନାମରତ୍ନ ଗୀତା ଅଟେ ପଦ୍ୱଶ କାହାଣୀ । ଧନକୃଷ୍ଣ ଦାସ ଏହା ସ୍ୱବରେ ଯେ ଭଣି ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ରୁଦ୍ର ଏବଂ ଦୈତ୍ୟ ଯୁଦ୍ଧ ବିଷୟ ବର୍ଣ୍ଣନେ ନାମ ଦ୍ୱାବିଂଶୋଽଧ୍ୟାୟଃ ।

—— o ——

ତ୍ରୟୋବିଂଶ ଅଧ୍ୟାୟ ।

ଅର୍ଜୁନଆଗରେ ଯେ କହନ୍ତି ଚକ୍ରପାଣି । ଶୁଣ ତୁମ୍ଭେ ନାମରତ୍ନଗୀତାର ଯେ ବାଣୀ ॥ ରାଜା ପଚାରିଲା ଯହୁଁ ବ୍ରତନଷ୍ଟକଥା । ମନ୍ତ୍ରୀବର ବୋଲେ ଦେବ ଶୁଣ ମହାରଥୀ ॥ ମହାଦେବ ଜାୟାକୁ କପଟେ ତୁ ହର । ପତିବ୍ରତା ଭଙ୍ଗ କରି ଈଶ୍ୱରଙ୍କୁ ମାର ॥ ମାୟାରୂପ ଧରିକରି ଧାଡ଼କାରେ ଯାଅ । ହିମବନ୍ତନନ୍ଦିନୀଙ୍କ ହରି ସୁଖ ପାଅ ॥ ମନ୍ତ୍ରିର ବଚନ ରାଜା ବେନିକର୍ଣ୍ଣେ ଶୁଣି । ମାୟାରୂପ ଧଇଲା ଦାନବ ନୃପମଣି ॥ କଇଲାସ କନ୍ଦରେ ସେ ଯୁଦ୍ଧ କରୁଥିଲା । ମାୟାରୂପ ଧରି ଆନ ରୁଦ୍ରପକ ହୋଇଲା ॥ ମହାଦେବ ସମ୍ମୁଖରେ ସେ ଆନ ମୂର୍ତ୍ତି ଦେଇ । ଆପଣେ ଅଇଲା ଯହୁଁ

ଅନ୍ତର୍ଦ୍ଧାନ ହୋଇ । ଏମନ୍ତ ସମସ୍ତେ ତୁ ହୋ ଶୁଣସି ଅର୍ଜୁନ ।
ପାର୍ବତୀ ସମ୍ମୁରେ ଅମ୍ଭେ କଲୁଁ ଯେ ଗମନ ॥ ବୋଇଲୁଁ ଗୋ ଶିବ-
କାନ୍ତ ସାବଧାନ ହୁଅ । କପଟେ ହରକ ହୋଇ ମନ୍ଦ ଦୈତ୍ୟପୁଅ ॥
ଈଶ୍ୱରଙ୍କ ସଙ୍ଗତେ ସେ ଯୁଦ୍ଧ କରୁଥିଲା । ମାୟାରୂପ ହେଣେ ହୋଇ
ଆପଣେ ଅଇଲା ॥ ଜେଣୁ କରି ବାରତା କହିଲୁଁ ଅମ୍ଭେ ଆସି । କାଠ
ପୋକ କରଣ ତାହାଙ୍କୁ ଶାପ ଦେସି ॥ ଏତେ ବୋଲି ଅନ୍ତର୍ଦ୍ଧାନେ
ଗଲୁଁ ଅମ୍ଭେ ତହୁଁ । ଦାନବହିଁ ପ୍ରବେଶ ହୋଇଲା କହୁଁ କହୁଁ ॥
ପାର୍ବତୀ ସମ୍ମୁଖେ ଆସି ହୋଇଲା ପ୍ରବେଶ । ନିଜରୂପ ଗୋପ୍ୟ କଲା
ଦୁରନ୍ତ ରାକ୍ଷସ ॥ ସଂଗ୍ରାମ କରିବା ପ୍ରାୟେ ଅସିଅଛି ସାଜି । ରକତହିଁ
ବହୁଅଛି ଦେହେ ଶସ୍ତ୍ର ବାଜି ॥ ଈଶ୍ୱରଙ୍କ ଚିହ୍ନ ବର୍ଣ୍ଣି ଈଶ୍ୱରଙ୍କ ମୂର୍ତ୍ତି ।
ପାର୍ବତୀ ସମ୍ମୁଖେ ଆସି ମିଳିଲା ତତ୍କ୍ଷଣ । ବୋଇଲେ ବହୁଯୁଦ୍ଧ
ଅସୁର ସଙ୍ଗେ କଲୁଁ । ସଂଗ୍ରାମରେ ତାହାଙ୍କୁହିଁ ଜିଣି ନ ପାରିଲୁଁ ॥
ତାମସ୍ତ୍ରେ ଭ୍ରମ ଯେ ହୋଇଲା ମୋର ଦେହୀ । ସୁରତ ଦେଇଣ
ମୋତେ ରଖ ପ୍ରାଣସହି ॥ ଦାନବର ବଚନେ ଯେ ବୋଇଲେ
ପାର୍ବତୀ । ସଂଗ୍ରାମର ହେଳେ କାହିଁ କେ କରଇ ରତି ॥ ଏକଥାରେ
ମନ ତୁମ୍ଭ ଦଅନାହିଁ ହର । ଯୁଦ୍ଧରେ ପଶିଣ ଆଗେ ଦାନବକୁ
ମାର ॥ ଏବେ ତୁମ୍ଭ କାହିଁ ଲୋ ନ କର ଦେବକାର୍ଯ୍ୟ । ଦାନବକୁ ମାରି
ତୁମ୍ଭେ ଭୋଗ କର ଆସି ॥ ଏତେ ବୋଲି ମନଧ୍ୟାନେ ଲକ୍ଷ୍ୟ କଲେ
ହର । ହୃଦୁଥ ବୋଇଲେ ଏ ନୁହଇ ମୋ ଈଶ୍ୱର ॥ ମାୟାରୂପ ଧରି
ଅଛିଅଛି ଯେ ରାକ୍ଷସ । ମନ୍ତ୍ରାକ୍ରାନ୍ତ ଜାଣିଲେ ଈଶ୍ୱର ଯିବେ ନାଶ ॥
ଏତେ ବୋଲି ମନରେ ଯେ ମହାତାପ ଘେନି । ଦୈତ୍ୟକୁ ଶାପ
ଦେଲେ ହିମବନ୍ତନନ୍ଦିନୀ ॥ ବୋଇଲେ ରେ ଦାନବ ଜୀବନ ତୋର
ଯୋଡ଼ୁ । ମାୟାରୂପ ଧରିଣ ଅମ୍ଭକୁ ନ ଛାଡ଼ୁ ॥ ମୋତେ ଯେବେ
କପଟ ତୁ କଲୁ ରେ ଦଣ୍ଡିତ । କାଠ ପୋକ ହୋଇଣ ମଞ୍ଚରେ ହୁଅ
ଜାତ ॥ ପାର୍ବତୀଙ୍କ ଶାପ ପାଇ ପଳାଇଲା ଚୋର । ମହା ଯୁଦ୍ଧ କଲା

ଯାଇଁ ଭକ୍ତ ସଙ୍ଗରେ ॥ ପାର୍ବତୀ ବୋଇଲେ ଅମ୍ଭ ଶ୍ରୀମୁଖରୁ ଶୁଣି । ତହୁଁ ପାଟଣାରେ ତୁମ୍ଭେ ରହିଲ କିପାଇଁ ॥ ଏ ଯୁକ୍ତରେ ଭକ୍ତଙ୍କୁ ସେ ଅଇଲେ ଜାଣି । ସବୁ ଦେବତାଙ୍କ ମୁଣ୍ଡ ପକାଇବ ଜାଣି ॥ ପାର୍ବତୀ ବାକ୍ୟ ଶୁଣି ଆଜ୍ଞା ବହିଲୁ ଅମ୍ଭେ । ଏ କଥାକୁ କହୁ ଅଛୋ ନ ବଶ୍ଚର ତୁମ୍ଭେ ॥ ସତ୍ୟ କରି ଅଟମ୍ଭ ଯେ କହନ୍ତୁ ତୁମ୍ଭ ଆଗ । ତାହାର ମରଣ ଅସି ହୋଇଲାଣି ବେଗ ॥ ଏଥିଅନନ୍ତରେ ଶୁଣ ହୋ ଶୁଣ ସବ୍ୟସାଚ । ପାର୍ବତୀ ସମ୍ମୁଖରେ ଅସି ଏତେ କଥା ପାଞ୍ଚ ॥ ମନ ଉଦବେଗେ ଯେ ଗମନ କଲୁଁ ଧୀରେ । ପ୍ରବେଶ ହୋଇଲୁଁ ମଧୁଦୈତ୍ୟର ଯେ ପୁରେ ॥ ଦଣ୍ଡ କମଣ୍ଡଳୁ ଯେ ସନ୍ନ୍ୟାସ ବେଶ ହୋଇ । ବୃନ୍ଦାବତୀ ତୋଟାରେ ପ୍ରବେଶ ହେଲୁଁ ଯାଇ ॥ ମଧୁଦୈତ୍ୟ ସ୍ୱରୂପରେ କଲୁ ଏକ ପିଣ୍ଡ । ମାୟାବନ୍ଧ ଥୋଇଲୁଁ କାଟିଣ ତାର ମୁଣ୍ଡ ॥ ଗଣ୍ଡି ମୁଣ୍ଡ ଏକତରେ ପଡ଼ିଅଛି ଦୁଇ । ଛଳ ପାଇ ଅସନେ ବସିଲୁଁ ଅମ୍ଭେ ଯାଇଁ ॥ ମାୟାମୋହ ପେଷିଦେଲୁଁ ବୃନ୍ଦାବତୀ ଅଗେ । ତୋଟା ବୁଲିବାକୁ ବାମା ଅଇଲା ସେ ବେଗେ ॥ ଦାସୀ ପଞ୍ଚବାଣ ଘେନି ଅଇଲା ସେ ନାରୀ । ତୋଟାମାନ ବୁଲିଅଛି ଅପୂର୍ବ ସୁନ୍ଦରୀ ॥ ସେହି ବୃନ୍ଦାବତୀ ଶୁଣ ପରମ ଜତେଚ୍ୟା । ମଧୁଦୈତ୍ୟ ତାର ପତି ଅଟଇ ପ୍ରମାଣ । ଅମ୍ଭର ପ୍ରଭୁ ସେ ଅଟନ୍ତି ଶ୍ରୀଶ୍ୟାମସୁନ୍ଦର । ଶ୍ରୀ ପଦ୍ମା ଯେ ଶ୍ରୀମତୀ ଉପରେ ଅବତାର ॥ ମୋହ ନାମରତ୍ନ ଏ ଅମୃତ ରସମୟ । ଦୀନକୃଷ୍ଣ ଦାସ କହେ ଭାବରେ ନିର୍ଣ୍ଣୟ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପାର୍ବତୀ ଶାପଦେବା କଥନେ ନାମ ତ୍ରୟୋବିଂଶୋଽଧ୍ୟାୟଃ । ୨୩ ।

—○○○—

ଚତୁର୍ବିଂଶ ଅଧ୍ୟାୟ ।

ଅର୍ଜୁନର ଆଗରେ କହନ୍ତି ଚକ୍ରଧର । ହେଉ ମନେ ଶୁଣ ତୁ ହୋ ନାମରତ୍ନ ସାର । ମଧୁଦୈତ୍ୟ ଗଣ୍ଡି ମୁଣ୍ଡ ପଡ଼ିଅଛି ଯହିଁ । ବୃନ୍ଦା-

ବନ ପ୍ରବେଶ ହୋଇଲେ ତହିଁ ଯାଇଁ । ସନ୍ନ୍ୟାସିଙ୍କ ପାଶେ ଯାଇଁ ମାନ୍ୟଧର୍ମ କଲା । ତାହାଣ ଅତ୍ରିଙ୍କୁ ସେହୁ ଦେଖନ୍ତେ ଗୃହିଣୀ । ଦେଖି-ଲାକ ମହୃତ୍ତଦୈତ୍ୟ ଗଣ୍ଡି ମୁଣ୍ଡ ବେନ । ନିକଟରେ ଯାଇ ତାର ହୋଇଲା କାମିନୀ । ବକ୍ତ୍ର ବୋଇଲା ମୋର ମହାସତୀପଣ । ଭଗ୍ନ ନୋହୁ ପତିଙ୍କର ଏମନ୍ତ କଷଣ । ଏ ମୋହର ନିଜପତି ମହୃଦୈତ୍ୟ ଗ୍ରସ୍ତ । କେମନ୍ତ ପ୍ରକାରେ ଏହା କେ କଲାକ ଛସ୍ତ । ବକ୍ତ୍ର ବୋଇଲା ଏହା ଜାଣ ତ ସନ୍ନ୍ୟାସ । ଏ ମୋହର ପତିଙ୍କି କେ କଲା ପ୍ରାଣେ ନାଶ ॥ ଯୋଗେଶ୍ୱର ପୁରୁଷ ତୁ କହ ସତ୍ୟବାଣୀ । ଏ ମୋହର ଭର୍ତ୍ତାଙ୍କୁ କେ ପକାଇଲା ହାଣି । ବୃନ୍ଦାବତୀ ବଚନେ ଶୁଣିଲା ଅମ୍ଭ ଲୟ । ବୋଇଲୁଁ ସୁନ୍ଦରୀ ଗୋ ନ କର ମନେ ଭୟ । ତୋହର ଯେ ନିଜ ପତି ମନକୃତ୍ୟ କଲା । ଈଶ୍ୱର ସଙ୍ଗତେ ହାଦେ ଯୁଦ୍ଧ କରି ଗଲା । ଈଶ୍ୱର ଘରଯା ସେ ଯେ ନାମ ତା ପାର୍ବତୀ । ପତିରେ ଭକତା ଯେ ଯେ ଅଟେ ମହାସତୀ । ତାହାର ଯେ ବ୍ରତ ଗୋଟା ନରଖାର ଯେଣୁ । ଅପଣା ଭର୍ତ୍ତାଙ୍କୁ ସେ ଯେ ରକ୍ଷା କଲା ତେଣୁ । ତୋହ ପତିବ୍ରତ ଯେବେ ଅଟଇ ନିର୍ମଳ । ଗୃହସ୍ଥର ନାମ ଧରି ଡାକ ଏକ ବେଳ ॥ ଅପଣା ପତିଙ୍କି ଯେବେ ଜୀଅଇବୁ ପୁଣି । ପତିରେ ଭକତା ବୋଲି ତେବେ ଯିବା ଜାଣି । ଏମନ୍ତ ବୋଲିଣ ତାକୁ ମାୟା ଅମ୍ଭେ କଲୁ । ନିଜରୂପ ଘେନି ଯାଇଁ ପିଣ୍ଡରେ ପଶିଲୁଁ । କୁଟ କରି ଅସନରେ ଲୁହାଇଲୁଁ ଯଶ । ଜାଣି ନ ପାରିଲା .ବାମା କଥାର ସନ୍ଦେଶ । ପତି ନାମ ଧରିଣ ଡାକିଲା ବୃନ୍ଦାବତୀ । ଜୀବଦାନ ପାଇ ପିଣ୍ଡ ଉଠିଲା ତଡ଼ତି ॥ ମହୃତ୍ତଦୈତ୍ୟ ପ୍ରାପ୍ତ ଅମ୍ଭେ ହଶିଲୁଁ ଯେ ତାକୁ । ହସ୍ତ ଧରି ନେଲା ସେ ଅପଣା ନଗରକୁ । ଅମ୍ଭ ଅଙ୍ଗ ଗୋଟାଙ୍କୁ ବହୁତ ମାନ୍ୟ କଲା । ଗୃହସ୍ଥର ହସ୍ତ ଧରି ବେଗେ ଘେନିଗଲା । ସ୍ନାନ ଯେ ତାହାକୁ ବେଗେ କରାଇ ସୁନ୍ଦରୀ । ନଶାରେ ଶୋଇଲା ସେ ଅମ୍ଭଙ୍କୁ କୋଳ-କରି । ପ୍ରୀତି ସୁଖ ଭାବରେ ରମଣରସ କଲୁଁ । ସତୀବ୍ରତପଣ ଗୋଟା

ଭଗ୍ନକର ଦେଲେ । ସେହିକ୍ଷଣି ଅପ୍ରଶସ୍ତା ହୋଇଲା ତା ପିଣ୍ଡ । ଈଶ୍ୱର କାଟିଲେ ଏତେଣ ମତ୍ସ୍ୟଦୈତ୍ୟ ମୁଣ୍ଡ ॥ ଅମ୍ଭ ପ୍ରୀତି ଭାବକୁ ତା ନ ରସିଲା ମନ । ବୋଇଲା ତୋ ରଷ୍ଠପୁଖ ଜଣାଯାଏ ଅନ । କେବଣ ପୁରୁଷ ତୁ ହୋ ମୋତେ ସେହ୍ନ କହ । ନ କହିଲେ ଶାପ ଦେବି ନାଶଯିବ ଦେହ ॥ ବୃନ୍ଦାବତୀ ବଚନେ ଧଇଲେ ତାର ହସ୍ତ । ବୋଇଲେ ନ ଦଅ ଶାପ ଅମ୍ଭେ ଜଗନ୍ନାଥ । ସ୍ୱାମୀ ନାଶଗଲାକୁ ତ ପାଞ୍ଚ ମନବ୍ୟଥା । ଏବେ ଅମ୍ଭେ ତୋହର ହୋଇବୁଁ ନାଥ ଭର୍ତ୍ତା । ତାହା ଭୋଗ ଯେତେ ଥିଲା ତେତେଦିନ ଗଲା । ଦେବତାଙ୍କ ହିଂସାସି ଈଶ୍ୱର ହସ୍ତେ ମଲା ॥ ସତେହେଁ ସେ ଅମ୍ଭ ତହୁଁ ନୁହଇ ସେ ବଡ଼ । ହୋଇଲେ ଅମ୍ଭର ପତ୍ନୀ ମନଭ୍ରାନ୍ତ ଛାଡ଼ । ଶ୍ରୀମୁଖ ବଚନେ ବୃନ୍ଦାବତୀ କଲେ ରୋଷ । ବୋଇଲେ ମୁଁ ଶାପ ତୋତେ ଦେବଇଁ ଅବଶ୍ୟ । ମର୍ତ୍ତ୍ୟ ଜନେ ବରଣ ତୁ ନେବାଇଲୁ ପ୍ରାଣ । ମୋହ ଶାପ ଫଳେ ହୋଇ ହୃଅ ତୁ ପାଷାଣ ॥ ବୃନ୍ଦାବତୀ ବଚନେ ସେ କଲେ ମହାକୋପ । ବୋଇଲେ ଯେ ଅମ୍ଭେ ତୋତେ ଦେଉଅଛୁଁ ଶାପ ॥ ଅମ୍ଭେ ଯେବେ ପାଷାଣ ହୋଇବୁଁ ତୋର ବୋଲେ । ତୁହି ଏବେ କାଷ୍ଠ ହୋଇଥିବୁ ତାର କୂଳେ ॥ ଚନ୍ଦ୍ର ସୂର୍ଯ୍ୟ ଯେତେଦିନ ଥିବେ ବସୁନ୍ଧରା । ଅମ୍ଭ ଶାପ କେବେହେଁ ନୁହଇ ଅନାକର ॥ ଶୁଣିଣ ବୃନ୍ଦାବତୀର ଉଡ଼ିଲା ସାହସ । ଲେଉଟି ଅମ୍ଭଙ୍କୁ ଆଉ ନ କହିଲା ଭାଷ ॥ କ୍ଷଣେକେ ରହି ଅମ୍ଭଙ୍କୁ ପୁଣି କଲା ସ୍ତୁତି । ବୋଇଲାକ ବନ୍ଧୁ ତୁ ହୋ ମେଛୁଅ ଯେ ଅଟ । ଯେତେବେଳେ ମର୍ତ୍ତ୍ୟସ୍ଥଳେ ଥିଲୁଁ ଦିବ୍ୟସ୍ତ୍ରୀବେ । ରାଧାକୃଷ୍ଣ ବି ବୋଇଲେ ନାହିଁ କି ତୋ ମନେ ॥ ତାହାଙ୍କ ବଚନ କର୍ଣ୍ଣ ଦଅର୍ଥିଲୁ ଯିବ । ବୋଇଲେ ତୋହର ମନେ ଅବଶ୍ୟ ସେ ଥିବ ॥ ତୁ ତାହାକୁ ଶାପ ଦେଇ କରିବୁ ପାଷାଣ । ପ୍ରଭୁଙ୍କର ବଚନ କି ହୋଏ ଅପ୍ରମାଣ ॥ ତେଣୁକରି ତୋତେ ଯେବେ ଅଇଲୁ ଯେ ମୁହିଁ । ତୋ ଅଂଶରେ ଜନ୍ମକଲା ମତ୍ସ୍ୟଦୈତ୍ୟ ହୋଇ ॥ ତାହାକୁ ତୁ ମାରିଲୁ ମହେଶ୍ୱର

ହସ୍ତେ । ସପ୍ତବ୍ରତ ଖଣ୍ଡି ପୁଣ ହରିଲୁ ତୁ ମୋତେ ॥ ତେତେବେଳେ ମୋହ ଅଗେ କହିଲୁ ଯେ କଥା । କହିଲୁ ତୋହର ଅମ୍ଭେ ହୋଇବୁଁ ଯେ ଭର୍ତ୍ତା ॥ ଅଶୀକୋଟି ଅଛନ୍ତି ତୋହର ପାଟରାଣୀ । ତୁହି ଯେ ମୋତେ ଅବଶ୍ୟ କରିବୁ ଘରଣୀ ॥ ସଉତଣୀ ବୋଲି ମୋତେ ଜଳିବେ ଯେ କଷା । ତାହାଙ୍କ ସମ୍ମୁଖରେ ମୁଁ କେମନ୍ତେ ହେବି ରକ୍ଷା ॥ ଏଥିକି କାରଣ ମୋତେ କର ମହାବାହୁ । ତୋହ ଶାପ ମୋହ ଶାପ ଅକାରଣ କୋହ୍ନୁ । ଅମ୍ଭେ ତାକୁ ବୋଇଲୁଁ ଏ କଥାମାନ ଛଡ଼ । ସବୁ ପାଟ-ରାଣୀରୁ କରିବି ତୋତେ ବଡ଼ । ସବୁ ମହାଦେଈ ତୋର ତଳେ ଥିବେ ରହି । ତୋତେ ଏକାକର ମୁଁ ମଥାରେ ଥିବି ବହି ॥ ବୃନ୍ଦାବତୀ ବୋଇଲା ମୁଁ ନ କରଇ ପ୍ରତେ । କେମନ୍ତ ପ୍ରକାରେ କିରେ ବହିବୁ ତୁ ମୋତେ ॥ ଅମ୍ଭେ ତାକୁ ବୋଇଲୁଁ ତୁ ହୋଇବୁ ତୁଳସୀ । ତେଣୁ କରି ମଥାରେ ଉପରେ ଥିବୁ ବସି । ଏହା ଶୁଣି ସନ୍ତୋଷ ହୋଇଲା ବୃନ୍ଦାବତୀ । ଆନନ୍ଦେ ହୃଷ୍ଟ କି ଯେ ହୋଇଲା ତାର ମତି ॥ ଶ୍ରୀକୃଷ୍ଣ ବଚନେ ସତ୍ୟ ମନୁ ଗଲା ତ୍ରାସ । ନାମରତ୍ନ-ଗୀତାରେ କହିଲେ କୃଷ୍ଣଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବୃନ୍ଦାବତୀ ହରଣ ବିଷୟ ବର୍ଣ୍ଣନେ ନାମ ଚତୁସ୍ତ୍ରିଂଶୋଽଧ୍ୟାୟଃ ।

ପଞ୍ଚତ୍ରିଂଶ ଅଧ୍ୟାୟ ।

ଏଥୁଅନନ୍ତରେ ଶୁଣ ହୋ ଶୁଣ ସବ୍ୟସାଚୀ । ବେଜଙ୍ଗ ହୋଇ ମଧୁଦୈତ୍ୟ ପଡ଼ିଅଛି ॥ ମହାଦେବ ତାହାକୁ ଯେ ପ୍ରାଣେ ନାଶ କଲା । ଭୂତଅଂଶ ଗୋଟି ଅମ୍ଭ ସମ୍ମୁଖକୁ ଆଇଲା । କୋପଭରେ ହୋଇଣ ଅମ୍ଭଙ୍କୁ ଦେଲା ଶାପ । ବୋଇଲା ତୁ କୃଷ୍ଣ ହୋ ଅର୍ଜିଲୁ ମହାପାପ । ମୋହର ଝୀଙ୍କି ହର ମୋହେ ନାଶ କଲୁ । ବ୍ରହ୍ମଣ୍ୟଠାକୁର ହୋଇ ଅଧର୍ମ୍ମକୁ ଗଲୁ ॥ ତେଣୁ କରି ଶାପ ତୋତେ ଦେଉଅଛି ମୁହିଁ । ଜନମ୍ବନରେ

ସେ ଖଣ୍ଡନ୍ତା କେହୁ ନାହିଁ । ଧର୍ମଶାସ୍ତ୍ର ପ୍ରମାଣେ ତୁ ମନରେ ବିଚାର ।
ତାଙ୍କବଚନର ଆଉ କାହିଁ ଅଛି ପାର ॥ ବୃନ୍ଦାବତୀ ଶାପରେ ପାଷାଣ
ହେଲି ତେତେ । ପାର୍ବତୀ ସେ ଶାପ ଦେଇ କାଷ୍ଠ କଲେ ମୋତେ ।
ସେହି କାଷ୍ଠ ପୋଜ୍ଞକର ହୃଦେ ତୋ ଉରସି । ବିକୋଳ ସେ କାଢ଼ିଥିବ
ଚିତ୍ତନ୍ତରେ ବସି ॥ ଏ ମୋହର ଶାପ ତୋତେ ଯୁଗେ ଯୁଗେ ଥାଉ ।
କାହାର ବୋଲରେ ନାସ୍ତି କରି ନୋହେ ଆଉ ॥ ଅମ୍ଭେ ତାଙ୍କ
ହୋଇଲୁ ନ ଦିଅ ତୁମ୍ଭେ ଶାପ । ବଜ୍ରକର ଗଢ଼ିବୁଁ ତୋହର ନିଜ
ରୂପ ॥ ପାର୍ବତୀ ଯେ କୋପଭରେ କାଷ୍ଠ କଲା ତୋତେ । ତହିଁରେ
ସେ ଶାପ ଆଉ ନ ଦିଅ ତୁ ମୋତେ ॥ ଏତେ ବୋଲି ଉର୍ବଶୀ ଶ୍ରୀମୁଖୁ
ତାଙ୍କୁ ନେଲୁଁ । ବଜ୍ରହସ୍ତ ବୃନ୍ଦାର ତା ଦେହ ଚକ୍ର କଲୁଁ । କୌଣସି
ସ୍ଥଳରେ ସେ ନ କଲେ ଆଉ ବୋଲ । ବୋଇଲା ମୁଁ ତୋହକଥା ନ
ଶୁଣିଲି ଭଲ ॥ ଚନ୍ଦ୍ର ସୂର୍ଯ୍ୟ ଥିବା ଯାଏ ଶାପ ଥିବ ମୋର । ବିକୋଳ
ସେ କାଢ଼ିଥିବ ହୃଦପଦ୍ମ ତୋର ॥ ଏମନ୍ତ ବୋଲିଣ ମଧୁଦୈତ୍ୟ ପ୍ରାଣ
ଗଲା । ବୃନ୍ଦାବତୀ ଶାପେ ମୋ ଦେହ ପାଷାଣ ହେଲା ॥ ଅମ୍ଭର
ଶାପରେ ବୃକ୍ଷ ହେଲା ବୃନ୍ଦାବତୀ । ପାର୍ବତୀ ଶାପରେ କାଷ୍ଠ ମଧ୍ୟେ
ନରପତି ॥ ସାବଧାନ ହୋଇ ତୁ ହୋ ଶୁଣ ସାମରଥ । ଯହିଁକିହିଁ
ଲାଗିଲା ଯେ ଉଦ ଶାପ କଥା ॥ ଏଥୁଅନନ୍ତରେ ତୁ ହୋ ଶୁଣ
କୁନ୍ତୀସୁତ । ଅମ୍ଭେ ଯେ ହୋଇଲୁ ବସ୍ତୁ ପାଷାଣ ପର୍ବତ ॥ ବୈକୁଣ୍ଠ
ଚିନ୍ତା ଅମ୍ଭ ମନରୁ ଛାଡ଼ିଲା । ତିନି ଭୁବନରେ କଥା ଚମକ ପଡ଼ିଲା ॥
ତେତିଶକୋଟି ଦେବତାମାନେ ମନେ ହେଜ । ବିଷ୍ଣୁ କାହିଁ ଗଲେ
ବୋଲି ନ ପାଇଲେ ଖୋଜ ॥ ବ୍ରହ୍ମାଦି ସହିତେ ଦେବ ବରୁଣ
କୁବେର । ଖୋଜି ଖୋଜି କରି ଗଲେ କଇଲାସପୁର । ଈଶ୍ୱରଙ୍କୁ
ବୋଇଲେ ଶୁଣ ମୋ ଦେବ କାଶୀ । ବ୍ରହ୍ମାଣ୍ଡପାଳନା କର୍ତ୍ତେ ନାଶ
ଗଲା ଅପି ॥ ସଂସାରକରତା ଯେ ଠାକୁର ଭାବଗ୍ରାହୀ । କେଉଁଅଛେ
ଗଲେ ଖୋଜି ନ ପାଇଲୁଁ କେହି ॥ ତେଣୁକରି ତୁମ୍ଭଙ୍କୁ କହିଲୁଁ

ପଞ୍ଚମୁଖ । ସମାଧିରେ ବସି ତୁମ୍ଭେ, ଜ୍ଞାନପଥେ ଦେଖ ॥ ଶୁଣି କର ସନ୍ତୋଷ ହୋଇଲେ ତ୍ରିଲୋଚନ । ଲୟ ସେହୁ କରଣ ଜ୍ଞାନରେ ଦେଲେ ମନ ॥ ବୋଇଲେ ଦେବତାଗଣ ନ ଜାଣିଲ ତୁମ୍ଭେ । ବୃକ୍ଷ ସେହିଠାରେ ଛନ୍ତି କହିଦେବା ଅମ୍ଭେ ॥ ବସୁଦେବ ତନୟ ସେ ଛାଡ଼ିଲେ ନାରାୟଣ । ବୃନ୍ଦାବତୀ ଶାପରେ ସେ ହୋଇଲେ ପାଷାଣ ॥ ସମସ୍ତେ ଯେବେ ଚାଲ ଏବେ ତାଙ୍କଠାକୁ ଯିବା । ଅଭିନ୍ନ ପାଦପଦ୍ମରେ ସେବା କରୁଥିବା ॥ ଏସନ ବୋଲି ଅସନ ଛେଡ଼ି ଦେବଗଣେ । ପାର୍ବତୀଙ୍କୁ ବୋଲି ଯେନ ବୃଷଭରେ ବସେ ॥ ଦେବତାବୃନ୍ଦଙ୍କୁ ସଙ୍ଗେ ଘେନି ଦେବ କାଶୀ । ବୃକ୍ଷ ପାଷାଣ ଯେଉଁଠାରେ ମିଳିଲେକ ଆସି ॥ ତେତିଶକୋଟି ଦେବତା ବ୍ରହ୍ମା ଶଙ୍କର । ସମସ୍ତେ ପ୍ରବେଶ ଅସି ହୋଇଲେ ସେଠାର ॥ ଏମନ୍ତ ଭାରତୀ ଶୁଣି ଶ୍ରୀମତୀ ରମଣ । ପରମନନ୍ଦରେ ସେ ତୃପ୍ତ ବସେ କଲେ ପୁଣ ॥ ଅମ୍ଭଙ୍କୁ ବୋଇଲେ ଶୁଣ ବ୍ରହ୍ମାଣ୍ଡଠାକୁର । ଏମନ୍ତ ଜେ ବାଣୀ ପୁଣି ଦେଲୁ ଚକ୍ରଧର ॥ ଚନ୍ଦ୍ରକାନ୍ତ ମାୟା ଥେର କେଉଁ କହି ଗଲ । ପାଷାଣ ସ୍ୱରୂପ ହୋଇ ଯେବେ ଏ ହୋଇଲ ॥ ଯୋଗ ନାମରତ୍ନ ଏ ଯେ ଗୀତା ରସ ସାର । **ଶ୍ରୀକୃଷ୍ଣ ଦାସ** ଏହା ଭାବେ ନିରନ୍ତର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦେବଗଣ ବୃକ୍ଷଦର୍ଶନ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ॥

—— ✼ ——

ଷଟ୍‌ତ୍ରିଂଶ ଅଧ୍ୟାୟ ।

ଅର୍ଜୁନ ବଚନେ ଯେ କହନ୍ତି ଭଗବାନ । ଏକମନେ ଶୁଣ ତୁହେ ପଣ୍ଡୁର ନନ୍ଦନ ॥ ବୋଇଲେ ବୃକ୍ଷ ପାଷାଣ ଶିଳା ବ୍ରହ୍ମତତ୍ତ୍ୱ । ଦ୍ୱାଦଶ ଯୋଜନ ମାଡ଼ି ରହିଛି ପର୍ବତ ॥ ଅତି ବଡ଼ ତତ୍କ୍ଷଣ ସେ ସେହି ଶିଳା ଯାଜେ । ବିନ୍ଦୁ ଷଡ଼ଚକ୍ର ମିଶା ତିଳକ ବିରାଜେ । ଚତୁର୍ଦ୍ଧା ମୂରତି ମଧ୍ୟେ ବସେ ଲକ୍ଷ୍ମୀକାନ୍ତ । ବେନି ପାଶେ ବେନିଜନ

ମଧ୍ୟରେ ଅନନ୍ତ । ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ନନ୍ଦସୁତେ ।
କଥାଏ ପଚାରୁଅଛୁ କହ କଳା ମୋତେ । ତୁମ୍ଭେ ଯେ ବୋଇଲ
କୃଷ୍ଣ ପାଷାଣ ପର୍ବତ । ବ୍ରହ୍ମାଣ୍ଡର କଥା କେହ୍ନେ କରେ ଅତଯାତ ॥
ଶ୍ରୀହରି ବୋଇଲେ ଯାହା ପୁଚ୍ଛାକଲୁ ମୋତେ । ଏ କଥା ଗୋଟାଏ
ଯେଉଁ କହିଦେବା ତୋତେ ॥ ବୃନ୍ଦାବତୀ ଶାପରେ ପାଷାଣ ମୋତେ
କଲା । କୃଷ୍ଣ ପାଷାଣକୁ ଯାଇଁ ଦର୍ଶନ ସେ କଲା । ନିଜରୂପ ଅମୃତ
ନୁହଇ କେବେ ନାଶ । ଏ କଥା ପ୍ରମାଣ ତୁ ହୋ ଜାଣ ପାଣ୍ଡୁଶିଷ୍ୟ ॥
ତେତିଶକୋଟି ଦେବତା ସମସ୍ତେ ହେଁ ଗଲେ । କୃଷ୍ଣ ପାଷାଣକୁ ଯାଇଁ
ଦର୍ଶନ ସେ କଲେ ॥ ମଧୁଦୈତ୍ୟର ଦାଣ୍ଡବଇଶି ଅମ୍ଭେ ଯହିଁ ।
ବଜ୍ରକୀଟପୋକ କଥା କଲୁଁ ଅମ୍ଭେ ନାହିଁ ॥ ଯୁକତେ ତା ପଛୀ ହେତ
ହୋଇଲୁଁ ସେ ଦୋଷୀ । ଝଟକୋଳ କାଟଇ ଶିଳା ତାହାପରେ ବସି ॥
ଅନେକ ପ୍ରକାରେ ଶିଳା ନାନାବର୍ଣ୍ଣେ ଦୃଶ୍ୟ । ପଥରେ ପଶିଣ ପୋକ
କାଟଇ ବିଶେଷ । ନୃସିଂହ ବାମନ ରୂପ ତ୍ରିକୁଳ ଥାଉତ । ଦାମୋ-
ଦର ପୀତବାସ ଲକ୍ଷ୍ମୀ ସରସ୍ୱତୀ । ମତ୍ସ୍ୟ କୂର୍ମ ବରାହ ବାମନ ପର୍ଶୁରାମ ।
ଶ୍ରୀରାମ ବାସୁଦେବ ଏ ଶିଳାଙ୍କର ନାମ । ରାଧା ଯେ ମାଧବ
ଉମା ମହେଶ୍ୱର ଅବା । ନାନା ବର୍ଣ୍ଣେ କାଟଇ ସେ କାଳମାନ ଭେଦ ।
ଶ୍ରୀରାମ ଶ୍ରୀହରି ରାମ ବନମାଳୀ ମୂଳେ । ବଉଦ୍ଧ କଳଙ୍କୀ ରୂପ
ଶୋଭିବନ୍ତ ତୁଲେ ॥ ଦେଖି ଦେବେ ବୋଇଲେ ଏହି ସେ ଭଗବାନ ।
ପାଷାଣ ହୋଇବ କାହିଁ ଶଙ୍ଖଚକ୍ର ଚିହ୍ନ ॥ ଏତେ ବୋଲି
ଦେବତାଏ ଶିଳେ କରି ଦେଲେ । ପାଏପଡ଼ି ଯୋଡ଼ିଣ ଅନେକ
ସ୍ତୁତିକଲେ । ବ୍ରହ୍ମାଦି ସୁର ମୁନି ଯେ ତ୍ରିଦଶ ଈଶ୍ୱର । ଶିଳା ରୂପ
ଦେଖିଣ ହୋଇଲେ ମହାଭୋଳ । ଅର୍ଜୁନ ବୋଇଲେ କୃଷ୍ଣ
ଭକତଙ୍କ ଧନ । ଭଲ କଥା ଗୋଟାଏ ପଚାରୁ ମୋର ମନ
ମଧୁଦୈତ୍ୟନନ୍ଦନ ଯେ ମଧୁଦୈତ୍ୟ ସଙ୍ଗେ । ପା[illegible] ଥାଏ ହେ
ଯେ କାଠପୋକ [illegible] ॥ ବଜ୍ରକାଠ ବୋଲି [illegible] କାଗଜ ତ ବୋଲନ୍ତି ।

ଟକେମନ୍ତ ବଦନ ତାର କେଉଁ ଭାବେ ମୂର୍ତ୍ତି । ସେଠି ତାର କେମନ୍ତ ଲକ୍ଷଣ କେଉଁଭାବେ । ଏକଥା ବିସ୍ତରି ମୋତେ କହ କହନା ଏବେ ॥ ଶ୍ରୀହରି ବୋଇଲେ ଯେ ଅର୍ଜୁନ ମୁଖ ଚାହିଁ । ବୁଦ୍ଧିରେ ଜାଣନ୍ତା ତୋତେ ପୃଥ୍ବୀରେ ନାହିଁ ॥ ବଜ୍ରକୀଟ କଥା ଗୋଟା ପଚାରନ୍ତୁ ଯେବେ । ସେ ପୋକର ମହିମା କହିବା ତୋତେ ଏବେ ॥ ଗଣ୍ଡକି ନାମରେ ଏକ ଗିରିବର ସଙ୍ଗ । ଚଉବିଂଶ ଯୋଜନ ସେ ଉପରକୁ ଉଚ୍ଚ ॥ ବିଂଶତି ଯୋଜନ ଯେ ତହିଁର ଦୀର୍ଘ ପ୍ରସ୍ତ । ନୀଳବର୍ଣ୍ଣ ପ୍ରାୟେକ ଦିଶଇ ତାର ଜ୍ୟୋତି ॥ ନାନାବର୍ଣ୍ଣେ ପୁଷ୍ପ ତହିଁ ନାନାବର୍ଣ୍ଣେ ତୋଟା । ପୃଥିବୀକି ଅପୂର୍ବ ସେ ଗିରିବର ଗୋଟା । କୋଳାହଳ ନାମେ ବନ ପଙ୍କତର ତଳେ । ଶାଳଗ୍ରାମ ଶିଳା ଉପୁଜଇ ସର୍ବ-କାଳେ ॥ ପ୍ରଥମେ ଯେ ଶିଳା ଜାତ ହୋଇବ ନିକର । ଶ୍ରୀମତୀରମଣ ବୋଲି ନାମ ହେବ ତାର ॥ ତାକୁ ପୂଜା କରିବେ ଯେ ଶ୍ରୀମତୀରମଣ । ପରମନିତ୍ୟରେ ଶିଳା ରହିବ ଯେ ପୁଣ ॥ ମୋହ ନାମରତ୍ନ ଏ ଯେ ଗୀତାରସ ଯେଣୁ । ଧନକୃଷ୍ଣ ଦାସ ଏହା ଭାବୁଥାଇ ତେଣୁ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଶିଳାବିଷୟ ବର୍ଣ୍ଣନେ ନାମ ଷଟ୍‌ତ୍ରିଂଶୋଽଧ୍ୟାୟଃ । ୩୬ ।

— —※— —

ସପ୍ତତ୍ରିଂଶ ଅଧ୍ୟାୟ ।

ଅର୍ଜୁନ ଅଗରେ ଯେ କହନ୍ତି ଭଗବାନ । ମୋହ ନାମରତ୍ନ ଗୀତା ଅଟଇ ବିଧାନ ॥ ବଜ୍ରକୀଟ ପୋକମାନେ ଚରୁଥାନ୍ତି ତହିଁ । ସେ ପୋକମାନଙ୍କୁ ପାର୍ଥ ପଟାନ୍ତର ନାହିଁ ॥ ଏକା ପୋକଦେହେ ଯେ ଦ୍ୱାଦଶ ବର୍ଣ୍ଣ ତହି । କର ଯେ ଚରଣ ନାସା ଦିଶେ ଅନୁଅନ ॥ ମନୁଷ୍ୟ ଦେହରେ କେ କହିପାରିବ ତାହା । ସ୍ୱୟଂ ବିଶ୍ୱକର୍ମା ବସି ଗଢ଼ିଅଛି ଯାହା ॥ ତେଣୁକରି ଅର୍ଜୁନ ତୋ ଆଗେ କହୁଅଛୁ । ଏକା ପୋକ ଗୋଟାକର ଷୋଳଗୋଟା ଆଖି ॥ ଅଷ୍ଟଗୋଟା ମୁଣ୍ଡ ସେ

ଗୃକଗ ଅଠ ଗୋଡ଼ । ଛପ୍ପାଣୋଇ ନଖାଙ୍ଗୁଷ୍ଠି ବକ୍ର ତୀକ୍ଷ୍ଣଦାଢ଼ ।
ଦନ୍ତ ହୀରାବର୍ଣ୍ଣ ପ୍ରାପ୍ତ ମୁକ୍ତାର ପନ୍ତି । ଅଧର ସୁରଙ୍ଗ ଯେ ସୁବର୍ଣ୍ଣ
ହୀର୍ଷ୍ଣ ଜ୍ୟୋତି ॥ ପଠେ ରଙ୍ଗବର୍ଣ୍ଣ ଯେ ସ୍ୱବର୍ଣ୍ଣ ଜ୍ୟୋତି ପ୍ରାପ୍ତେ ।
କନ୍ଦ୍ରାଗଠାରୁ ହାଟେଦ ମଳଗଣ୍ଡ ଯାଏ ॥ ନୀଳବର୍ଣ୍ଣ ପ୍ରାପ୍ତେକ ନାଚିକା
ବର୍ଣ୍ଣ ଜ୍ୟୋତି । ଅଦତ୍ୟର ତେଜ ପ୍ରାପ୍ତ ଲୋଚନର କାନ୍ତି । ଗୋଡ଼
ସେହିବର୍ଣ୍ଣ ତୁ ଦେଖ ଶୁଣ ପାଣ୍ଡବପ୍ରି । ପଞ୍ଚାବନ ଭୁଜ ତାର ଦେହେ
ଲାଗିଅଛୁ ॥ ନାନାବର୍ଣ୍ଣେ ଶରୀର ଯେ ତମ୍ବାବର୍ଣ୍ଣେ ମୁଣ୍ଡ । କାଚବର୍ଣ୍ଣ
କପୋଳ ଯେ ଅଗ୍ନିବର୍ଣ୍ଣ ତୁଣ୍ଡ ॥ ଯେବ ପ୍ରମାଣ ଅଟଇ ସେ ପୋକ
ଦେହନ୍ତ । ବର୍ତ୍ତୁଳ ଆକାର ଯେ ଯେ ଶଙ୍ଖ ଚକ୍ର ଗୋଟି । ବଜ୍ରନ୍ତୁ
ଅଧିକ ଅଟେ ସେ ପୋକର ଅଙ୍ଗ । କାଣ୍ଡ ଖଣ୍ଡା ଶାବଳରେ ଦେହ
ନୋହେ ଭଙ୍ଗ ॥ ନଖ ତୀକ୍ଷ୍ଣଦାଢ଼ ତାର ଦନ୍ତ ହୀରାପାଟି । ଦଶସପ୍ତ
ବରଷେ କାଟଇ ଶିଳା ଗୋଟି ॥ ଗଣ୍ଡକୀପର୍ବତ ତଳେ କୋଲାହଳ
ବନ । ଗଣ୍ଡକୀ ନଦୀ ତହିଁର ବହେ ସର୍ବଦନ ॥ ଏ ନଦୀ ବଢ଼ିଲେ ପୁଣି
ବାହୁଇ ପହର । ପର୍ବତ ଉପରେ ଯାଇଁ ବାଜଇ ଲହରୀ ॥ ଲହରୀ ବାଜନ୍ତେ
ସେ ବର୍ତ୍ତୁଳ ଶିଳା ଗଡ଼ । ଅନୁକ୍ଷଣେ ଭାସିଯାଇ ସୋତରେ ପଡ଼ ॥
ସେ ନଦୀ ଉପରେଣ ସେ ଶତଯୋଜନ ଅଟେ । ଶାଳଗ୍ରାମ ନାମେଣ
ପାଟଣା ଅଛୁ ବସି । ଶାଳଗ୍ରାମ ଲୋକମାନେ ଜଗିଥାନ୍ତି ନିତି । ଶିଳାମାନ
ଧରନ୍ତି ସେ ଜାଲମାନ ପାତି ॥ ଜାଲର ବେଢ଼ପାଟେଶ ସେ ପୋତଥାନ୍ତି
କଳା । ତେଣୁକର ବୋଲି ତାଙ୍କୁ ଶାଳଗ୍ରାମଶିଳା ॥ ତୁ ଯେ ପୁଚ୍ଛାକଲୁ
ପାର୍ଥ ଶିଳା ତତ୍ତ୍ୱ ବର୍ଣ୍ଣ । ସନ୍ତୋଷ ହୋଇଲୁ ଟିକ ଶୁଣି ବେନି କର୍ଣ୍ଣ ॥
ଯେବଣ ଶାସ୍ତ୍ର ଅଟଇ ତାତ ମୁକ୍ତିଦାତା । ଏକମନ ହୋଇ ତୁହି ଶୁଣ
ମହାଜ୍ଞାତା । ଏଥୁଅନନ୍ତରେ ତୁ ହୋ ଶୁଣି ବୀର ପାର୍ଥ । ଆମ୍ଭେ ଯେ
ହୋଇଲୁଁ ବଷ୍ଟୁ ପାଷାଣ ପର୍ବତ ॥ ସନ୍ତୋଷେଣ ସ୍ତୁତି କଲେ ଦେବ-
ଲୋକମାନ । ଆନନ୍ଦେ ଜଳରେ ବୁଡ଼ି ହୋଇଲେ ସ୍ନାନ ॥
ବୈକୁଣ୍ଠର ଆନନ୍ଦେ ଯେ ଉପୁଜିଲା ଯାହା । ସାବଧାନେ ଶୁଣ ପାର୍ଥ
କହିବା ତାହା ॥ ସବୁଙ୍କର ଚିତ୍ତେ ଯେ ଆନନ୍ଦରସ ଯହୁଁ ।

ରୁଦ୍ରାକ୍ଷ ନାମେଣ ବୃକ୍ଷ ଉତ୍ପନ୍ନିଲା ତହୁଁ । ବ୍ରହ୍ମାଙ୍କର ଅନନ୍ଦ କହିବା ଅବା କେସ । ତାହାଙ୍କର ଲୋଚନରୁ ଉପୁଜିଲା ହଂସ ॥ ବ୍ରହ୍ମାପୃଣୀ ହୋଇ ଯେତେବେ ପରମସେନେହା । ଅବର ଜାତ ସ୍ୱର୍ଗଙ୍ଗା ଲୋଚନରୁ ତାହା ॥ ଇନ୍ଦ୍ର ଲୋଚନ ଯେ ପଡ଼ିଲା ଭୂମିଗାତେ । ତହୁଁ ଉପୁଜିଲା ପାର୍ଥ ବୃକ୍ଷ ପାଙ୍କାଟେ ॥ ଇନ୍ଦ୍ରାଣୀ ଅନନ୍ଦ ହୋଇଲା ଯହୁଁ ଭୋଳ ॥ ତାଙ୍କ ଲୋଚନରୁ ଜାତ ହୋଇଲା ପାଟଲୀ ॥ ଅଦିତ୍ୟ ଦେବତା ଯେ ଅନନ୍ଦ ଭୋଳମଯେ । ସୂର୍ଯ୍ୟ ଯେ ଦେବତା ପୁଣ ତହୁଁ ଜାତ ହୁଏ । ଏ ପୁଣି ଯେଉଁକାଳରେ ଶ୍ରୀମନ୍ତ ରମଣ । ପରମାନନ୍ଦ୍ୟରେ ପ୍ରଭୁ ବହିରେ ଆପଣ ॥ ରଘୁନାଥ ନନ୍ଦନ ଯେ ଶ୍ରୀପଦ ତା ନାମ । ସପ୍ତଦଶ ଅବଦେ ଯେ ଶେଷ ହେବ ଜାଣ ॥ ମୋହ ନାମରତ୍ନଗୀତା ଅଟଇ ଯେ ସାର । ଦୀନକୃଷ୍ଣ ଦାସ ଏହା କହେ ନିରନ୍ତର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବୃକ୍ଷୋତ୍ପତ୍ତି
ବର୍ଣ୍ଣନେ ନାମ ସପ୍ତବିଂଶୋଽଧ୍ୟାୟଃ ।

—୦❋୦—

ଅଷ୍ଟବିଂଶ ଅଧ୍ୟାୟ ।

ଅର୍ଜୁନ ଆଗରେ ଯେ କହନ୍ତି ବନମାଳୀ । ଏକମନେ ଶୁଣ ଭୁହେ ଶାଳଗ୍ରାମ କେଳି ॥ ଚନ୍ଦ୍ରଦେବ ଲୋଚନରୁ ଚନ୍ଦ୍ରଦେହ କାନ୍ତି । ଅଗ୍ନି ତହୁଁ ଅଗ୍ନିବାଣ ପବନୁ ମାଳତୀ ॥ ପୃଥ୍ୱୀ ଲୋଚନରୁ ଜାତ ଚମ୍ପା ପଦ୍ମମାଳା । ଲକ୍ଷ୍ମୀ ଲୋଚନରୁ ଜାତ ହୋଇଲା ଅଁଳା ॥ ସରସ୍ୱତୀ ଲୋଚନରୁ ଜନମ ଦେବଣ । ଆଉ ଦେବତାଙ୍କ ତହୁଁ ନାନା ପୁଷ୍ପ ଜାତ ॥ ଏଥୁଅନନ୍ତରେ ଭୁବନା ଶୁଣ ସାରମଣି । ଅମ୍ବର ଲୋଚନ ଯାଇଁ ପଡ଼ିଲା ଧରଣୀ ॥ ବ୍ରହ୍ମଙ୍କର ଲୋଚନ ଯେ ଶିବଙ୍କ ଲୋଚନ । ଏ ତିନି ଲୋଚନେ ଜାତ ହୋଇଲା ବୃକ୍ଷେକ ॥ ସେ ବୃକ୍ଷମୂଳରେ ବ୍ରହ୍ମା ଡାଳେ ବିଷ୍ଣୁ ବାସ । ଅଗ୍ରଭାଗେ ସଦାଶିବ ପତ୍ରରେ ତ୍ରିଦଶ । ଦେଖିକରଣ ଆଶ୍ଚର୍ଯ୍ୟ ହେଲେ ଦେବଗଣ

ବୋଇଲେ ଏ ବୃକ୍ଷ ନାହିଁ ମର୍ତ୍ତ୍ୟମଣ୍ଡଳେ । ତ୍ରିବିଧ ଚୈତନ୍ୟ ରୂପ
ଜଟାହିଁ ନିଶାଖା । ଏ ବୃକ୍ଷର ତୁଲେ ଅଉ ବୃକ୍ଷ ନାହିଁ ଲେଖା ॥
ଏ ବୃକ୍ଷର ମହିମା ଯେ କେ ପାରିବ କହି । ଦର୍ଶନେ ଆତ୍ମହରଣ
ଦୋଷ ଖସିଯାଇ ॥ ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶ୍ରୀନିମା ଗୋସାଇଁ ।
କଥାଏ ପଚାରିବ ସନ୍ଦେହ ଛେଦିଲ ମୋପାଇଁ । ତୁମ୍ଭ ଶାପେ ବୃନ୍ଦାବତୀ
ହୋଇଅଛି କାଷ୍ଠ । କେମନ୍ତ ପ୍ରକାରେଣ ସେ ହୋଇଲେକ ଶ୍ରେଷ୍ଠ ।
ଶ୍ରୀଧର ବୋଇଲେ ସେ ଯେ ଆମ୍ଭ ଶାପ ପାଇ । ପୃଥ୍ୱୀରେ ରହିଥିଲା
କାଷ୍ଠରୂପ ହୋଇ ॥ ତେତିଶକୋଟିଦେବତା ବ୍ରହ୍ମା ବିଷ୍ଣୁ ଶିବ ॥
ସମସ୍ତେହେଁ ହୋଇଥିଲେ ତାହା ଉପଜୀବ ॥ ବ୍ରହ୍ମା ବିଷ୍ଣୁ ଶିବ ଆମ୍ଭେ
ତିନିଜଣ ଥାଇ । ଅତିଅନ୍ତ ଆନନ୍ଦ ହୋଇଲୁ ତାକୁ ଚାହିଁ ॥
ଆନନ୍ଦରୁ ଉପୁଜିଲା ଯେ ଲୋତକମାନ । ବୃନ୍ଦାବତୀ ଉପରେ ଯେ
ପଡ଼ିଲା ଅର୍ଜ୍ଜୁନ । ତେଣୁକରି ତୁଳସୀ ହୋଇଲା ତହୁଁ ନାମ ॥
ତେତିଶକୋଟିଦେବତା ଦେଖିଣ ଉତ୍ତମ ॥ ପୁଷ୍ପର ମହିମା ତାର
କେତେହେଁ କହିବା । ମଥାରେ ଘେନିଲେ ମହା ପବିତ୍ର ହୋଇବା ॥
ଏମନ୍ତ ବୋଲି କରଯୋଡ଼ି ଦେବେ କଲେ ସ୍ତୁତି । ଅହଠାକୁରାଣୀ
ମା ଗୋ ଈଶ୍ୱର ତୁ ପୃଥ୍ୱୀ ॥ ତୋହର ପ୍ରକୃତେ ଆମ୍ଭେ ହୋଇଛୁଁ
ବିବେକ । ତେତିଶକୋଟିଦେବତା ତନ୍ମୂଳଲୋକ । ଯେ ତୋର
ପୁଷ୍ପଫଳ ଘେନିବ ନିଜ ଶିରେ । କୋଟି ଜନ୍ମର ପାତକ ପଳାଇବ
ତରେ ॥ ଏତେ ବୋଲି ବୃକ୍ଷକୁ ଯେ ପ୍ରଦକ୍ଷିଣ କଲେ । କରପତ୍ର
ଯୋଡ଼ିଣ ପଛକୁ ଦାଣ୍ଡିଗଲେ । ପୁଣ ପାଏ ଚଢ଼ିଣ ବୋଇଲେ ଦେବ-
ଗଣ । ଆମ୍ଭର ଗୁହାରି ମା ଗୋ ସାବଧାନେ ଶୁଣ ॥ ତେଣୁକରି
ତୁମ୍ଭପାଦେ କରୁଅଛୁଁ ସେବା । ଏ ପୁଷ୍ପର ବାସନା କାହାକୁ ଅଟଗ
ଦେବା ॥ ଦେବତାଙ୍କ ବଚନେ ତୁଳସୀ ମନେ ତୋଷ । ବୋଇଲେ
ହେ କହିଦେବା ଏଥିର ସନ୍ଦେଶ । ଗୋଲକର ଗୋପୀ ଆମ୍ଭେ
ପୁଷ୍ପରୂପେ ଜାତ । ଅଇଠାରୁ ମର୍ତ୍ତ୍ୟରେ ହୋଇଲୁଁ ବିଖ୍ୟାତ ॥

ଗୋପୀଙ୍କର ଅଂଶରେ ଯେ ପୁଷ୍ପଜାତ ହୋଇ । ଏ ପୁଷ୍ପର ବାସନା ବିଷ୍ଣୁଙ୍କୁ ଅଗ୍ରେ ଦେଇ ॥ ବିଷ୍ଣୁର ମଥାରେ ନେଇ ପୁଷ୍ପ ଅଗ୍ରେ ଦେବ । ଅବଶେଷ ରହିଲେ ଯେ ପଛେ ତୁମ୍ଭେ ନେବ ॥ ତିନିଭୁବନ ଲୋକେ କାମନାରେ ବଶ । ବିଷ୍ଣୁଙ୍କୁ ନ ଦେଇଲେ କେହି ନ ନେବ ପୁଷ୍ପ ॥ ଯେଉଁକାଳେ ଉଦେ ହେବେ ଶ୍ରୀମନ୍ତରମଣ । ଚତୁର୍ଧରୂପ ହୋଇବେ ଜଗନ୍ନାଥ ଜାଣ ॥ ଏ ତୁଳସୀ ମାଣିକ୍ୟ ରୂପରେ ହେବ ଜନ୍ମ । ସୁଦର୍ଶନ ପିତା ତାର ଅବଶ୍ୟ ପ୍ରମାଣ ॥ ମୋହ ନାମରତ୍ନଗୀତା ଅମୃତ ଯେ ରସ । ଧନକୃଷ୍ଣଦାସ କରେ ଜଗତରେ ପ୍ରକାଶ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନ ସମ୍ବାଦେ ତୁଳସୀ ଜନ୍ମ-କଥନେ ନାମ ଅଷ୍ଟବିଂଶୋଽଧ୍ୟାୟଃ ।

—୦✻୦—

ଊନତ୍ରିଂଶ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜୁନ ଅଗ୍ରେ ଯେ କହନ୍ତି ଭବଗ୍ରାହୀ । ଏକମନେ ଶୁଣ ତୁ ହୋ ଯୁଧିଷ୍ଠିରଭାଇ ॥ ଅଗ୍ରେ ଶ୍ରୀହରିଙ୍କି ଦେଇ ପଛେ ନେଇ ତୁମ୍ଭେ । ଜ୍ଞାନଭକ୍ତି ନୋହିବଟି କହୁଅଛୁଁ ଅମ୍ଭେ ॥ ପ୍ରଭୁଙ୍କୁ ନ ଦେଇ ଅଗ୍ରେ ଯେ ନେବ ଏହା । ସେ ପ୍ରାଣୀ ହୋଇବ ନଷ୍ଟ ବିଷ୍ଣୁରେ ଦୋରେହା ॥ ପଛେ ମୋତେ ନ ବୁଝିବୁ କହୁଅଛୁ ଶୁଣ । ବିଷ୍ଣୁଙ୍କୁ ନ ଦେଲେ ଯେ ଦୋଷ ହୋଇବ ପୁଣ ॥ ତୁଳସୀଙ୍କ ବଚନ ଦେବତାମାନେ ଶୁଣି । ମହାଭୟ କରଣ ପୁଚ୍ଛିଲେ ଆସି ପୁଣି ॥ ଏ ପୁଷ୍ପ ବାସନାକୁ ଯେ ଯୋଗ୍ୟ ଅମ୍ଭେ ନୋହୁଁ । ବିଷ୍ଣୁଙ୍କୁ ପ୍ରଦାନ ହେବ ନ ନେବା କେହୁ । ମର୍ତ୍ତ୍ୟଭୁବନରେ ଜାତ ହୋଇଲ ଯେ ତୁମ୍ଭେ । କେତେଠାରେ ବିଷ୍ଣୁଙ୍କୁ ଖୋଜିବା ପୁଣ ଅମ୍ଭେ । ଅନନ୍ତ ମୂରତି ବିଷ୍ଣୁ ଅନ୍ତ ଯାର ନାହିଁ । ଏ ପୁଷ୍ପ କେମନ୍ତ ତାଙ୍କୁ ଦେବା ଗୋସାଇଁ ॥ ଦେବତାଙ୍କର ବଚନେ ବୋଇଲେ ତୁଳସୀ । ଅଶେଷ ଭୁବନେ ବିଷ୍ଣୁ

ସତ୍ୟଠାକୁର ବନି । ତୁରନ୍ତ ନ ପାଇଲେ ହୃଦପଦ୍ମେ ଥିବ ଲାଗି ।
ମାନସିକେ ତାହାଙ୍କୁ ଯେ ପୁଷ୍ପ କର ଲାଗି ॥ ଯେଉଁଠାରେ ଦେଲେ ସେ
ପାଇବେ ସେହିଠାରି । ମାନସିକେ ଠାକୁରଙ୍କୁ ଯେତେ ପୁଷ୍ପ ଦେଇ ॥
ଏଥକୁ ଦେବତାମାନେ ନ ଭାଳିବ ତୁମ୍ଭେ । କୃଷ୍ଣର ବଲ୍ଲଭି ଯେ
ତୁଳସୀଦେବୀ ଅମ୍ଭେ ॥ ଏମନ୍ତ ବେଳଣ ଆଜ୍ଞା ଦେଲେ ଠାକୁରାଣୀ
ସନ୍ତୋଷ ହୋଇଲେ ଯେ ଦେବତାମାନେ ଶୁଣି ॥ ପୁଣି ହେଁ ବୋଇଲେ
ତୁମ୍ଭେ ଯାଅ ଏହିକ୍ଷଣ । ମର୍ତ୍ତ୍ୟପୁରେ ଯେତେ ପୁଷ୍ପ ଖୋଜିକର ଆଣ ॥
ତୁଳସୀଙ୍କ ବଚନ ଯେ ଦେବତା ଶୁଣିଲେ । ସବୁ ପୁଷ୍ପ ତୋଳିକରି
ଛାମୁକୁ ଆଣିଲେ । ଦେଖିକରି ସନ୍ତୋଷ ହୋଇଲେ ମହାମାଈ ।
ବୋଇଲେ ଏ ପୁଷ୍ପ ଥୁଅ ଶିଳାପରେ ନେଇ ॥ କାହାହସ୍ତେ କେତେ
ପୁଷ୍ପ ଘେନିଅଛ କାବୁ । ଶିଳାଅଗ୍ର ଉପରେ ନଉଡ଼ ନେଇ ସବୁ ॥
ପଦ୍ମ ପବିତ୍ର ଯେ କୃଷ୍ଣର ପରକାଶ । ଆଗେ ତାଙ୍କ ଶିରେ ଦେଇ
ଘେନ ଅବଶେଷ ॥ ତୁଳସୀଙ୍କ ବଚନ ଦେବତାମାନେ ଶୁଣି । ସବୁ
ପୁଷ୍ପ ନଉଡ଼ିଲେ ଶିଳାପରେ ଆଣି ॥ ଯେତେ ପୁଷ୍ପ ଦେଲେ କୃଷ୍ଣ ନ
ମଣିଲେ ସୁଖ । ତୁଳସୀଙ୍କୁ ନ ଦେଲେ ମନରେ ତାଙ୍କ ଦୁଃଖ ॥ ପ୍ରଣାମ
କରିଣ ଦେବେ କରପତ୍ର ଯୋଡ଼ି । ସ୍ତୁତି କରି ଛାମୁରେ ଶୋଇଲେ
କର ଯୋଡ଼ି ॥ କାହାର ସେବାରେ କୃଷ୍ଣ ମନେ ସୁଖ ନାହିଁ । ତୁଳସୀ
ଦଳରେ ତାଙ୍କ ଦୃଷ୍ଟି ଅଛି ରହି । ମନର କଥାର କେହି ନ
ଜାଣିଲେ ଯହୁଁ । ତୁଳସୀ ପାଶକୁ ଶିଳା ବଢ଼େଇଲେ ତହୁଁ । ଧୀର
ଧୀର ହୋଇ ଯାଇଁ ଛାମୁରେ ପ୍ରବେଶ । ଦେଖିଣ ତୁଳସୀଦେବୀ ମନେ
ହସ ହସ ॥ ଟିକିଏ ଆଡ଼ବାର ମନେ ପାଇଲେ ଭରସା । ଶିଳାକୁ
ଆଡ଼ବାର ଦେଖି ରହିଲେ ତୁଳସୀ । ଦୁଇଜଣ ଏକସ୍ଥାନେ
ବଢ଼େଇଲେ ଯହୁଁ । ଦେଖିଣ ଦେବତାମାନେ ନୃତ୍ୟ କଲେ ତହୁଁ ॥
ଶିରେ କର ଦେଇ ଜଣାଇଲେ ଶିଳା ପାଶ । ହେ ପ୍ରଭୁ ନ ଜାଣୁ
ଅମ୍ଭେ ନ ଘେନିବା ଦୋଷ ॥ ଅଗଣର ତୁଳସୀଙ୍କୁ ନ ଦେଲୁଁ ଯେ

ଅଣି । ଆମ୍ଭ ଦୋଷ କ୍ଷମା କର ଶଙ୍ଖଚକ୍ରପାଣି ॥ ଦେବତାଙ୍କ ବଚନେ ଯେ ବସ୍ତୁ ହେଲେ ତୋଷ । ବୋଇଲେ ହେ ବର ମାଗ ସକଳ ନିଦେଶ ॥ ଦେବତାଏ ବୋଇଲେ ଯେତେବା ଆମ୍ଭ କଷ୍ଟ । ଚିନ୍ତା କଲେ ପାଇବୁଁ ତୁମ୍ଭଙ୍କୁ ଅଟେ ଶ୍ରେଷ୍ଠ ॥ ଏମନ୍ତ ଭାବନା ଆମ୍ଭ ସର୍ବକାଳେ ଥାଉ । ଶ୍ରୀମଙ୍ଗଳବନ୍ଧର ହେଲେ ଦେଖା ଦେବ ଆଉ ॥ ଶ୍ରୀମନ୍ତ ବରଦେ ପ୍ରଭୁ ହୋଇ ତନୁ କ୍ଷୀଣ । ତୁମ୍ଭେ ସେ କାଳରେ ଦେବ ଦର୍ଶନ ପୁଣ ॥ ମୋର ନାମରତ୍ନଗୀତା ଗୀତା ମଧ୍ୟେ ସାର । ଜନକୃଷ୍ଣ ଦାସ ଏହା ଭଣେ ନିରନ୍ତର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ଶାଳଗ୍ରାମେ ପୁଷ୍ପଦେବାନ୍ନଥନେ ନାମ ଊନତ୍ରିଂଶୋଽଧ୍ୟାୟଃ ।

—∗∗∗—

ତ୍ରିଂଶ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନକୁ ଗୋବିନ୍ଦେ କହନ୍ତି ବିନୟତ । ଏ ନାମର ମହିମା ତୁ ଶୁଣ ହୋଇ ଚିତ୍ତ ॥ ଏତେମାତ୍ର ଅନୁଗ୍ରହ କରିବା ଗୋସାଇଁ । ଆଜ ଆଉ ବରରେ ଯେ ଆମ୍ଭ କାର୍ଯ୍ୟ ନାହିଁ ॥ ଦେବତାଙ୍କର ବଚନ ଏସନେକ ଶୁଣି । ପ୍ରସନ୍ନ ହୋଇଲେ ସେ ଯେ ଶିଳା ରତ୍ନମଣି ॥ ବୋଇଲେ ତୁମ୍ଭେ ଯହିଁରେ ପାଇବଟି ଲାଭ । ଆମ୍ଭଙ୍କୁ ନେହିବ ଯେବେ ତୁଳସୀଙ୍କୁ ନେବ ॥ ତୁଳସୀ ଚରଣେ ସେବା କରୁଥିବ ନିତ୍ୟେ । କୁଟ ଯେ କପଟ ମାୟା ନ କରିବ ଚିତ୍ତେ ॥ ଯେଉଁଠାରେ ତୁଳସୀ ଶ୍ରୀହରି ସେହିଠାରେ । ଅଉ ସବୁ ପୂଜା ଯେତେ ତାହାଙ୍କ କଳାରେ ॥ ସେ ଆମ୍ଭର ପ୍ରାଣପକ୍ଷୀ ସେ ଆମ୍ଭର ଅକ୍ଷି । ବେଦ ଶାସ୍ତ୍ର ପ୍ରମାଣେ ବିଥାତ ଅଛି ଲେଖି ॥ ତାହାଙ୍କର ଗୁଣ ଯେତେ କହିବାକୁ ନାହିଁ । ତେତେ ହୋଇ ଜଣେ ଅଉ ବ୍ରହ୍ମାଣ୍ଡରେ ନାହିଁ ॥ କୋଟି କୋଟି ପୁଷ୍ପ ଦେଇ ଯେ ପୂଜିବ ଯହିଁ । ବିନା ତୁଳସୀରେ ଯେ ଆମ୍ଭଙ୍କୁ ଭେଟ ନାହିଁ ॥ ତାଙ୍କ ଆମ୍ଭ ଆମ୍ଭ ପ୍ରିୟା ନୋହେ ଭିନ୍ନ କର ।

ତୁଳରେ ତୁଳକଲେ ଅମ୍ଭେ ଏକ ସମସର ॥ ଏମନ୍ତ ବୋଲଇଣ ଚିନ୍ତା ହୋଇଲେ ମଉନ । ସାବଧାନ ହୋଇ ତୁମ୍ଭେ ଶୁଣମି ଅର୍ଜୁନ ॥ ଯେଉଁଦିନ ତୁଳସୀ ଜନମ ହେଲେ କ୍ଷିତି । ବ୍ରହ୍ମାଦି ଶଙ୍କର ଦେବ କରୁଥାନ୍ତି ସ୍ତୁତି ॥ ଲକ୍ଷ୍ମୀ ସରସ୍ୱତୀ ମୂଳେ ସମସ୍ତେହେଁ ସେବି । ପୁର ନର ସନ୍ନିଧେ ସକଳ ଦେବ ଦେବୀ ॥ ଏ ପୁଷ୍ପ ମହିମା ପାର୍ଥ ଦେବଙ୍କୁ ଦୁର୍ଲ୍ଲଭ । ତେଣୁ ସେ ବୋଲାଉଁ ଅମ୍ଭେ ତୁଳସୀବଲ୍ଲଭ ॥ ଗୋପରେ ଉପବାସ କଲି ଗୋପୀଙ୍କର ସମେତେ । ନନ୍ଦଘରେ ବଢ଼ିଲୁଁ ଥୋକାଏ ଦିନକାଳେ ॥ ଯଦ୍ୱାର ଯେ ସେବାରେ ମୁଁ ଲାଗିଥିଲି ନୃପଙ୍କ । ଥୋକାଏ ଥେଭାଏ କରି ପୁଚ୍ଛିଲେ ସେ ଏବେ ॥ ଗୋପପୁରୁଁ ଅଏ ପୁଣି ମଥୁରା ପ୍ରବେଶ । ଅଷ୍ଟମଲ୍ଲ ଭୁଲେଣ କଂସକୁ କଲୁଁ ନାଶ ॥ ଦୁଷ୍ଟଜନ ନବାର ପୃଥ୍ୱୀର ଭାର ନାଶି । ଦ୍ୱାରକାପୁରେ ଅମ୍ଭେ ପ୍ରବେଶ ହେଲୁଁ ଆସି ॥ ଅମ୍ଭ ଆସିବାର ଦେଖି ଦେବୀ କମଳା । ଭୀଷ୍ମକ ଘରେ ଜାତ ହେଲେକ ତାହା ଜାଣି ॥ ସ୍ୱୟମ୍ବର ସଭାରୁ ଯେ ଅଣିଲୁଁ ସେ ବାଳୀ । ଲକ୍ଷେ ରାଜାଙ୍କ ମୁଖରେ ଲଗାଇଲୁଁ କାଳି । ରୁକ୍ମିଣୀର ଭାଇ ଆସି ଲାଗିଲା ପଥେ । ହାତ ବେଣ୍ଟି କରି ତାଙ୍କୁ ବାନ୍ଧିଲୁ ଯେ ରଥେ । ପ୍ରତିବୋଧ କରି ଯହୁଁ କହିଲେ ରୁକ୍ମିଣୀ । ଭୀଷ୍ମକ ନନ୍ଦନ ପଳାଇଲେ ପ୍ରାଣ ଘେନି ॥ ରୁକ୍ମିଣୀ ବିଭା ହୋଇଲୁ ଦ୍ୱାରକା ଭୁବନେ । ତାଙ୍କ ସଙ୍ଗେ ଯେତେ ଲୋକ କହିଲେ ସ୍ଥାନେ ॥ ଯେଉଁ ଦିନୁଁ ବିଜେକଲେ ଭୀଷ୍ମକ କୁମରୀ । ସେହି ଦିନରୁ କବୋନ ଦ୍ୱାରକାର ଶିରୀ ॥ ଶ୍ରୀଭୀଷ୍ମକନନ୍ଦିନୀ ଯେ ଅମ୍ଭର ନିଜ ଧାତ । ତୁଳସୀ ସେବାର ସେ ଜାଣନ୍ତି ବିଧି ବାଟ ॥ ଦ୍ୱାରେ ତୁଳସୀ ବୃକ୍ଷକୁ ସ୍ଥାପିଣ ରୁକ୍ମିଣୀ । ମୂଳେ ଢାଳିଲେ ଗଙ୍ଗାନୀର ଉଦ୍ଧାର ପାଣି ॥ ତୁଳସୀ ଭାବକୁ ଜାଣନ୍ତି ସେ ବଡ଼ ଇଷ୍ଟ । ଧୂପ ଦୀପ ଦେଇ ତାଙ୍କୁ ସେବନ୍ତି ନିଷ୍ଠ । ପ୍ରଣାମ କରଇ ଶିରେ କରପତ୍ର ଯୋଡ଼ି । ପ୍ରଦକ୍ଷିଣ କରଇଣ ସ୍ତୁଅନ୍ତି ପାଦେ ପଡ଼ି ॥ ଚନ୍ଦନ ଲେପି ଚଉପ୍ର ପୁଷ୍ପ ପଦ୍ମେ ଲେଖେ । ନେତ୍ରର

ବୃନ୍ଦା ଯେ ତୁଳସୀ ବୃକ୍ଷ ଶିକ୍ଷେ ॥ ପଦ୍ମଗୁଞ୍ଜମାଳ ଲେଖି ରଚନ ମନ୍ତ୍ରଣି । ଅନେକ ପ୍ରକାରରେ ସେବା କରନ୍ତି ରୁକ୍ମିଣୀ ॥ ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ବ୍ରହ୍ମଚାରି । ତ୍ରିଭୁବନ ଅପର ନାମ ହୋଇଲା ତୁଳସୀ ॥ ପରମନନ୍ଦ୍ୟରେ ଏବେ ନାମ ତାର ପୁଣ । ମାଣିକ୍ୟ ବୋଲିବ ସେ କହନ୍ତେ ହେବ ଜନ୍ମ ॥ ପରକାପ୍ତ ଭାବ ତାର ଅଟଇ ନିକର । ଖ୍ୟାବରେ ଟେ । ମୋହିଲେ ମୋ ଶ୍ରୀଶ୍ୟାମସୁନ୍ଦର ॥ ସେହି ନାମରତ୍ନଗୀତା ଏ ରସ ଅଟଇ । ଦୀନକୃଷ୍ଣଦାସ ଏହା ଭାବରେ ଭଣଇ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ରୁକ୍ମିଣୀ ତୁଳସୀ ସେବା କଥନେ ନାମ ଚତ୍ୱାରିଂଶ ଅଧ୍ୟାୟଃ ।

— ୦:୫:୦ —

ଏକଚତ୍ୱାରିଂଶ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ କହନ୍ତି ଅହେ ପ୍ରଭୁ ହୃଷୀକେଶ । ଦୟା କରି ପୂର୍ଣ୍ଣକର ମୋର ଅଭିଳାଷ ॥ ତୁମ୍ଭର ମହିମା ଏବେ କହ ନନ୍ଦବାଳା । ଏକା ଦେହ ତୁମ୍ଭର ସେ କେତେ ଅଂଶ କଳା ॥ ଶ୍ରୀହରି ବୋଇଲେ ଯାହା ପ୍ରଚାରିଲୁ ମୋତେ । ଏକଥା ଗୋପ୍ୟ ସେ ଯେତେ କହିଦେବା ବ୍ରତ ତେ ॥ ଆମ୍ଭର ମହିମା ପାର୍ଥ ଅଟଇ ଅନନ୍ତ । ଅନନ୍ତ ମହିମା କଥା କେ କହିବ ଅନ୍ତ ॥ ଅଦ୍ଭୁତ ମୂଳ ବୃକ୍ଷ ଯେସନେ ସମୁଦ୍ରରେ ଥାଇ । ଫଳମାନେ ବ୍ରହ୍ମାଣ୍ଡରେ ଜାତ ହୁଅନ୍ତି ଯାଇ ॥ ସେହିସ୍ୱଭେ ମୂଳ ବୃକ୍ଷ ଅଟୁ ଆମ୍ଭେ ପାର୍ଥ । କୋଟି କୋଟି କଳା ଅନ୍ତ ଶ୍ରୀଅଙ୍ଗରୁ ଜାତ । ସପତ ସମୁଦ୍ର ଅନ୍ତ କେ ପାଇବ କଳ । ତହୁଁ ଜାତ ହୋଇଲା ସେ ତରଙ୍ଗ ଲହରୀ ॥ ସହଜେ ବାୟୁ ତାହାର ଉଦୟ ହୋଇ ବଶ । ତହୁଁ ଜାତ ହୋଇ ପୁଣ ତହିଁ ପଶି ମିଶ ॥ ଦେହରେ ଯେସନେ ମଳ ଲାଗିଥାଇ ପାର୍ଥ । ଧୋଇଦେଲେ ଆଉ ନୋହେ ଲାଗିଲେ ନୁହଇ ତ

ନାଥ ॥ ସେହିମନ୍ତେ ଅମ୍ଭର ଯେ ଅଂଶକମାନ । ଅନନ୍ତାନ
ହୋଇଛନ୍ତି ଶୁଣ ତୁ ଅର୍ଜୁନ ॥ ନିତ୍ୟସ୍ଥଳ ମଣ୍ଡଳ ଯେ ରାହାସମଣ୍ଡଳ ।
ଅନନ୍ତ ଶିର ଉପରେ ରାଧାକୃଷ୍ଣ ଖେଳ ॥ ରାଧିକା ଅଂଶରୁ ଜାତ
ତ୍ରିପୁରା ସୁନ୍ଦରୀ । ତ୍ରିପୁରା ଅଂଶରୁ ଜାତ ବୃନ୍ଦାବତୀ ନାରୀ ॥ ବୃନ୍ଦାବତୀ
ଅଂଶରୁ ତୁଳସୀର ଜନମ । ତୋ ଆଗେ କହିଲୁଁ ପାର୍ଥ କଥାର
ମରମ ॥ ନରାକାର ଅଙ୍ଗ ଆତ୍ମେ ହୋଇଅଛୁଁ ଜାତ । ଅମ୍ଭ ଉଦରୁ
ଜାତ ଯେ ମହାଦୈତ୍ୟ ସୁତ ॥ ଏକ ଅଂଶ ଧରଣ ହରଲ୍ୟ ବୃନ୍ଦାବତୀ ।
ଆର ଅଂଶ ହେଲୁଁ ବୃକ୍ଷ ପାଷାଣ ମୂରତ ॥ ଏବେ ଯେଉଁ ଅଂଶ ଅମ୍ଭ
ଅଙ୍ଗ ଅଛୁ ପାର୍ଥ । କୋଟିକେ ଠେ ବ୍ରହ୍ମାଣ୍ଡ ହୋଇବ ସେହୁଁ ଜାତ ॥ ଅର୍ଜୁନ
ବୋଇଲେ ତୁମ୍ଭେ ଶୁଣ ଲକ୍ଷ୍ମୀସାଇଁ । ଶ୍ରୀମୁଖ ବଚନକୁ ପଚାରେ
ମୋର ନାହିଁ ॥ ପ୍ରଭ ପ୍ରଭୁ କର ତାହା କହ ହେ ଶ୍ରୀହରି । ଯେଉଁପର
ବୁଝିବି ମୁଁ ବଧୁମତ କରି ॥ ଶ୍ରୀହରି ବୋଇଲେ ତୁ ହେ ଶୁଣ
ସାରମଣି । ତୁଳସୀର ସେବା ଏକା ଜାଣନ୍ତି ରୁକ୍ମିଣୀ । ଆଉମାନେ
ଅମ୍ଭର ଯେତେକ ମହାଦେଈ । ତୁଳସୀ ଭାବନା ସୁଖ ନ ଜାଣନ୍ତି
କେହି ॥ ଏଥୁ ଅନନ୍ତରେ ତୁ ହେ ଶୁଣ ପାଲଗ୍ରଜ । ଦ୍ୱାରକାକୁ
ଆଇଲେ ନାରଦ ମହାମୁନି । ଦଣ୍ଡ କମଣ୍ଡଳୁ ଯେ ଅବର ଛତା
ବାଡ଼ି । କାଖତଳେ ଯାଉଛନ୍ତି କଳ ଯେ ଧୋକଡ଼ି ॥ ଯଜ ଯେ
ଦ୍ରବ୍ୟ ଧୋଉ କଟିତଟରେ ସାଜେ । ରୁଦ୍ରାକ୍ଷ ତୁଳସୀମାଳା ହୃଦରେ
ବିରାଜେ । କର୍ଣ୍ଣରେ କୁଣ୍ଡଳ ଅଷ୍ଟାଙ୍ଗଯୋଗରେ ଜଟା । ଦ୍ୱାଦଶ
ସ୍ଥାବରେ ଟୋପି ଚନ୍ଦନ ଯେ ଚଟା ॥ ଏସନେକ ଦ୍ରବ୍ୟ ବେଶ
ହୋଇ ମହାମୁନି । ଦ୍ୱାରକାରେ ପ୍ରବେଶ ହୋଇଲେ ତତକ୍ଷଣି ॥
ସତ୍ୟଭାମା ପୁରେ ଅସ ମିଳି ବ୍ରହ୍ମାସୁତ । ବିଶ୍ୱାସ କରାଇ ମୁନି
କରାଇଲେ ବ୍ରତ ॥ ନାରଦ ବୋଇଲେ ଶୁଣ ଶଙ୍କାଜାତ ବାଳି ।
ତୋହପାଇଁ ନାନାପୁଷ୍ପ ଆଣିଅଛୁଁ ତୋଳି ॥ ବ୍ରତ କରାଇ ପବନ୍ଧ
କରାଇବା ହେତୁ । ଦକ୍ଷିଣା ଆମ୍ଭଙ୍କୁ ଏବେ କେତେ ଦେବୁ କହ ॥
ସତ୍ୟଭାମା ବୋଇଲେ ମାଗିବ ତୁମ୍ଭେ ଯାହା । ସତ୍ୟ କରୁଅଛୁ

ମୁଁ ଅବଶ୍ୟ ଦେବି ତାହା । ଅଷ୍ଟରତ୍ନଦକ୍ଷିଣା ଦେବଇଁ ଅନୁପମ । ଶୁଣି କିର ନାରଦ ହୋଇଲେ ତମତମ ॥ ବୋଇଲେ ଗୋ ସତ୍ୟଭାମା ଅଜ୍ଞାଦେଲ ଯାହା । ଧନରତ୍ନ ନେଇଁ ଆମ୍ଭେ କି କରିବୁଁ ତାହା ॥ ଏତେ ବୋଲି ତୁଳସୀ ଯେ ଗ୍ରାମ ଗ୍ରାମ ବାଣୀ । ପଞ୍ଚମ ନିତ୍ୟରେ ବିଜୟେ ଶ୍ରୀ ବଂଶୀପାଣି ॥ ସେ ଶ୍ୟାମସୁନ୍ଦର ମୂର୍ତ୍ତି ଅନନ୍ତ ଅଟଇ । ତାହାଙ୍କୁ ଯେ ଭଜୁଥାନ୍ତି ପ୍ରଭୁ ଭବଭ୍ରାନ୍ତି ॥ ମୋର ନାମରତ୍ନଗୀତା ଅଟଇ ଯେ ସାର । ଦୀନକୃଷ୍ଣ ଦାସ ଏହା ହୃଦରେ ବିଚାର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଶ୍ରୀକୃଷ୍ଣଙ୍କ ଅଂଶକଳା ବିଜୟବର୍ଣ୍ଣନେ ନାମ ଏକତ୍ରିଂଶୋଽଧ୍ୟାୟଃ ॥

—— o ——

ଦ୍ୱିତ୍ରିଂଶ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଚକ୍ରପାଣି । ଏକମନେ ଶୁଣ ତୁମ୍ଭେ ସଖା ଚୂଡ଼ାମଣି ॥ ବ୍ରହ୍ମାଙ୍କ ନନ୍ଦନ ଯେ ନାରଦ ବ୍ରହ୍ମଋଷି । ବୋଇଲେ କୃଷ୍ଣଙ୍କୁ ତୋର ନେଇଯିବା ଧରି ॥ କହୁଁ କହୁଁ ମୋର ରୂପ ହେଲେ ବ୍ରହ୍ମଋଷି । ଅମ୍ଭ ବେନିକର ଧରି ଆଣିଲେ ଅକର୍ଷି ॥ ବୋଇଲେ ତୋହର ନାଶ ସତ୍ୟବ୍ରତ କଲା । ବରୁଣ ଯମନ୍ତେ ପିତା ଆମ୍ଭଙ୍କୁ ଯେ ଦେଲା ॥ କାହାଆଗେ ଗୁହାରି କରିବ ପଦ୍ମଅକ୍ଷି । ତିନିପୁରେ କେହି ତୋତେ ନ ପାରିବେ ରଖି ॥ ଏତେ ବୋଲି ହସ୍ତ ଧରି ତୋଳିଣ ନେ ବେଗେ । ବିଳମ୍ବ ନ କର ଆମ୍ଭେ ଗଲୁଁ ତାଙ୍କ ସଙ୍ଗେ ॥ ପଦ୍ମକର ଧରିଣ ସତ୍ୱରେ ବିଜେ କଲେ । ନବରୁ ବାହାରି ହୋଇ କିଛି ଦୂର ଗଲେ ॥ ଏମନ୍ତ ସମୟେ ସତ୍ୟଭାମା ଗଲେ ଧାଇଁ । ନାରଦ ମୁନିଙ୍କି ଆଗେ ଭଗାଇଲେ ଯାଇଁ ॥ ବୋଇଲେ ଶୁଣିମା ତୁମ୍ଭେ ବ୍ରହ୍ମାଙ୍କ କୁମର । କଥା ନ ବୁଝିଣ ବଡ଼ ଅନ୍ୟାୟ କର ॥ ମୁହିଁ ତୁମ୍ଭଙ୍କୁ ବଚନ ନ ପାରିବି କରି । କାହିଁପାଇଁ ସ୍ୱାମୀଙ୍କି ମୋ ନେଉଅଛ

ଧର । ତାହାଙ୍କର ସମାନେ ବରୁଣ ଦେବ ଗାଡ଼ । ବଳମ୍ବ ନ କର ମୋ ପ୍ରଭୁଙ୍କ ହସ୍ତ ଛଡ଼ା । ନାରଦ ବୋଇଲେ ଶୁ ଗୋ ସତ୍ୟବ୍ରତ ଏବେ । ଜଗନ୍ନାଥ ସମାନେ ଦକ୍ଷିଣା ଦେବୁ ଯେବେ । ସତ୍ୟଭାମା ବୋଇଲେ ମୋହର ସତ୍ୟ ସତ୍ୟ । ଏ କଥାକୁ ନାସ୍ତିକଲେ ନାଶ ଯିବ ବ୍ରତ । ଶୁଣିକରି ବାହୁଡ଼ି ଅଇଲେ ମହାମୁନି । ଆସନରେ ବସିଲେ ଭଗବାନ୍ କରେ ଘେନି । ସତ୍ୟଭାମା ମୁଖ ଚାହିଁ ଆଜ୍ଞାଦେଲେ ମୁନି । ଜଗନ୍ନାଥ ସମାନେ ବରୁଣ ବସ୍ତ ଆଣି । ଏତେ ବୋଲି ବେନିଖମ୍ବ ପୋତାଇଲେ ତହିଁ । ମଧ୍ୟରେ ସୁବର୍ଣ୍ଣ ଶ୍ରେଣି ଚଢ଼ାଇଲେ ନେଇ । ମଣି ଯେ ମାଣିକ୍ୟ ହୀରା ନୀଳା ଯେ ପୋହଳା । ନାନାବର୍ଣ୍ଣେ କମ ଯେ ବିବିଧ ରତ୍ନମାଳା । ଲକ୍ଷେମାତ୍ର ସୁବର୍ଣ୍ଣ ତହିଁରେ ଅଣ କର । ଅମୁରୁଲେ ରତ୍ନ ଯେ ନୋହିଲା ଜେଉଁ ସର । ଦେବ ସକ ଅଦକର ମଣୋହି ଯୋଗାଡ଼ । ତାହା ନେଇ ଦେଲା ତହିଁ କଡ଼ ମନେ ଦୃଢ଼ । କୌଣସି ପ୍ରକାରେ ସମ ନୋହିଲା ଭଗବାନ । ଦେଖି ସତ୍ୟଭାମା ଯେ ପାଇଲେ ମହାଲଜ୍ଜା । ପ୍ରସନ୍ନବଦନେ ଅମ୍ଭେ ଆଜ୍ଞା ଦେଲୁଁ ତାଙ୍କୁ । ବେନି ଯେ ଭଣ୍ଡାର କାଢ଼ି ଅଣ ଏ ଠାବକୁ । ଆଜ୍ଞା ପାଇ ସତ୍ୟଭାମା ଧାଇଁକାରେ ଗଲେ । ଭଣ୍ଡାର ସହିତେ ଅଣ ଭଗବାନ୍ ରେ ଦେଲେ । ଦ୍ୱାରକାଭୁବନ ଲୋକ ଚାଟକା ହୋଇଲେ । କେବେହେଁ ଭଗବାନ ଅଢ଼ ତୁଳ ଯେ ନୋହିଲେ । ବୋଇଲେ ଶ୍ରୀକୃଷ୍ଣଙ୍କୁ ଯେ ନେଉଛନ୍ତି ମୁନି । ସମସ୍ତେହେଁ ଚାଲ ବାରୁ ଧନମାନ ଘେନି । ସାତ୍ୟକି ଅକ୍ରୂର ଯେ ଉଦ୍ଧବ ଉଗ୍ରସେନ । ଯାନ ବଡ଼ମାନେ ସବୁ ନେଉଛନ୍ତି ଧନ । କେବେହେଁ ତୁଲ ଅଢ଼ ନୋହିଲାକ ଭଗବାନ । ଦେଖିକରି ସୁନସ ପାଇଲେ ମହାଲାଜ । ଏକଲୁ ଅତେକ ତହିଁ ମନେ ମନେ ଭାଳ । ସତ୍ୟଭାମା ମୁଖ ଚାହିଁ ଦେଉଛନ୍ତି ଗାଳି । ବୋଇଲେ ମୁନିଙ୍କ ସଙ୍ଗେ ସତ୍ୟକଲ ଯେବେ । ଏହାଯୋଗେ ଅନର୍ଥ ପଡ଼ିଲା ଆସି ଏବେ । ବୋଇଲେ ଏ ମୁନିଙ୍କ୍ ର ଉପାୟ

କରିବା । କୋପ ଜାତକଲେ ଅମ୍ଭେ ସମସ୍ତେ ମରିବା ॥ ଯେଉଁକାଳେ ଜାତ ହେବେ ଶ୍ରୀମନ୍ତରମଣ । ସେକାଳେ ମୁନିଙ୍କ ଯେ ଅଗମ୍ଯ ଦ୍ଵାପର ॥ ମଣିଭଦ୍ର ପର୍ବତରେ ପ୍ରଭୁ ପଦ୍ମନାଭ । ସପ୍ତଦଶ ପଦ୍ମ ତହିଁ କୋହ୍ନବନ୍ତି ଲାଭ ॥ ମୋହ ନାମରତ୍ନଗୀତା ମନେ କରି ରଖ । ଦୀନକୃଷ୍ଣ ଦାସ ବୋଲେ ଭାବଣ ଶ୍ରୀମୁଖ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ସତ୍ୟଭାମା ସତ୍ୟ ବିଷୟ କଥନେ ନାମ ତ୍ରିତ୍ରିଂଶୋଽଧ୍ୟାୟଃ ।

—:*:—

ଚତୁସ୍ତ୍ରିଂଶ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗ୍ରରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ପାଣ୍ଡୁର ନନ୍ଦନ ॥ ଶ୍ରୀକୃଷ୍ଣ ଯେ ଗଲେ ଅମ୍ଭେ ହୋଇବା ନିରେଖ । ସତ୍ୟଭାମା ଯୋଗରେ ପାଇଲୁଁ ଏତେ ଦୁଃଖ ॥ ଏ ବଚନ ଶୁଣିଣ ବୋଇଲେ ମହାଋଷି । ଅନ୍ୟଅନ୍ୟ ହୋଇ କର୍ଣ୍ଣ ଭାଳୁଅଛ ବସି ॥ ତରାଜରେ ତୁଳ କରି ନ ଦେଲେ ଯେ ଧନ । ଅବଶ୍ୟ ମୁଁ ଧରି ଘେନିଯିବି ଭଗବାନ ॥ ସମସ୍ତେ ବୋଇଲେ ଯେବେ ନେବ ତୁମ୍ଭେ ହରି । ବଳହାରେ ଅମ୍ଭେମାନେ ନେବୁଁ ଯେ ଉଦ୍ଧରି ॥ ତୁମ୍ଭେ ହେ ଏଥକୁ ଯେବେ କରିବନ୍ତି ବଳ । ତଣ୍ଟି କାଟି ମରିବୁଁ ଯେ ଯୁବତୀ ସକଳ ॥ ସତ୍ୟଭାମା ବୋଇଲେ ଯେ ମୁଁ ମୂର୍ଖ ନୁହଇଁ । ଦଣ୍ଡେ ମାତ୍ର ଏକା ତୁମ୍ଭେ ଥାଅ ଭିନ୍ନ ହୋଇ ॥ ତୁମ୍ଭଙ୍କୁ ବୋଧିଣ ଯେବେ ନ ପାରିବୁଁ ମୁନି । ତେତେବେଳେ ଦିବ ପଛେ ଶ୍ରୀକୃଷ୍ଣଙ୍କୁ ଘେନି ॥ ପ୍ରବୋଧ ବଚନ କହି ଶ୍ରୀକୃଷ୍ଣଙ୍କ ଅଗେ । ରୁକ୍ମିଣୀପୁରକୁ ସତ୍ୟଭାମା ଗଲେ ବେଗେ ॥ ମଥାର ଉପରେ ନେଇ ବେନିକର ଯୋଡ଼ି । ସ୍ତୁତି କରି ବୋଇଲେ ଯେ ଦେବୀପାଦେ ପଡ଼ି ॥ ବୋଇଲେ ହେ ଠାକୁରାଣୀ ତୁମ୍ଭେ ଅଛ ପାଖେ । ମୋତେ ଆସି ଘଡ଼ିଲା ଯେ ଦୁଃଖ

ସଙ୍କଟ ॥ ନଜ ପ୍ରଭୁ ଆମ୍ଭର ଯେ ଅଟନ୍ତି ଶ୍ରୀହରି । ବରୁଣ ତମନ୍ତ୍ରୀ ମୁନି ନୈଷ୍ଠକ ଧରି ॥ ଦ୍ୱାରକାନଗରୁ ସବୁ ବନ୍ଧ ନେଲେ ଧନ । ଦେବସଙ୍ଗ ଅଦ ଭରି ଯେତେ ଥିଲା ସ୍ୱର୍ଣ୍ଣ ॥ ଭଣ୍ଡାର ସହିତେ ନେଇ ତଗାଳରେ ଭରି । ଠାକୁରଙ୍କ ସଙ୍ଗତେ ନୋହିଲେ କେହି ସରି ॥ ଦ୍ୱାରକା ଭୁବନରୁ ସରିଲା ସବୁ ସୁଖ । ଧନ ଦ୍ରବ୍ୟ ଦେଇଣ ପାଇଲୁଁ ନାନାଦୁଃଖ ॥ କେବଳ ମାଧବ କଥା ତୁମ୍ଭଠାରେ ଅଛୁ । ରୁକ୍ମିଣୀ ବୋଇଲେ ତୁମ୍ଭେ ନ ଜାଣ ଗୋ କଛୁ । ଜଗନ୍ନାଥ ପୁରୁଷ ସେ ବ୍ରହ୍ମାଣ୍ଡଠାକୁର । ତାଙ୍କ ତୁଳେ ଧନକୁ କପାଇଁ ଲକ୍ଷ୍ୟ କର ॥ ସେହି ତାଙ୍କ ଏକା ଲକ୍ଷ୍ୟ ଆଉ ଲକ୍ଷ୍ୟ ନାହିଁ । ଯେତେ ଧନ ଦେଲେ ତାଙ୍କ ତୁଲେ ଲକ୍ଷ୍ୟ କାହିଁ ॥ ରୁକ୍ମିଣୀ ବଚନ ଶୁଣି ସତ୍ୟଭାମା ଭାଳି । ଶୋକଭରେ କାନ୍ଦିଲେ ସେ ଶଙ୍ଖାଙ୍କଚବାଳୀ ॥ ରୁକ୍ମିଣୀ ବୋଇଲେ ତୁମ୍ଭେ ନ କର ଗୋ କୋହ । ତୁଳସୀର ସେବା ସ୍ୱରୁ ଦକ୍ଷିଣମାତ୍ର ଇହ ॥ ଏତେ ବୋଲି ରୁକ୍ମିଣୀ ତୁଳସୀ ସେବା କଲେ । ପ୍ରଦକ୍ଷିଣ କରି ପତ୍ର ଗୋଟିଏ ତୋଳିଲେ ॥ ଯେଣୁ ସେ ଅଟନ୍ତି ଗୁରୁ ନିତ୍ୟର ପୁନସି । ସେ ରାଧାମୋହନ ରୂପ ସେହୁ ବଶ କରି ॥ ମାଣିକ ତୁଳରେ ଯେ ହୋଇବ ସେହି ନଷ୍ଟ । ନେଣୁ ବଶ କରିବ ଯେ ପୁରୁଷୋତ୍ତମ ॥ ମୋହ ନାମରତ୍ନଗୀତା ଅଟେ ମୃତ୍ୟୁରସ । ଦୀନକୃଷ୍ଣ ଦାସ କରେ ଭବରେ ପ୍ରକାଶ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ସତ୍ୟଭାମା ଓ ରୁକ୍ମିଣୀ କଥନ ବର୍ଣ୍ଣନେ ନାମ ତ୍ରିଚତ୍ୱାରିଂଶୋଽଧ୍ୟାୟଃ ।

—— o ——

ଚତୁଃଚତ୍ୱାରିଂଶ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ତୁ ହେ ଯୁଧିଷ୍ଠିରଯାନ ॥ ସୁବର୍ଣ୍ଣପାତ୍ରରେ ଭରି ଧେନୁଗଣେ ଖଞ୍ଜେ ।

ପ୍ରବେଶ ହୋଇଲେ ଯାଇଁ ମୁନଙ୍କ ଶ୍ରମରେ । ଦଣ୍ଡ ଦଣ୍ଡ ହୋଇଣ
ବୋଇଲେ ପାଟରାଣୀ । ସତେହେଁ ତ ମୁନି ତୁମ୍ଭେ ଦେବ ଚକ୍ରପାଣି ॥
ଅଧିକ ତୁମ୍ଭଙ୍କୁ ଆଉ ନ କହିବି କଥା । ଯାହା ପାଇଁ ବଳେ ଧରି ନେବ
ଅମ୍ଭ ଭର୍ତ୍ତା ॥ ରୁକ୍ମିଣୀ ବଚନେ ଯେ ନାରଦ କଲେ ରୋଷ ।
ବୋଇଲେ ତ ଦେଇ ମୋତେ କରୁଅଛି ତୋଷ ॥ ପ୍ରଭୁଙ୍ଗାଇଁ ଠାଣି
ହୋଇ କହିଲୁ ଯେ କଥା । ପାଦରେ ତୁ ଧନ ଦେଇ ନିଅ ତୁମ୍ଭ
ଭର୍ତ୍ତା ॥ କେସ ଦ୍ରବ୍ୟ ଅଛି ଅଛୁ ତରାଜୁରେ ଭର । ଜଗନ୍ନାଥ ତୁଲେ
ସବୁ ସରସମ କର ॥ ରୁକ୍ମିଣୀ ବୋଇଲେ ଧନ ଅଣିଅଛୁ ମୁହିଁ ।
ଭଣ୍ଡାରରୁ ସବୁ ଧନ ପକାଅ କଢ଼ାଇ ॥ ଶୁଣିକରି ନାରଦ ଉଠିଲେ
କୋପଭରେ । ତରାଜୁରୁ ଧନ କାଢ଼ି ପକାଇଲେ ତଳେ ॥ ରୁକ୍ମିଣୀଙ୍କି
ବୋଇଲେ ଗୋ ଆଣିଅଛ ଯାହା । କୁପଥ ପ୍ରକାରେ ଚପାଁ ରଖିଅଛ
ତାହା ॥ କି କି ଦ୍ରବ୍ୟ ଆଣିଅଛୁ ତରାଜୁରେ ଦିଅ । ତୁଲ ଯେବେ
ହୋଇବ ତୋ ଜଗନ୍ନାଥ ନିଅ ॥ ଶୁଣିକରି ରୁକ୍ମିଣୀ ସନ୍ତୋଷ ମନ
ହେଲେ । ତୁଳସୀର ଦଳ ନେଇ ତରାଜୁରେ ଦେଲେ ॥ ହୋଇଲା
ହୋଇଲା ବୋଲି ଶୁଭିଲାକ ଗୋଳ । ଦ୍ୱାରକାଭୁବନ ହରି ଷବନ୍ଧ
ତହିଲ ॥ ଶୁଣିକରି ଅନନ୍ତ ବୋଇଲେ ହରଷମନ । ନାରଦ ଯେ
ରୁକ୍ମିଣୀଙ୍କି କଲେ ଧନ୍ୟ ଧନ୍ୟ ॥ ବୋଇଲେ ହେ ରୁକ୍ମିଣୀ ତୋ
ମହିମା ଦୁର୍ଲଭ । ଏ ପୁଷ୍ପ ସଙ୍ଗତେ ସରି କଲୁ ପଦ୍ମନାଭ ॥ ତୁଳସୀ
ତହୁଁ ତଳେ ଏଡ଼େ ବଡ଼ ଭାବ । ତରାଜୁରେ ତୁଳ କଲୁ ପ୍ରଭୁ
ବାସୁଦେବ ॥ ସ୍ୱସ୍ତେର ଦେଖିଣ ଯେ ବୋଇଲେ ବ୍ରହ୍ମଋଷି ।
ବ୍ରହ୍ମାଣ୍ଡରେ ଏ ବୃକ୍ଷକୁ ନୋହେ କେହି ସରି ॥ ଜଗନ୍ନାଥ ସମାନରେ
ଏ ହୋଇଲେ ସମ । ତେଣୁ କରି ଏହାର ତୁଳସୀ ବୋଲି ନାମ ॥
ଠାକୁରଙ୍କ ସଙ୍ଗତରେ ସରି ହେଲେ ଯେଣୁ । ତୁଳସୀ ବୋଲିଣ
ଆଉ ନ ବୋଲିବେ କେହୁ ॥ ତୁଳରେ ହୋଇଲା ସମ ନାମ ତାର
ତୁଳ । ତୁଳସୀ ବୋଲିଣ ତିନିପୁର ଜନେ ବୋଲ । ତୁଳସୀ

ବୋଲିଣ ନାମ ଦେଲେ ଯଦୁଜନେ । ପ୍ରମାଣ ହୋଇଲା ସେ ନାରଦମୁନି ମନେ ॥ ସେ ତୁଳସୀଦଳ ଘେନି ଗଲେ ବ୍ରହ୍ମର୍ଷି । ଅମରଭୁବନେ ଯାଇଁ ହୋଇଲେ ପ୍ରବେଶ ॥ ଯେବଣ ତୁଳସୀଦଳ ନେଇଥିଲେ ଋଷି । ତିଳ ପ୍ରମାଣରେ ଦେଲ ଦେବତାଙ୍କୁ ତୋଷି ॥ ଋଷିଗଣମାନଙ୍କୁ ଥୋକାଏ ତହୁଁ ଦେଲେ । ସ୍ବର୍ଗପୁର ଲୋକେ ସବୁ ଜୟ ଜୟ କଲେ ॥ ଦ୍ୱାରକାଭୁବନ ସୁଖ କେତେକେ କହିବା । ସମସ୍ତେହେଁ ରୁକ୍ମିଣୀଙ୍କି ଚଳେ ଯାଇଁ ସେବା ॥ ବୋଇଲେ ଯେ ଅମ୍ଭେ ଅଶେଷ କରନ୍ତୁ ତୁମ୍ଭଙ୍କ । ତୁଳସୀର ସେବା ତୁମ୍ଭେ ଶିଖାଅ ଆମ୍ଭଙ୍କୁ ॥ ରୁକ୍ମିଣୀ ବୋଇଲେ ତୁମ୍ଭେ ନ ବୁଝ କିଛୁ । ତୁଳସୀକି ସେବାକଲେ ସବୁ ଧର୍ମ ଅଛୁ ॥ ଯାହା ଦ୍ୱାରେ ତୁଳସୀତରୁ ଥିବ ମଞ୍ଚ । ଯମରାଜା ତାହାଙ୍କୁ ଯେ ନ ପାରଇ ଦଣ୍ଡି ॥ ସ୍ତ୍ରୀ ଯେ ପୁରୁଷ ଯେତେ ଦ୍ୱାରକାରେ ଥିଲେ । ରୁକ୍ମିଣୀର ବଚନେ ତୁଳସୀ ପୂଜା କଲେ । ଏହା ତୁଲେ କାହାକୁ କହିବା ଅଛି ସମ । ହେଳୁ କରି ପାରନ୍ତି ତୁଳସୀ ସଙ୍ଗେ ଶ୍ୟାମ ॥ ଅର୍ଜୁନଙ୍କୁ କୃଷ୍ଣ ବୋଲନ୍ତି ଜଗନ୍ନାଥ । ତୁଳସୀର ଅଦ୍ଭୁତ ପୁଚ୍ଛିଲୁ ଯେ ପାର୍ଥ । ତେଣୁ କରି ବିସ୍ତାରି କହିଲି ସବୁକଥା । କୃଷ୍ଣଦାସ ଭଣେ ମୋହ ନାମରତ୍ନଗୀତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ରୁକ୍ମିଣୀ ଶ୍ରୀକୃଷ୍ଣ ଉଚ୍ଚାରଣେ ନାମ ଚତୁସ୍ତ୍ରିଂଶୋଽଧ୍ୟାୟଃ ।

—:0:—

ପଞ୍ଚତ୍ରିଂଶ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ସର୍ବଜ୍ଞ । ସଂସାରସାଗରୁ ପ୍ରଭୁ କଲ ମୋତେ ତ୍ରାହି । ମୁହିଁ ତୋର ଦାସ ଅଶେଷ କହୁଅଛୁ ତୋତେ । କଥାଏ ପଚାରୁଅଛି ଆଜ୍ଞା ହେଉ ମୋତେ ॥ ସାତଗୋଟି ଦ୍ୱୀପ ସେ ସପ୍ତସାଗର ମଧ୍ୟ । ତହିଁର ବ୍ୟବସ୍ଥା ପ୍ରଭୁ ମୋତେ ଏହି କହ ॥

ବନପୃଷ୍ଠବରେ ମୁଁ ପଗ୍ଭରୁଅଛୁ ଯାହା । ପ୍ରସନ୍ନ ହୋଇଣ ପ୍ରଭୁ କହ-
ବେତା ତାହା ॥ ବ୍ରହ୍ମପ୍ରଳୟ ଗୋଟା ଶୁଣିଲି କର୍ଣ୍ଣେ ଯେହ । ନସ୍କାର
ଉଥଇଲେ କେବଣ ମେଦନୀ ॥ ବ୍ରହ୍ମା ଭିଆଇଲେ ସେ ଯେବଣ
ମେରୁ ଗିରି । ଷୋଳସହସ୍ର ଯୋଜନ ତଳକୁ ପୋତାକରି ॥ ଚଉରାଶୀ
ସହସ୍ର ଯୋଜନ ତାର ଉଚ୍ଚ । ଲକ୍ଷେକ ଯୋଜନ ସ୍ଥୂଳ ମୋଟ ଦୀର୍ଘ
ସଞ୍ଚ ॥ ଏହୁ ଶାସ୍ତ୍ର ଗୋଟାତ କହିଲ ପ୍ରଭୁ ମୋତେ । ଆଦ୍ୟ ପୁରାଣର
କଥା ପଗ୍ଭରୁଛି ତୋତେ ॥ ନସ୍କାର ସମ୍ପଲେ ଯେବଣ ବସୁନ୍ଧରା ।
ସେ ମେରୁ କେମନ୍ତେ ଧିଲେ କହ ତଥ୍ୟ କରି ॥ କେତେ ହୋଇଲା
ମୋଟ ତଳକୁ ଗଲା କେତେ । ଉପରକୁ ଉଚ୍ଚ ସେ ପୁଣ ହୋଇଲା
ଯେତେ ॥ କେମନ୍ତ ପ୍ରକାରେ ପ୍ରଭୁ ଭିଆଇଲେ ମହୀ । ସେ କଥା
ଗୋଟାକ ବାରେ ଦେବ ମୋତେ କହି ॥ ଶ୍ରୀହରି ବୋଇଲେ
ତୋତେ କହିବା ଅର୍ଜୁନ । ତୁହି ଯେ ପଗ୍ଭରୁ ଏଡ଼େ କଥା ପଣ୍ଡମାନ ॥
ପାର୍ବତୀ ଆଗରେ ଏହା ବଖାଣିଲେ ଶିବ । ସେ କଥା ଶୁଣିଲେ
ଘୋର ପାପ କ୍ଷୟ ଯିବ ॥ ଯେଉଁକାଳେ ପୃଥିବୀ ନ ଥିଲା ଶୁଣ ପାର୍ଥ ।
ନସ୍କାର ସମ୍ପଲେ ବ୍ରହ୍ମାଣ୍ଡ ଖଣ୍ଡ ସାତ ॥ ଆପଣା ଦେହରୁ ମଳ ଚକ
ଏକ କରି । ଜଳରେ ମେଲିଲେ ତାହା ନସ୍କାର ହରି ॥ ସେ
ମଳଚକକୁ ଜଳେ ମେଲିଦେଲେ ଯେଣୁ । ତରଙ୍ଗ ଲହରୀ ବାଜ
ଭିଡ଼ିଲାକ ତେଣୁ ॥ ଦେଖି ନସ୍କାର ଯେ ହୃଦରେ କଲେ ଭମ । ଶ୍ରୀ
ଅଙ୍ଗରୁ ଉପାଡ଼ିଲେ ଗୋଟିଏକ ଲୋମ ॥ ମେରୁ କରି ତାହା ଯେ
ସ୍ଥାପିଲେ ବ୍ରହ୍ମତେଜ । ତିନିଲକ୍ଷ ଯୋଜନ ହୋଇଲା ତଳେ ପୋତା ॥
ଚରିଲକ୍ଷ ଯୋଜନ ହୋଇଲା ତାର ମୋଟ । ସ୍ଥିତ ପାଞ୍ଚଲକ୍ଷ ଯୋଜନ
ଯେ ଅଟେ ଶ୍ରେଷ୍ଠ । ଦଶଲକ୍ଷ ଯୋଜନ ଉତ୍ସର୍ଗ ତାକୁ କଲେ । ସେ
ମେରୁ ଉପରେ ଦେବସଭା ରଥଇଲେ ॥ କାଳାଲୋମ ଗୋଟିଏ ଯେ
ଉପାଡ଼ିଲେ ପୁଣ । ଚରିଲକ୍ଷ ଯୋଜନ ଯେ ପୋତିଲେ ଆପଣ ॥ ପଞ୍ଚ-
ଲକ୍ଷ ଯୋଜନ ଯେ ହୋଇଲା ତା ସ୍ଥୂଳ । ଷଡ଼ଲକ୍ଷ ଯୋଜନ

ହୋଇଲ ମେଷ୍ଟ ବର୍ଣ୍ଣ ॥ ଅଠଲକ୍ଷ ଯୋଜନ ହୋଇଲା ତାର ଶିଖା । ମହାଗିରି ବୋଲିକରି ନାମ ଦେଲେ ଏକା ॥ ଦ୍ୱିତୀୟ ଲୋମକୁ ଯେ ହୋଇଲେ ମହାବଳୀ । ଷଡ଼ଲକ୍ଷ ଯୋଜନ ତଳକୁ ଗଲା ଗଳି ॥ ସାତଲକ୍ଷ ଯୋଜନ ହୋଇଲା ସେହୁ ମୋଟ । ସ୍ଥୂଳ ତାର ହୋଇଲା ଯୋଜନ ଲକ୍ଷ ଅଠ ॥ ନବଲକ୍ଷ ଯୋଜନ ଅଟଇ ଉଚ୍ଚ ଯେଣୁ । ମନ୍ଦର ବୋଲିଣ ତାର ନାମ ଦେଲେ ତେଣୁ ॥ ମନ୍ଦର ବାୟୁବ୍ୟ କୋଣେ ତଳା ମହାଶ୍ରେଷ୍ଠ । ଅଗ୍ନିକୋଣେ ପୋତିଲେ ଯେ ହୋଇ ଗିରିଶ୍ରେଷ୍ଠ ॥ ପୁଣି ହୁଁ ପୋତିଲେ ନେଇ ଏକ ଲୋମ ଗୋଟ । ସାତଲକ୍ଷ ଯୋଜନ ତଳକୁ ଗଲା ଫୁଟ ॥ ଅଷ୍ଟଲକ୍ଷ ଯୋଜନ ହୋଇଲା ସେହୁ ମୋଟ । ନବଲକ୍ଷ ଯୋଜନ ଯାଇ ଲାଗିଲା ହେଟ ॥ ପାଞ୍ଚଲକ୍ଷ ଯୋଜନ ହୋଇଲା ତାର ସ୍ଥୂଳ । ଉଦୟଗିରି ବୋଲି ନାମ ଦେଲେ ମହାବଳୀ ॥ ମେରୁ ଦକ୍ଷିଣଭାଗରେ ଯେ କଲା ଦ୍ରବ୍ୟ ସାର । ଯତନ କରି ତାହା ପୋତିଲେ ନିରାକାର ॥ ଉଦୟଗିରି ପଶ୍ଚିମରେ ଅଟେ ଯେଉଁ ଗିରି । ପରମ ଅଧ୍ୟ ଭୁବନ ଅଟେ ସେହୁ ପୁରୀ ॥ ସେ ସ୍ଥାନରେ ବିଜେ ପ୍ରଭୁ ଶ୍ରୀଶ୍ୟାମସୁନ୍ଦର । ଯେଣୁ ସେ ଅଟନ୍ତି ଜାଣ ପଦ୍ମାକ୍ଷର ବର ॥ ମୋହ ନାମରତ୍ନଗୀତା ରସ ଅଟେ ଏହି । ଧନଞ୍ଜୟ ଦାସ ଏହା ଭାବରେ ଭଣଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ନିରାକାର ମେରୁ ସଞ୍ଚରଣ କଥନେ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

—※○※—

ଷଡ଼୍‌ତ୍ରିଂଶ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ନନ୍ଦବାଳ । ଏକମନେ ଶୁଣ ତୁ ହୋ କୁନ୍ତୀରତ୍ନବାଳକ ॥ ଚତୁର୍ଥେ ଲୋମେକ ଉପାଡ଼ିଲେ ବ୍ରହ୍ମବେତ୍ତା । ଷଡ଼ଲକ୍ଷ ଯୋଜନ ଭୂମିରେ ଗଲା ପୋତା ॥ ଅଷ୍ଟଲକ୍ଷ ଯୋଜନ

ହୋଇଲା ମୋଟ ଏକ । ନବଲକ୍ଷ ଯୋଜନେ ଲାଗିଲା ତାର ଶିଖା । ସେ ଚତୁର୍ଥ ଲୋମ ଜାଣ କ୍ରୁଅନ୍ତେ ତ୍ୱରିତ । ଲୋକାଲୋକ ପର୍ବତ ତାହାଙ୍କୁ ବୋଲି ପାର୍ଥ ॥ ମେରୁ ନୈର୍ଋତ କୋଣରେ କଲା ଦିବ୍ୟ ସାର । ପଦ୍ମକରେ ଧରଣ ପୋତିଲେ ନିରାକାର ॥ ପଞ୍ଚମରେ ଲୋମେକ ଉପାଡ଼ି ଜଗନ୍ନେତା । ସାତଲକ୍ଷ ଯୋଜନେ ତଳକୁ କଲେ ପୋତା । ଅଠଲକ୍ଷ ଯୋଜନ ରହିଲା ସ୍ଥୂଳ ମାତ୍ର । ନବଲକ୍ଷ ଯୋଜନ ତଳକୁ ଶିଖା ବଢ଼ି । ମେରୁର ଦକ୍ଷିଣ ପାଶେ ପୋତିଲେକ ହେଣ । ନୀଳାଚଳ ବୋଲିଣ ଯେ ନାମ ଦେଲେ ତେଣୁ ॥ ମଞ୍ଚଭୁବନକୁ ସେ ଅନନ୍ତ ଗିରିବର । ପଦ୍ମକରେ ଧରଣ ପୋତିଲେ ଚକ୍ରଧର ॥ ଷଷ୍ଠରେ ଲୋମେକ ପ୍ରଭୁ ଉପାଡ଼ିଲେ ତହୁଁ । ପଞ୍ଚଲକ୍ଷ ଯୋଜନ ତଳକୁ ପୋତାଗଲା । ଚାରିଲକ୍ଷ ଯୋଜନ ହୋଇଲା ତାର ମୋଟ । ନବଲକ୍ଷ ଯୋଜନ ହୋଇଲା ତାର ହେଠ ॥ ମେରୁର ପଶ୍ଚିମେ ସେହି କଲା ଦିବ୍ୟସାର । ଅସ୍ତଗିରି ବୋଲି ନାମ ଦେଲେ ନିରାକାର ॥ ସପ୍ତମେ ଲୋମେକ ଯେ ଉପାଡ଼ିଲେ ପୁଣି । ସାତଲକ୍ଷ ଯୋଜନ ସେ ପୋତିଲେ ଧରଣୀ ॥ ଅଠଲକ୍ଷ ଯୋଜନ ହୋଇଲା ମୋଟ ଏକା । ନବଲକ୍ଷ ଯୋଜନେ ଲାଗିଲା ଯାଇ ଶିଖା ॥ ମେରୁର ଉତ୍ତରଭାଗେ କଲା ଏ ପୋତିଲେ । ହେମବନ୍ତ ବୋଲିଣ ତାହାର ନାମ ଦେଲେ ॥ ଅବର ଲୋମେକ ପୁଣି ଉପାଡ଼ିଲେ ବେଗ । ସେ କିଲା ପୋତିଲେ ଯେ ଈଶାନ୍ୟ କୋଣଭାଗେ ॥ ମେରୁ ଈଶାନ୍ୟକୋଣେ ଯେ କଲା ମହାବଳୀ । ସାତଲକ୍ଷ ପୋତା ସେ ଯେ ଅଠଲକ୍ଷସ୍ଥୂଳ ॥ ଅଷ୍ଟକିଳା ଏମନ୍ତେ ପୋତିଲେ ଭଗବାନ । ନିଶ୍ଚଳ ହୋଇଲା ପୃଥ୍ୱୀ ଶୁଣ ତୁ ଅର୍ଜୁନ ॥ ଯେଉଁଭାବେ କଲେ ପୃଥ୍ୱୀ ପ୍ରଭୁ ଜଗନ୍ନାଥ । ଗୀତାରେ ବର୍ଣ୍ଣିଲେ ତାହା ଦୀନକୃଷ୍ଣ ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପୃଥ୍ୱୀ ସଞ୍ଚରଣ କଥନେ ନାମ ଷଡ଼୍‌ତ୍ରିଂଶୋଽଧ୍ୟାୟଃ ।

—୦ଃ୦—

ସପ୍ତଚତ୍ୱାରିଂଶ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ତୁ ହେ ପାଣ୍ଡୁର ନନ୍ଦନ ॥ ଏକୋଇଶ ବ୍ରହ୍ମାଣ୍ଡ ପାତାଳପୁର କଲେ । ଶୁକ୍ଳଶ୍ୱେତ ଛାଡ଼ ବର୍ଣ୍ଣ ଧ୍ୟାନରେ ନହିଲେ । ଅନନ୍ତକୋଟି କଳ୍ପନା ଧ୍ୟାନ କଲେ ଯହିଁ । ସେ ପୁରୁଷ ଅଙ୍ଗୁ ହେଲ ଉତ୍ପନ୍ନ ତହିଁ ॥ ଅନନ୍ତ ମୂର୍ତ୍ତି ଜାଣ ଶ୍ରୀମହାରମଣ । ସେ ମଧ୍ୟେ ବସିଣ ଉଦେ ହେଲେ ଭଗବାନ । ଶ୍ରୀମତୀଙ୍କି ବୋଲନ୍ତି ଯେ ଶ୍ରୀଶ୍ୟାମସୁନ୍ଦର । ପରମତତ୍ତ୍ୱକୁ ଚକ୍ଷେ ଦେଖ ନାଗବର ॥ ବାମକରେ ହେଲ ପୋଷ୍ଟ ପଦ୍ମାକ୍ଷେଣ ସିନ୍ଧୁ । ତହିଁ ଜାତ ହୋଇଲା ଯେ ଏକଇ ସୁନ୍ଦରୀ ॥ ନୂତନ ସ୍ତ୍ରୀସୀ ତନୁ ନୂତନ ପୁରୁଷ ଯେଣୁ । ଅବ୍ଦ ଯେ ଅପର୍ଣ୍ଣ ବୋଲି ନାମ ଦେଲେ ତେଣୁ ॥ ସେ ମହାସୁନ୍ଦରୀ ସ୍ୱରଚନ୍ଦ୍ର ଠାଣୀମଣି । ପ୍ରଭୁଙ୍କର ଆସନ ହୋଇଲା ଦେଖ ଶୁଣି ॥ ରୂପ ଯଉବନ ଦେଖି ନ ପାରିଲେ ସହି । ଶ୍ରୀଅଙ୍ଗରୁ ଖାଲି ଖସି ପଡ଼ିଲାକ ମହୀ । ଧାତୁବାରେ ହସ୍ତେ ଧା ଧଇଲେ ନରାକାର । ନଖ ଯେନ କାନ୍ତ ଭଗ ଚିରିଦେଲେ ତାର । ଭଗନାମେ ହୋଇବ ଯେ ଉତ୍ପନ୍ନ ତହିଁ । ଛନଭାଗ କରି ବୀଜ ଛାଡିଦେଲେ ନେଇ ॥ ସେ ବୀଜ ପଡ଼ିଲା ଯହୁଁ ତାର ଦିବ୍ୟ ଯୋନି । ବ୍ରହ୍ମା ବିଷ୍ଣୁ ମହେଶ୍ୱର ଉତ୍ପନ୍ନ ହେଲେ ତିନି । ବ୍ରହ୍ମାଙ୍କୁ ବୋଇଲେ ବିଷ୍ଣୁ ତୁ ଜଗତକର୍ତ୍ତା । ବିଷ୍ଣୁଙ୍କୁ ଲଗାଇଲେ ସୃଷ୍ଟି ପାଳିବାର ଚିନ୍ତା । ଈଶ୍ୱର ବୋଲିଣ ଯେଉଁ ପୁତ୍ର ଗୋଟି ନାମ । ତାହାଙ୍କୁ ବୋଇଲେ ତୁ ସାଧିବୁ ବ୍ରହ୍ମଜ୍ଞାନ ॥ ଏମନ୍ତ ପ୍ରକାରେ ଆମ୍ଭେ ହୋଇ ଅଛୁ ସର୍ବ । ଏବେ ଯାହା ପଚାରିବୁ କହିବା ହୋଇ ତ କହୁ ॥ ଅର୍ଜ୍ଜୁନ ବୋଇଲେ ଯାହା ଶ୍ରୀମୁଖେ କହିଲ । ଏକୋଇଶ ବ୍ରହ୍ମାଣ୍ଡ ପାତାଳେ ସ୍ଥିତ କଲ ॥ ଏ କଥା କହିବ ମୋତେ କୃପା ଚକ୍ରପାଣି । କେଉଁମାନେ କେଉଁ ପୁରେ କରନ୍ତି ଭ୍ରମଣି ॥ ଶ୍ରୀହରି ବୋଇଲେ ଯାହା ପୁଚ୍ଛିଲୁ ଅର୍ଜ୍ଜୁନ । ଜମ୍ବୁଦ୍ୱୀପ

ପୃଥ୍ୱୀ ସେ ଲକ୍ଷେକ ଯୋଜନ ॥ ବେଢ଼ି ଲକ୍ଷ ଯୋଜନ ବେଢ଼ିଛି କ୍ଷୀରପାଣି । ଭିନ୍ନନାମେ ଅଛନ୍ତି ସେ ଦ୍ୱୀପଙ୍କୁ ଜାଣେଣି ॥ ନିଶାକର ନାମେଣ ଚନ୍ଦ୍ରମା ଏଥି ରହି । ଏ ଦ୍ୱୀପକୁ ଧରିଛି ବାସୁକି ନାମେ ଅହି ॥ ବସ୍ତୁ ନାମେ ଦ୍ୱୀପେକ ତହିଁର ତଳେ ଅଛି । ଚାରିଲକ୍ଷ ଯୋଜନ ସେ ଶୁଣ ସବ୍ୟସାଚି ॥ ପଞ୍ଚଲକ୍ଷ ଯୋଜନ ସେ କ୍ଷୀରସିନ୍ଧୁ ଭାଗ । ତାହା ଧରିଅଛଇ ଅନନ୍ତ ନାମେ ନାଗ ॥ ସାବଧାନେ ଶୁଣ ତୁମ୍ଭେ ପାଣ୍ଡୁର କୁମର । ବୁଝାଇ କହିବା ତୋତେ ଏକୋଇଶ ପୁର ॥ ଏମନ୍ତ ମହିମା ପୁଣ ଶ୍ରୀନନ୍ଦନନ୍ଦନ । ସପ୍ତଦଶ ଅଙ୍କ ଉଦେ ହୋଇବ ସେ ପୁଣ ॥ ଶ୍ରୀମଣ୍ଡି ବଇଁଜେ ଯେଣୁ ପ୍ରଭୁ ବଂଶୀଧର । ଅନନ୍ତ ରୂପ ଅଟେ ସେ ପ୍ରଭୁ କଳେବର ॥ ବୃନ୍ଦାବନଚନ୍ଦ୍ର ନାମ ତାହାର ପ୍ରକାଶ । ତାର ଶିରେ ନମସ୍କ କରିବେ ପୀତବାସ ॥ ମୋହ ନାମଚନ୍ଦ୍ରଗୀତା ଅଟଇ ଦର୍ପଣ । ଦୀନକୃଷ୍ଣ ଦାସ ଏହା ଭଣୁଥାଇ ଜାଣ ॥

ଇତି ଶ୍ରୀନାମଚନ୍ଦ୍ରଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବ୍ରହ୍ମା ବସ୍ତୁ ମହେଶ୍ୱର ଜନ୍ମ କଥନେ ସପ୍ତତ୍ରିଂଶୋଽଧ୍ୟାୟଃ ।

—୦:✻:୦—

ଅଷ୍ଟତ୍ରିଂଶ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ଭଗବାନ୍ତ । ଏକମନେ ଶୁଣ ତୁ ହୋ ଯୁଧିଷ୍ଠିରଭ୍ରାତ ॥ ଷଡ଼ଲକ୍ଷ ଯୋଜନ ଲବଣସିନ୍ଧୁ ତହିଁ । ସେ ଦ୍ୱୀପକୁ ବେଢ଼ିଛି ମଣ୍ଡଳାକାର ହୋଇ ॥ ଅନନ୍ତ କୂରୁମ ତାହା ଧରିଅଛି ବୀର । ତହିଁ ତଳେ ଅଛଇ ଯେ ମହୀ ନାମେ ପୁର ॥ ଷଡ଼ଲକ୍ଷ ଯୋଜନ ସେ ପୁର ଯଥାବଧି । ସାତଲକ୍ଷ ଯୋଜନ ସମୁଦ୍ର ମହୋଦଧି ॥ କଳା ନାମେ ବାସୁକୀ ଯେ ଧରିଅଛି ତାହା । ତହିଁ ତଳେ ପୁରେକ ଅଛଇ ପାର୍ଥ ଯାହା ॥ ତହିଁର ଚରିତ ପାର୍ଥ ଯେତେ ହେବା କହି । ସାତଲକ୍ଷ ଯୋଜନ ସେ ଦିବ୍ୟପୃଥ୍ୱୀ ମହୀ ॥ ଅନନ୍ତ

ମୃଗଙ୍କ ଯେ ଧରିଛନ୍ତି ତାହା । ଶୁଣ ତୁ ଅର୍ଜୁନ ମୋତେ ପୁଚ୍ଛା କଲୁ ଯାହା ॥ ଆଉ ନାମେ ଦ୍ୱୀପେକ ତହିଁର ତଳେ ଅଛି । ଅଠଲକ୍ଷ ଯୋଜନ ସେ ଶୁଣ ପଞ୍ଚୁବସ୍ତି ॥ ଦଧି ନାମେ ସ୍ୱାଦ୍ ବୋଲନ୍ତି ପାର୍ଥ ଯାକୁ । ନବଲକ୍ଷ ଯୋଜନ ସେ ବେଢ଼ିଅଛି ତାକୁ ॥ ମେଦ ନାମେ ସର୍ପେକ ତା ଧରିଅଛି ବୀର । ତହିଁ ତଳେ ଅଛଇ କଞ୍ଚନ ନାମେ ପୁର ॥ ନବଲକ୍ଷ ଯୋଜନ ସେ ଅଟଇ ଧରଣୀ । ଦଶଲକ୍ଷ ଯୋଜନ ସମୁଦ୍ର ଉଙ୍ଗପାଣି ॥ ତାହା ଧରିଅଛି ହଳଧର ସଙ୍କର୍ଷଣ । ତହିଁ ତଳେ ଅନେକ ନାମେ ପୁରେ ରଥଣ ॥ ଦଶଲକ୍ଷ ଯୋଜନ ସେ ପୃଥ୍ୱୀ ଅଛି ମାତ୍ର । ଏଗାରଲକ୍ଷ ଯୋଜନ ପୁଷ୍ପସିନ୍ଧୁ ବେଢ଼ି । ତାହା ଧରିଅଛି ବାସୁଦେବ ଭଗବାନ । ତହିଁ ତଳେ ପୁରେକ ଯେ ଅଛଇ ଅର୍ଜୁନ ॥ ଏଗାର ଲକ୍ଷ ଯୋଜନ ପୃଥ୍ୱୀ ପ୍ରାଣବନ୍ଧୁ । ବାରଲକ୍ଷ ଯୋଜନ ବେଢ଼ିଛି ତହିଁ ସିନ୍ଧୁ । ତାହା ଧରିଅଛି ବଳଧୃତ ନାମେ ରାୟୁ । ତାହାତଳେ ପୁରେକ ଯେ ଅଛି ଧନଞ୍ଜୟ ॥ ବାରଲକ୍ଷ ଯୋଜନ ସେ ପୃଥ୍ୱୀ କଳେବର । ତାହା ଧରିଅଛି ବଳରାମ ହଳଧର ॥ ଦଶଦ୍ୱୀପ ତଳେ ଯେତେ ପୁରମାନ ଅଛି । କେତେତେବେ ନଗ୍ରେପି ତାହା କହିବା ବୃଥାଏ ॥ ଠିକ ଠିକ କରି ତାହା ଶୁଣିଥାଅ ବୀର । ଚଉଦଲକ୍ଷ ଯୋଜନ ତହିଁ ତଳ ପୁର ॥ ତାହା ଧରିଅଛି ଶଙ୍ଖ ନାମେ ମହାପଦ୍ମ । ପନ୍ଦର ଲକ୍ଷ ଯୋଜନ ତହିଁ ତଳ ପୃଥ୍ୱୀ ॥ ସେ ଦ୍ୱୀପର ଭାବ ସନ୍ଧି ନ ପାରନ୍ତି କେହି । ଜ୍ଞାନବର ନାମେ ଯେ ପୁରକୁ ଅଛି ବହି । ତାହା ତଳେ ପୁରେକ ଯେ ଅଛି ଧନଞ୍ଜୟେ । ଅଠର ଲକ୍ଷ ଯୋଜନ ଉର୍ଦ୍ଧ ପ୍ରଭ ହୁଏ ॥ ସିନ୍ଧୁ ନାମେ ନାଗପୃଣ ଧରଛନ୍ତି ତାହା । ତହିଁ ତଳେ ପୁରେକ ଅଛଇ ପାର୍ଥ ଯାହା ॥ ନବଲକ୍ଷ ଯୋଜନ ସେ ଦ୍ୱୀପ ଦିବ୍ୟବାସ । ତାହା ଧରିଅଛି ତପୀ ଜଙ୍ଗମ ପୁରୁଷ । ତହିଁର ତଳରେ ଦିବ୍ୟ ପୁରେକ ଯେ ଅଛି । କୋଡ଼ିଏ ଲକ୍ଷ ଯୋଜନ ଶୁଣ ସବ୍ୟସାଚି ॥ ସୁବୁଦ୍ଧି ନାମରେ ଜ୍ଞାଣ ପୁରୁଷ ଗୋଟାଏ । ସେ ପୁରୁଷ ଧରିଅଛି ଶୁଣ ଧନଞ୍ଜୟେ ॥

ତହୁଁ ତଳେ ପୁରେକ ଯେ ଅଛୁ ମହାଶ୍ରେଷ୍ଠ । ଏକୋଇଶ ଯୋଜନ ସେ ପୁର ଅଟେ ମୋଟ ॥ ତହୁଁପରେ ପରମ ନଦ୍ୟେଣ ଭଗବାନ । ଶ୍ରୀମତୀ ରମଣେ ହୋଇଲ ଶ୍ରୀନନ୍ଦନନ୍ଦନ ॥ ଯେଉଁକାଳେ ସପ୍ତଦଶ ଅଙ୍କ ହେବ ଜାଣ । ଯୁଧିଷ୍ଠିର ନାମେ ଥିବ ଦୈତ୍ୟସିଂହ ଗଣ ॥ ମୋହ ନାମରତ୍ନଗୀତା ହୋଇବ ପ୍ରକାଶ । ପାଦକୃଷ୍ଣ ବୋଲେ ଏହା ସ୍ତବ ପୀତବାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦ୍ୱୀପ
ବର୍ଣ୍ଣନେ ନାମ ଅଷ୍ଟଚତ୍ୱାରିଂଶୋଽଧ୍ୟାୟଃ ।

—:୦:—

ଊନପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ବନମାଳି । ଏକମନେ ଶୁଣ ଭୁହୋ ପୃଷ୍ଠେ ଚପଦେକ । ତାହା ଧରିଅଛଇ ଯେ ଶୁଣ କୁନ୍ତୀସୁତ । ବଳବନ୍ତ ନାମେ ଏକ ଶାଃ ଯେ ପ୍ରଭୃତ ॥ ତହୁଁ ତଳେ ପୁରେକ ଯେ ଅଛୁ ଦିବ୍ୟ ସ୍ଥଳ । ବାଇଶ ଲକ୍ଷ ଯୋଜନ ସେ ପୁରର ସ୍ଥଳୀ ॥ ବଟେଶ୍ୱଦେବ ନାମେଣ ପୁରୁଷ ତହୁଁ ଅଛୁ । ସେ ଦ୍ୱୀପ ସେ ଧରିଅଛୁ ଶୁଣ ପଣ୍ଡୁବଂଶି । ତହୁଁତଳେ ପୁରେକ ଯେ ଅଛଇ ଅର୍ଜୁନ । ତେଇଶଲକ୍ଷ ଯୋଜନ ସେ ପୁରର ସ୍ଥାନ ॥ ନୀଳକଣ୍ଠ ନାମେଣ ପୁରୁଷେ ଅଛୁ ତହୁଁ । ସେ ପୁରୁଷ ଧରିଅଛୁ ଅଙ୍ଗେରେଣ ବହି ॥ ତହୁଁତଳେ ପୁରେକ ଅଛଇ ହାଦେ ଜାଣ । ଚବିଶଲକ୍ଷ ଯୋଜନ ଅଟଇ ସେ ସ୍ଥାନ ॥ ବଟେଶ୍ୱଦେବା କୋଳିଣ ଶାସ୍ତ୍ରରେ କହି ଯାହା । ନୀଳାମ୍ବର ପୁରୁଷ ସେ ଧରିଅଛୁ ତାହା ॥ ପାତାଳ ବୈକୁଣ୍ଠ ତାକୁ ବୋଲିଣ ଅର୍ଜୁନ । କାରୁଣ୍ୟ ଜଳଧି ସେହିଠାରେ ଉତପନ୍ନ ॥ କୋଟିଏ ବ୍ରହ୍ମାଣ୍ଡ ତଳେ ଏକୋଇଶପୁର । ପାତାଳ ବୈକୁଣ୍ଠ ପୁରେ ପ୍ରଭୁ ନିରାକାର ॥ ସେ ଭୁବନେ ଯେତେ

ଦ୍ରବ୍ୟ ଉପୁଜନ୍ତି ପାର୍ଥ । ସୁନା ଯେ ମାଣିକ୍ୟ ହୀରା ମୁକୁତା ମର୍କତ ।
ନବନିଧି ଆଦଙ୍କର ଉପୁଜଇ ତହିଁ । ନିରାକାର ପୁରୁଷଙ୍କୁ ପଟାନ୍ତର
ନାହିଁ ॥ ତାହାଙ୍କ ମହିମା ଶୁଣ କହୁଦେତା ଏବେ । ମନର ପରତେ
ପାର୍ଥ ନ କରନ୍ତୁ ଯେବେ ॥ ଅଶେଷ ମହିମା ପାର୍ଥ କେ ପାରିବ
କହି । ଏଡ଼େବଡ଼ ପୁରୁଷ ଯେ ବ୍ରହ୍ମାଣ୍ଡରେ ନାହିଁ ॥ ଶତଲକ୍ଷ
ଯୋଜନ ବିସ୍ତାର ଦିବ୍ୟ ସ୍ତମ୍ଭ । ବଣାଶତେ ଯୋଜନ ଯେ ଦୀର୍ଘ
ତାର ଉଚ୍ଚ ॥ ବୈକୁଣ୍ଠଭୁବନେ ଯେ ପୁରୁଷ ଥାଇ ବାଟେ । ତାର
ଯେ ଅଦ୍ଭୁତ ତହିଁ ଷୋଳଚନ୍ଦ୍ର ଉଦେ ॥ ସେ ଭୁବନ ମଧ୍ୟେ
ଯେ ନିରାକାର ଥାଇ । ସର୍ପ ଗୋଟିଏକ ଅଛି ସିଂହଦ୍ୱାରେ ରହି ॥
ଲକ୍ଷ ମୁଣ୍ଡ ଏକଠାବେ ରହିଅଛି ତାର । ଏମନ୍ତ ପ୍ରକାରେ ସେ
ନଗର ସିଂହଦ୍ୱାର ॥ ନିରାକାର ପ୍ରଭୁଙ୍କର ତେଜ ଅଟେ ଯେତେ ।
ସର୍ପର ତେଜହିଁ ଜାଣି କରିନାଇ ତେତେ । ସେ ସର୍ପ ଦକ୍ଷିଣଚକ୍ଷୁ
ରଙ୍ଗ ଜାଣ ହୋଇବେ । କୋଟିଏ ସୂର୍ଯ୍ୟର ତେଜ ହୋଇଥାଇ ଉଦେ ॥
ବାମଚକ୍ଷୁ ଗୋଟାକ ଯେ କୋଟିଚନ୍ଦ୍ର ପ୍ରଭା । ଶାନ୍ତ ଯେ ଶୀତଳ
ଯେନ ପାଉଅଛି ଶୋଭା ॥ ସେ ସର୍ପର ଛମୁରେ ବୃକ୍ଷେକ ଅଛି ରହି ।
ଦେବନାଶନ ବୋଲିଣ ତାହାକୁ ଯେ କହି ॥ ତ୍ରିଗଣେ ଦେବତା
ତହିଁର ଯେତେ ଥାନ୍ତି । ନିରାକାର ପ୍ରଭୁଙ୍କୁ ଦର୍ଶନ କରିଯାନ୍ତି ।
ସେ ବୃକ୍ଷର ତଳେ ଉଷ୍ମ ହୁଅନ୍ତେଣ ପାର୍ଥେ । ତେଜ ଲାଗି ସମସ୍ତ
ଦେବତା ଯାନ୍ତି ନାଶ ॥ କେତେ ବ୍ରହ୍ମା କେତେ ବିଷ୍ଣୁ କେତେ
ଦେବଗଣ । କେତେ ସୂର୍ଯ୍ୟ କେତେ ଚନ୍ଦ୍ର କେତେକ ବରୁଣ ।
କେତେକ କୁବେର କେତେ ପବନାଦି କରି । ସେ ବୃକ୍ଷ ତଳକୁ
ଗଲେ ସମସ୍ତେହିଁ ମରି ॥ ଅସ୍ଥି ଚର୍ମ କେତେ ତହିଁ ଗଦିମା ବଢ଼ଇ ।
ଗ୍ରାମ ମୂରତିପଡ଼ିଅଛନ୍ତି ଦଶଲକ୍ଷ ॥ ଦୈତ୍ୟପାଳ ବୋଲିଣ ବ୍ରହ୍ମା
ଏକ ଥିଲା । ଶତକୋଟି ବାର ସେହି ବୃକ୍ଷତଳେ ମଲା ॥ ଶତେ-
ଗୋଟା ବଦନ ଯେ ତାହାର ଅର୍ଜୁନ । ବ୍ରହ୍ମାମାନଙ୍କରେ ଯେ ଅଟଇ

ମୋକ୍ଷପାନ । ଦର୍ଶନକୁ ଯାଇଣ ପାଇଲ୍ଲ ମହାଦଣ୍ଡ । ବୃକ୍ଷତଳେ ପଡ଼ିଅଛି ଶତକୋଟି ପିଣ୍ଡ ॥ ଏମନ୍ତ ପ୍ରକାରେ ଯେ ଦେବତାମାନେ ଗଲେ । ନରକାରଠାରୁ ଆଉ କେହି ନ ଅସିଲେ । ମସ୍ତସ୍ତର ମଧ୍ୟେ ଏକା ଥିଲେ ବଳରାମ । ସର୍ପରୂପ ଧଇଲେ ଯେ ଅଭିନବ କାମ । ଦେବନାଶନ ତରୁର ଉପରେ ଶ୍ରୀହର । ବୃକ୍ଷର ଉପରେ ତନପୂର୍ଣ ଟଳେ ବଳ ॥ ତେଣୁ କର ତେଜ ତାଙ୍କୁ ନ ଲାଗଇ ଆଉ । ପ୍ରତ୍ୟକ୍ଷେ ଦେଖିଲେ ନରକାର ମହାବାହୁ ॥ ଦେବତରୁ ଉପରେ ଶୂନ୍ୟରେ ଗଲେ ଉଡ଼ି । ନରକାର ପ୍ରଭୁଙ୍କ ଛାମୁରେ ଯାଇଁ ପଡ଼ି ॥ ସାବଧାନ ହୋଇ ତୁ ହୋ ଶୁଣ କୁନ୍ତୀଶିଷ୍ୟ । ଗୀତରେ ଭଣିଲେ ଏହା ଯାନକୃଷ୍ଣ ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରଅର୍ଜୁନସମ୍ବାଦେ ନରକାର ବର୍ଣ୍ଣନ ବିଷୟ କଥନ ନାମ ଊନପଞ୍ଚାଶୋଽଧ୍ୟାୟଃ ।

—※○※—

ପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀଭଗବାନୁବାଚ ।

ଏଥୁଅନନ୍ତରେ ତୁ ହୋ ଶୁଣିମା କଉନ୍ତି । ସର୍ପରୂପେ ବଳରାମ ନରକାର ଭେଟି ॥ ସେହି ଯେ ବଳରାମ ପ୍ରତ୍ୟକ୍ଷେ ସଦାଶିବ । ଅନ କଏ ହୋଇଲେ କି ପ୍ରଭୁଙ୍କୁ ଭେଟିବ । ଯୋଗଧ୍ୟାନ ସମାଧିରେ ଉଡ଼ିଗଲେ ହର । ଦେବତରୁ ଉପରେ ଯେ ତନପୂର୍ଣ ଦୂର ॥ ଦେଖି ନରକାର ଯେ ବୋଇଲେ ତାଙ୍କୁ ଗୁହ୍ୟ । କହୋ ବଳରାମ ତୁ ଅଇଲୁ କାହିଁ ପାଇଁ ॥ ଏ ମୋହର ତେଜ ଲାଗି ହେଲୁ ମୋହଗତ । ଉଠ ବୋଲି ଆଜ୍ଞା ଦେଲେ ଅନାଦି ଅଚ୍ୟୁତ । ପ୍ରଭୁଙ୍କର ବଚନେ ଉଠିଲେ ବଳରାମ । କରପଦ୍ମ ଯୋଡ଼ି କଲେ ଦଣ୍ଡପରଣାମ ॥ ବୋଇଲେ ହେ ପ୍ରଭୁ ମୁଁ ଯେ କରୁଛି ଗୁହାରି । ସାବଧାନ ହୋଇ ତୁମ୍ଭେ ଶୁଣ ଦଇତ୍ୟାରି । ଦେବନାଶନ ମହାବୃକ୍ଷର ତଳେ ଯାଇଁ ।

କେତେ କେତେ ଅସ୍ଥି ପଡ଼ିଅଛଇ ଗୋସାଇଁ ॥ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଚନ୍ଦ୍ର ସୂର୍ଯ୍ୟ ବେନି । ବରୁଣ କୁବେର ବାୟୁ ଅନଳଙ୍କୁ ଘେନି ॥ କେତେ ଦେବତା ହେ ପ୍ରଭୁ ପଡ଼ିଛନ୍ତି ତହିଁ । ସେମାନଙ୍କୁ ମୁକତି କରନ୍ତା କେହି ନାହିଁ ॥ ତୁମ୍ଭ ଦରଶନକୁ ସେମାନେ କଲେ ଶ୍ରଦ୍ଧା । ଅନାଥ ହୋଇଣ ଯେ ପାଇଲେ ମୃତ୍ୟୁ ବାଧା ॥ ତୁମ୍ଭେ ଯେ ସ୍ୱଦୟା ମନେ ନ କଲ ତହିଁକି । ବଡ଼ ପ୍ରଭୁଙ୍କୁ ସେବିଲେ ଏହି ଲାଭ ନାଥ ॥ ନିରାକାର ବୋଇଲେ ଯେ ବଳରାମ ଆଗେ । ଶ୍ରୀବତ୍ସ କରଣଙ୍କୁ ଘେନିଣ ଆସ ବେଗେ ॥ କେତେ ବ୍ରହ୍ମା କେତେ ବିଷ୍ଣୁ ହୋଇଛନ୍ତି ନାଶ । ଉଲବ କରତା ତାଙ୍କୁ ବେଗେ ଘେନି ଆସ ॥ ଆଜ୍ଞା ପାଇ ବଳରାମ ବେଗ କରି ଗଲେ । ପ୍ରଭୁଙ୍କ ଛାମୁରେ ନେଇ ଶ୍ରୀବତ୍ସଙ୍କୁ ଦେଲେ ॥ ନିରାକାର ବୋଇଲେ କରଣ ମୁଖ ଚାହିଁ । କେତେ ଦେବ ମରିଛନ୍ତି ଗଣିଆସ ଯାଇଁ ॥ ଆଜ୍ଞା ପାଇ ଶ୍ରୀବତ୍ସ କରଣ ଚଳିଗଲା । ବୃକ୍ଷତଳେ ଅନ୍ଧକାରେ ପ୍ରବେଶ ହୋଇଲା ॥ ପାଞ୍ଜି ପତ୍ର ତଳବ ସେ କଲା ମହାତମା । ସହାନବେ କୋଟି ଏକା ମରିଛନ୍ତି ବ୍ରହ୍ମା ॥ ଶତେସହସ୍ର ସଦାଶିବ ଅଛନ୍ତି ଲୋଟି । ବିଷ୍ଣୁ ମରିଛନ୍ତି ଏକା ପଞ୍ଚତିଂଶ କୋଟି ॥ ଚନ୍ଦ୍ର ସୂର୍ଯ୍ୟ ବହ୍ନି ଯେ ପବନ ଦେବତା । କେତେ କେତେ ମରିଛନ୍ତି ନାହିଁ ତା ଗଣତା ॥ ବ୍ରହ୍ମାଙ୍କୁ ହିନେ ସେ ଯେ ହୁଅନ୍ତି ଅବଶେଷ । ଚାରିସହସ୍ର ଯୁଗ ଯାନ୍ତି ହିବସକେ ନାଶ ॥ ଏମନ୍ତ ସମୟରେ ସେ ପ୍ରଭୁ ନିରାକାର । ବୋଲନ୍ତି ଯେ ଶୁଣ ତୁ ଅନନ୍ତ ନିରାକାର ॥ ଆମ୍ଭର ପ୍ରଭୁ ଅଟନ୍ତି ଯେଣୁ ବଂଶୀଧର । ଶ୍ରୀମତୀରମଣ ସେ ଯେ ଶ୍ରୀଶ୍ୟାମସୁନ୍ଦର ॥ ମୋହ ନାମରତ୍ନଗୀତା ଅଟେ ଯେଣୁ ଏହି । ଦୀନକୃଷ୍ଣ ଦାସ ଏହା ଭାବରେ ଯେ କହି ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦେବମୃତ୍ୟୁ ଗଣନ କଥନେ ନାମ ପଞ୍ଚଦଶୋଽଧ୍ୟାୟଃ ॥

—୦:✻:୦—

ଏକପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀଭଗବାନୁବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ଭଗବାନ । ଦେଖ ମନେ ଶୁଣ ଏବେ ଯୁଧିଷ୍ଠିର ଭାଇ ॥ ଈଶ୍ୱର ଯେ ଏହିଭାବେ କହୁଛନ୍ତି କେତେ । ଅନନ୍ତଙ୍କ ଲୋମେ ଅଣ୍ଡ ପଡ଼ିଅଛି ଯେତେ । ବ୍ରହ୍ମା ବିଷ୍ଣୁ ହାଡ଼ ଯେ ତଲବ କରଅଣି । ଆନ ଦେବତାଙ୍କ ଅସ୍ଥି ନ ପାରିଲେ ଗଣି ॥ କୁଢ଼ କୁଢ଼ ହୋଇ ଅସ୍ଥି ପଡ଼ିଅଛି ଯେତେ । ତଲବରେ ନ ହୋଇଲେ ଗଣିବା କେମନ୍ତେ ॥ ଏତେ କହି ଗଣିକନ ଶ୍ରୀକୃଷ୍ଣ ଯେ ଗଲେ । ନାରଦର ସମ୍ମୁଖରେ ଦର୍ଶନ ଯାଇଁ କଲେ ॥ କରପତ୍ର ଯୋଡ଼ିଣ ଶୋଭିଲ ମସ୍ତକେଟି । ବୋଲେ ମହନ୍ତ ବ୍ରହ୍ମା ସତ କବେକୋଟି ॥ ପଞ୍ଚବିଂଶ-କୋଟି ବିଷ୍ଣୁ ଗଣି କଲି ନଷ୍ଟ । ସଦାଶିବ ମହନ୍ତ ଶତପଦ୍ମ କୋଟା ॥ ଚନ୍ଦ୍ର ସୂର୍ଯ୍ୟ ବରୁଣ ପବନ ଆଦି ମୂଳ । ଏମାନଙ୍କୁ ଗଣି ଅନ୍ତ ନ ପାରିଲି ଠୂଳେ । ଶୁଣି କରି ସନ୍ତୋଷ ହୋଇଲେ ନରକାର । ବଳରାମ ମୁଖ ଚାହିଁ କହିଲେ ଉତ୍ତର ॥ ସାବଧାନ ହୋଇ ଶୁଣିବା ବଣ ଶୂଳପାଣି । ଏତେ ଲୋକ ମାରିବାର ଆମ୍ଭେ ନ ଜାଣି ॥ ବଳରାମ ବୋଇଲେ ଶୁଣିମା ଅଦିପତି । ଯେତେକ ଦେବତା ତୁମ୍ଭ ତନୁଁ ଜାତ ହୋନ୍ତି ॥ ତୁମ୍ଭ ମାୟା ପୁଣି ଥଇଁ ତାଙ୍କୁ ପାଳ କହ । କାହିଁପାଇଁ ମରନ୍ତି ଏ ମୋତେ ଫେଡ଼ି କହ । ନିରାକାର ବୋଇଲେ ଏ ଯେତେ ଦେବଗଣ । ଆମ୍ଭ ତନୁଁ ଜନମି ବହୁ ଗରବପଣ ॥ ମୋକ୍ଷ ପଦ ଦେବାକୁ ବାଞ୍ଛା ଯନ୍ତ୍ରୁ କଲେ । ଦର୍ଶନକୁ ଅସିଁ ଅସିଁ ଅବାଟେ ମଲେ । ଯେଉଁ ବ୍ରହ୍ମା ଅସ୍ଥି ଗଣି ଅଇଲ କରଣ । ଅଠର କଳପ ଯାଏ ତପ କଲେ ପୁଣ ॥ ବୋଇଲେ ଯେ ଦେବବଳି ମୁହିଁ ବିଷ୍ଣୁ ପଦ । ତାହା ଜାଣି ଆମ୍ଭ ମନେ ଉପୁଜିଲା ଖେଦ । ସନାତନ ବ୍ରହ୍ମାଙ୍କୁ ପେଷିଲୁଁ ଆମ୍ଭେ ରାଗେ । ବୋଇଲୁଁ ତା ତପ ଛାଡ଼ି ଆପ ଯାଇଁ ହେବେ ॥ ଆଜ୍ଞାପାଇ ସନାତନ ହେବବର

ଗଲା । କୌଣସି ପ୍ରକାରେ ତପ ଭଙ୍ଗ ନ ପାରିଲା ॥ କେଶୁକରି ଶାପ ତାଙ୍କୁ ଦେଲୁଁ ଗୁରୁଜନ । ଶତେଷର୍ ବାଳଯାଏ କାଟିବ ତୋ ଶିର ॥ ଶ୍ରୀରାମ ରୂପରେ ଆମ୍ଭେ ଜନମିବୁଁ ମର୍ତ୍ତ୍ୟେ । ରାବଣ ରୂପରେ ତୁମ୍ଭେ ଜନମିବ ମର୍ତ୍ତ୍ୟେ ॥ ବନବାସଠାରେ ତୁମ୍ଭେ ହରିନେବ ସୀତା । କୌଶଲ୍ୟା ମାତା ଆମ୍ଭ ଦଶରଥ ପିତା । ସେ ଶ୍ରୀରାମ ତ୍ରେତାରେ ଯେ ହେବେ ଅବତାର । ଦ୍ୱାପରେ ଶ୍ରୀମନ୍ତ ଯେ ଶ୍ରୀକୃଷ୍ଣ ତାଙ୍କ ବର । ଭକ୍ତଜନରେ ଜାତ ସେହି ଶ୍ରୀଶଂସମନ୍ତ । ମହା ଦୀର୍ଘ ରାବ ଆଜ୍ଞା ଦେଇଲ ବେଣୁଧର । ମୋହ ପଦ ସେବିବାକୁ କଲ୍ ଯେବେ ଆଶ । ସତ୍ୟଯୁଗେ ତ୍ରେତାୟାରେ ହୋଇବ ତୁ ନାଶ । ଶ୍ରୀହରି ବୋଇଲେ ପାର୍ଥ ଶୁଣୁଅଛ ଏବେ । ବୈକୁଣ୍ଠପାଳ ବୃନ୍ଦ ଟି ରାବଣେଶ୍ୱର ପୂର୍ବେ । ନିରାକାର ତହୁଁ ଆମ୍ଭେ କୃଷ୍ଣ ଅବତାର । ଶତେଷସ୍ର ବାରଯାଏ କାଟିଲୁଁ ତା ଶିର ॥ କୋଟି କୋଟି ସତ୍ୟଯୁଗ ତ୍ରେତାଯୁଗଙ୍କ ମଧ୍ୟେ । କୋଟିଏ ଦ୍ୱାପରଯୁଗ କଳିଯୁଗ ହୋଇ । ଶାସ୍ତ୍ର ଅନୁକ୍ରମେଣ ଯେ ହରିକେଳ ଗୀତା । କୃଷ୍ଣଦାସ ଭଣଇ ଏ ନାମରତ୍ନଗୀତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ନିରାକାର ଓ ବଳରାମ କଥୋପକଥନେ ନାମ ଏକପଞ୍ଚାଶୋଽଧ୍ୟାୟଃ ॥

—୦ଃ✱ଃ୦—

ଦ୍ୱିପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ଯୁଧିଷ୍ଠିରଙ୍କ ସାନ । ଯେଉଁ ବଳରାମ ପାର୍ଥ ସର୍ପରୂପେ ଗଲା । ନିରାକାର ଠାରେ ଯାଇଁ ପ୍ରବେଶ ହୋଇଲା ॥ ସେ ବଳରାମଙ୍କ ଅଙ୍ଗୁ ଯେବା ହୁଏ ଜାତ । ବକ୍ଷ୍ନ୍ତୁ ଅର୍ଜ୍ଜୁନ ହୋଇ ଶୁଣ ବୀର ପାର୍ଥ ॥ କୋଟିଏ ଶୀତଳ ଚୈତନ୍ୟ ରୂପେ ହୋଇ ଆଇ । କେଶୁକର ପ୍ରଭୁଠାରୁ ପାଉନ୍ତି ଯେ

ଯାଇ ॥ ଅନ୍ତ୍ୟ ଯେତେ ଦେବ ଦେଖ ନ ପଶନ୍ତି ପାଶ । ସେହି ବୃକ୍ଷ
ତଳରେ ସମସ୍ତ ଯାନ୍ତି ନାଶ ॥ ଏଥିଅନନ୍ତରେ ଭୁ ହୋ ଶୁଣ
ପାଣ୍ଡୁନନ୍ଦି । ନିରାକାର ମୁଖ ଗୃହଁ ବଳରାମ ପୁଚ୍ଛି ॥ ଏ ଭୂମ୍ଭ ଖମ୍ଭରେ
ଅସ୍ତ୍ରେ ପଡ଼ିଅଛୁ ଯେତେ । ବଡ଼ ଭାଗ୍ୟବନ୍ତ ମୁହିଁ କହୁଅଛୁ ତୋତେ ॥
ନିରାକାର ବୋଇଲେ ଯେ ଶୁଣ ଅରେ ବାବୁ । ଯେ ଯେ ଅସ୍ତ୍ର
ପଡ଼ିଅଛୁ କ୍ଷୀଣରଷ୍ଟି ସବୁ ॥ ଅମ୍ଭେ ନିଦ୍ରା ଗଲେ ସେ ଯେ ଚିଆଇଁଣ
ଥାନ୍ତି । ଅମ୍ଭ ନିଦ୍ରା ଭାଙ୍ଗିଲେ ସମସ୍ତେ ନାଶ ଯାନ୍ତି ॥ ଯେତେ ଅସ୍ତ୍ର
ପଡ଼ିଛୁ ସମସ୍ତେ ନିରଞ୍ଜନ । ଅମ୍ଭ ପଦ ଘେନିବାକୁ କଲେ ଯହିଁ
ମନ ॥ ତେଣୁକରି ଏମାନେ ଅଛନ୍ତି ମୃତ୍ୟୁ ପାଇ । ଅମ୍ଭେ ନିଦ୍ରାଗଲେ
ସଙ୍କେ ଉଠିବେ ଚିଆଁଇ ॥ ମୋର ପଦ ଘେନିବାକୁ ପବନ ଯେ
ଗଲା । ସୁରଗିରି ପର୍ବତରେ ବସି ତପ କଲା ॥ ସାତକଳ୍ପ ପର୍ଯ୍ୟନ୍ତେ
କଲାକ ସେ ତପ । ତାହା ଜାଣି ଅମ୍ଭ ମନେ ଉପୁଜିଲା କୋପ ॥
ଧାତୃବଦନ ବ୍ରହ୍ମାଙ୍କୁ ଆଜ୍ଞା ଦେଲୁଁ ପୁଣ । ତୁ ଯାଇ ପବନକୁ ବେଗେ
ହକାରି ଆଣ ॥ ତାହା ବୋଲ ପବନ ନ ମାନେ କଦାଚିତେ । ଲେଉଟି
ଆସିଣ ବ୍ରହ୍ମା ମନାକଲା ମୋତେ ॥ ବୋଇଲା ପବନ ମୁଁ ଯେ ତପ
କରୁଅଛୁ । ତୁମ୍ଭ ଆଜ୍ଞା ମହାପ୍ରଭୁ ନ ମାନିଲା କିଛୁ ॥ ଏହା ଶୁଣି
ପବନକୁ ମନେ କୋପ କଲୁଁ । ଶଙ୍ଖ ଚକ୍ର ଗୋଟି ଅନ୍ତରେ ପେଷିଣ
ଦେଲୁଁ ॥ ଏମନ୍ତେ ଯେ ମହାପ୍ରଭୁ ଶ୍ରୀମତୀରମଣ । ପବନ କହିଲା
ଯହିଁ ତାହାଙ୍କ ଅଗ୍ରେଣ ॥ ମୋହ ନାମରତ୍ନଗୀତା ରସ ଅଟଇ
ସେହୁ । ଦୀନକୃଷ୍ଣ ଦାସ ଏକା ଭବେ ମହାବାହୁ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପବନ ତପ
ବିଷୟ କଥନେ ନାମ ଦ୍ୱିପଞ୍ଚାଶୋଽଧ୍ୟାୟଃ ।

—— ০ଃ❋ଃ০ ——

ତ୍ରିପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ବନମାଳୀ । ଶୁଣ ଏବେ ଅର୍ଜୁନ

ହୋ କୃଷ୍ଣର ଯେ କେଳ ॥ କେଣେ ଯେ ଶ୍ରୀକୃଷ୍ଣ ପ୍ରଭୁ ଶ୍ରୀଶ୍ୟାମସୁନ୍ଦର ।
ଶ୍ରୀମନ୍ତ ବଚନେ ସେହୁ ହୋଇଣ ଅଭୂବ । ଅଜ୍ଞା ପାଦକରୁ ତଳ
ବେଗେ ଚଳିଗଲା । ଅଣଗ୍ରଣ ଖଣ୍ଡ କରି କାଟି ପକାଇଲା ॥ ତପ
ଭଗ୍ନ କଲା ମୁନି କଶ୍ୟପର ବସ୍ତି । ଅଣଗ୍ରଣରୂପେ ମୋତେ ସ୍ତୁତି
କରୁଅଛୁ ॥ ନିର୍ବିକାର ବଚନେ ବୋଇଲେ ବଳରାମ । ଅଣଗ୍ରଣ
ପବନର କସ କପ ନାମ ॥ ଏ କଥା ବିସ୍ତାରି ମୋତେ କହିବା ଗୋସାଇଁ ।
ଅନାଦି ବୋଇଲେ ଶୁଣ ଏକ ମନ ହୋଇ ॥ ଅଣଗ୍ରଣ ପବନର
ନାମ ଦେବା କହି । ଶୁଣ ତୁ ହୋ ପାଣ୍ଡୁସୁତ ଏକମନ ହୋଇ ॥
ପ୍ରଥମେ ମରୁତ ଯେ ମାରୁତ ଏକ ମୂର୍ତ୍ତି । ବଦନ ଶୋଷଣ ଯେବେ ହୋ ଏ
ଗୃହମୂର୍ତ୍ତି ॥ କଦଳ ଯେ ବସନ୍ତ ମଳୟ ସ୍ୱରଶ୍ରେଷ୍ଠ । କୋମଳ ପବନ
ଯେବେ ହୋଇଲାକ ଅଷ୍ଟ ॥ ପ୍ରଳୟ ପବନ ତାର ଗମନକୁ ଭର ।
ପବମାନ ଗଗନ ପ୍ରଚଣ୍ଡ ଅଦ୍ଭୁକର । ମାୟାଧର ପବନ ଯେ ମହା-
ଘୋର ମୂଳେ । ପୁଷ୍ପଧର ପବନ କହିଲୁଁ ତୋତେ ଠୂଳେ ॥ ସେତୁ
ସାର ପବନ ମଣ୍ଡଳ ଅଦ୍ଭୁକର । ଶଙ୍ଖଧର ହେମଧର ହୋଇଲେ ଯେ
ଗୃହ ॥ ବଜ୍ରଧର ଲୋକାକର ଚତୁର୍ଦ୍ଦିଗ ବୃଦ୍ଧି । ଶୂନ୍ୟଧର ଏଥୁ
ଶୂନ୍ୟ ମୋହବନ୍ତ ଡତ୍ରୁ । ଚନ୍ଦନଧର ପବନ ପାଣିଧର ବେନି ।
ମହାବହ୍ନି ପବନ ଯେ ବଗଧର ଯେନି ॥ କୋପଧର ମହୀଧର ବସ୍ତୁ
ବହ୍ନି ମୂଳେ । କେତୁଧାର ପବନ ସେ ଶ୍ୟାମପାଣି ତୁଳେ ॥ ମାୟାଧର
ପବନ ଯେ ଦ୍ୱୀପଧର ବେନି । ଶିବଧର ପବନ ଯେ କବଧକୁ ଯେନି ॥
ଷଣ୍ଡ ନାମେ ପବନ ଯେ ମହାଦାହ ଦୁଇ । ପ୍ରାଣ ଉପାନ ପବନ
ଧାରପାର ହୋଇ ॥ ଅମଶଳା କେଶଧର ହଳଧର ଛନି । ଶେତୁମାର
ଶିଖେଶ୍ୱର ଅମୃତାକ୍ଷ ଯେନି ॥ ମେଘନାଦ ପବନ ଗର୍ଜନନାଦ
ମୂଳେ । ଅଣଚାଶ ପବନ ହୋଇଲାଟି କ ଠୂଳେ ॥ ଅଠରପବନ
ତହୁଁ ସ୍ୱର୍ଗକୁ ଯେ ଗଲା । ଷୋଳଗୋଟା ପବନ ଯେ ପାତାଳେ
ରହିଲା ॥ ଏଗାରପବନ ଅମ୍ଭେ ରୁହାଇଲୁଁ ମର୍ତ୍ତ୍ୟେ । ଚାରିପବନକୁ

ସୂରମଣ୍ଡଳେ ନେଲେ ମହେଶ । ଅଶୀତ୍ୟଂଶ ପବନ ଯେ ବାନ୍ଧି ହସ୍ତ ତଳେ । ବଳରାମ ଆଦେଶ ଏହା ଅନାଦି କହିଲେ । ସାବଧାନ ହୋଇ ତୁ ହୋ ଶୁଣ ପଣ୍ଡୁଶେଷ । ଅଶୀତ୍ୟଂଶ ପବନର ଜନ୍ମିଲୁଁ ସନ୍ଦେଶ ! ଏହା ଅନନ୍ତରେ ତୁ ହୋ ଶୁଣ ସବ୍ୟସାଚି । ଜଗନ୍ନାଥ ମୁଖ ଶୁଦ୍ଧ ବଲ୍ଲଭାଙ୍କ ପୃଚ୍ଛି ॥ ସାବଧାନ ହୋଇ ତୁମ୍ଭେ ଶୁଣ ଅବଧାନ । ତଦ, ସୂର୍ଯ୍ୟ ପବନ ଯେ ଦଶଦଶାଂଶ । ଅମାବାସ୍ୟା ସଙ୍କ୍ରାନ୍ତି ଯାତବାର ଭଞ୍ଜ । କାହୁଁ ଜାତ ହୁଅନ୍ତି ଏ କହ ତଥ୍ୟ କର । ନରହରି ବୋଇଲେ ଏ ମୋହଠାରୁ ଜାତ । ବ୍ରହ୍ମା ବିଷ୍ଣୁ ମହେଶ୍ୱର ଦେବା ଦେବୀମାତ । ମୁହିଁ ଜାତ ହୋଇଲଇ ମୋହର ଯେ ଗର୍ଭେ । ସବାକୁ ଥୋଇଲୁଁ ସର୍ବେ କହିଦେବା ଏବେ ॥ ନବେଂ ଯୋଜନରେ ସୂର୍ଯ୍ୟ ଦୁଇଲକ୍ଷେ ଶଶୀ । ତିନିଲକ୍ଷେ ତାରା ଚାରିଲକ୍ଷେ ଧ୍ରୁବ ବସି । ପାଞ୍ଚଲକ୍ଷ ଯୋଜନେ ଯେ ଯମ ନୃପବର । ଛଅଲକ୍ଷ ଯୋଜନେ ସ୍ଥାପିଲୁଁ ପୁନାସୀର ॥ ସାତଲକ୍ଷ ଯୋଜନରେ ଧନପତି ସୀମା । ଅଠଲକ୍ଷ ଯୋଜନେ ଥୋଇଲୁଁ ବେଦବ୍ରହ୍ମା । ଏହା ଜାଣି ଶ୍ରୀମନ୍ତ-ରମଣ ତୋତେ ପୁଣ । ଆଜ୍ଞା ଦେଲେ ତୁମ୍ଭେ ଏବେ ଶୁଣ ନାରାୟଣ । ସପ୍ତଦଶ ଅଙ୍କ ଯେଉଁ ଭାଗେ ହେବ ପୁଣ । ଯୁଧିଷ୍ଠିର ଜନ୍ମ ଥିବେ ଦିବ୍ୟଦୃଷ୍ଟି ଜାଣ ॥ ମୋହ ନାମରତ୍ନଗୀତା ମନୋହର ସାର । ଦୀନ-କୃଷ୍ଣ ଦାସ ଏହା ହୃଦରେ ବିଚାର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଅଶୀତ୍ୟଂଶ ପବନ ବିଷୟ କଥନେ ନାମ ତ୍ରିପଞ୍ଚାଶୋଽଧ୍ୟାୟଃ ।

ଚତୁଃପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜ୍ଜୁନ ଅଗତରେ ଯେ ବହନ୍ତି ନାରାୟଣ । ଏକମନେ ଶୁଣ ତୁ ହୋ ପାଣ୍ଡୁର ନନ୍ଦନ ॥ ନବଲକ୍ଷ ଯୋଜନ ସେ ଚନ୍ଦ୍ରମା ନନ୍ଦନ ।

ଦଶଲକ୍ଷ ଯୋଜନେ ଦେବତାଗଣ ଜାଣ ॥ ନିରାକାର ବଚନ ସେମାନେ ନ ମାନନ୍ତି । ଉଠନ୍ତି ବସନ୍ତି ସେମାନେ ଆନ ବୁଝନ୍ତି ॥ ଅବନୀରୁ ଦଶଲକ୍ଷ ଯୋଜନ ଯେ ଶିଖ । ସେହି ପାବଚ୍ଛରେ ସେ ଥୋଇଲେ ଦଶନେତ୍ର ॥ ଏତେ ବୋଲି ନିରାକାର ସନ୍ତୋଷ ହୋଇଲେ । ବର ମାଗ ବୋଲି ବଳରାମଙ୍କୁ ବୋଇଲେ ॥ ଅଭୟବର ମାଗନ୍ତେ ଅନନ୍ତ ସେ ଦେଲେ । ବାମଭୁଜ ତଳେ ବଳରାମଙ୍କୁ ଥୋଇଲେ ॥ ଶ୍ରୀହରି ବୋଇଲେ ଶୁଣ ହେ ଶୁଣ ସେ ଅର୍ଜୁନ । ନିରାକାର ଦେହେ ଲୀନ ହେଲେ ବଳରାମ ॥ ଆବର କଥାଏ ଶୁଣ ହେ ଶୁଣ ମହାବୀର । ଚନ୍ଦ୍ର ସୂର୍ଯ୍ୟ ଦୁହିଙ୍କି ପେଶିଲେ ନିରାକାର ॥ ବୋଇଲେ ହେ ତୁମ୍ଭେ ଯିବ ଏ ତିନିଭୁବନ । ଉଦେ ହୋଇ ବୁଝିଥିବ ପାପ ପୁଣ୍ୟମାନ ॥ ଶାପ ପାଇ ସେମାନେ ଯେ ସର୍ବଦିନେ ଦୁଃଖୀ । ଶୂନ୍ୟପଦ ଭେଟିବାକୁ ହେଉଥାନ୍ତି ସୁଖୀ ॥ ଆଉ ଏକ କଥାଏ ପାର୍ଥ ଶୁଣ ଅନୁପାମ । ପୂର୍ବେ ଏକ ଚନ୍ଦ୍ର ଯେ ବଦନେଶ୍ୱର ନାମ ॥ ଶୂନ୍ୟପଦ ଭେଟିବାକୁ କଲା ଘୋରତପ । ଶୁଣିକରି ନିରାକାର ମନେ କଲେ କୋପ ॥ ସେଭୁସାର ବ୍ରହ୍ମାଙ୍କୁ ସେ ପାଶକୁ ଡାକିଲେ । ଚନ୍ଦ୍ରମାକୁ ଭେଟିଆସ ବୋଲି ଆଜ୍ଞା ଦେଲେ ॥ ଆଜ୍ଞା ପାଇ ସେଭୁସାର ଚଳିଗଲେ ବେଗ । ତାହାଙ୍କୁ ଦେଖିଣ ଯେ ଚନ୍ଦ୍ରମା କଲା ରାଗ ॥ ବୋଇଲା ମୁଁ କାହିଁପାଇଁ ଯିବି ତାଙ୍କ ଠାବେ । ଲକ୍ଷେ ଯୁଗ ଯାଏ ତପ କରୁଅଛି ଏବେ ॥ ଶୂନ୍ୟପଦ ଭେଟିବାକୁ ଅଛି ମୋର ମନ । ଆଉ କାହିଁପାଇଁ ତାଙ୍କୁ କରିବି ଦର୍ଶନ ॥ ଏ ବଚନ ଶୁଣି ସେଭୁସାର ବ୍ରହ୍ମା ଗଲେ । କରପତ୍ର ଯୋଡ଼ି ଶୂନ୍ୟ ସମ୍ମୁଖେ କହିଲେ ॥ ବୋଇଲେ ସେ ତୁମ୍ଭ ପଦ ଭେଟିବ ଗୋସାଇଁ । ଚିତ୍ତ୍ରକର ଦର୍ଶନକୁ କଲା ଏବେ ନାହିଁ ॥ ଶୁଣି ନିରାକାର ପ୍ରଭୁ ମନେ କଲେ ରୋଷ । କାଳଚକ୍ର ପେଷିଣ ଚନ୍ଦ୍ରକୁ କଲେ ନାଶ ॥ ତେଣୁକରି ଚନ୍ଦ୍ରମା ଯେ ସେ ଦିନରେ ମଲା । ଅମାବାସ୍ୟା ବୋଲି ତାର ନାମ ସେ ହୋଇଲା ॥ ଶ୍ରୀ ଅଙ୍ଗରେ

ନିରାକାର କଲେ ତାଙ୍କୁ ଲୀନ । ହେଣୁକର ଉଦେ ନୁହେ ଅମାବାସ୍ୟା ଦିନ ॥ ଅଶେଷ ବ୍ରହ୍ମାଣ୍ଡନାଥ ତୁମେ ନାହିଁ ମାୟା । ପଢୁକର ଶଙ୍କୁ କରନ୍ତୁ ମହାଦୟା ॥ ପୁଣିହିଁ ଶ୍ରୀଅଙ୍ଗୁ ତାଙ୍କୁ କାଢ଼ିଲେ ଗୋସାଇଁ । ଅନୁଗ୍ରହ କଲେ ସେ ପ୍ରସନ୍ନମୁଖ ହୋଇ । ବୋଇଲେ ତୁ ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଥିବୁ । ପନ୍ଦରଦିନରେ ଛାଡ଼ ପକ୍ଷେକ ବଢ଼ିବୁ ॥ ଯେଉଁ ଦିନ ଚନ୍ଦ୍ର ତୋତେ କରଇ ଛେଦନ । ସେହିଦିନ ଆମ୍ଭ ଅଙ୍ଗେ ହୋଇଥିବୁ ଲୀନ ॥ ଅମାବାସ୍ୟା ଦିନ ତୁହି ନୋହିବୁ ଯେ ଦୃଶ୍ୟ । ତହିଁ ହୋଇଥିବୁ ଆମ୍ଭ ଶ୍ରୀଅଙ୍ଗରେ ପଶ ॥ ଜଗତରେ କେହି ତୋର ନ ଗ୍ରହିବେ ମୁଖ । ଦ୍ରୋହ କର୍ମ କଲୁ ଯେବେ ପାଇବୁଟି ଦୁଃଖ ॥ ଚନ୍ଦ୍ରବପୁ ଛାଡ଼ିବାକୁ ଗ୍ରହ ଭଅଇଲେ । ପାପ କ୍ଷୟ ଯିବାକୁ ଦିବସ ପୂର୍ଣ କଲେ ॥ ପୁଣି ନିରାକାର ତାଙ୍କୁ ଯେତେ ଦେଲେ ବର । ସମସ୍ତଙ୍କୁ ଜୀବଦାନ ଦିଅ ଶଶଧର ॥ ଶୁଣି କର ଚନ୍ଦ୍ରମା ହୋଇଲେ ମନେ ତୋଷ । ନାମରତ୍ନଗୀତାରେ ଭଣିଲେ କୃଷ୍ଣଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଚନ୍ଦ୍ରମା ତପ କ୍ଷୟ କଥନେ ନାମ ଚତୁଃପଞ୍ଚାଶୋଽଧ୍ୟାୟଃ ।

ପଞ୍ଚପଞ୍ଚାଶତ୍ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ଦାଶରଥି । କେତେବେଳେ ହେଲା ପୃଥ୍ୱୀ ହେଲା ଏକେ ନୃପତି । କେବଣ ଦେଶର ସେ ଅଟଇ କେଉଁ ନାମ । ଏ କଥା ବୁଝାଇ କହ ପୁରୁଷୋତ୍ତମ ॥ ଶ୍ରୀକୃଷ୍ଣ ବୋଇଲେ ତୁ ହୋ ଶୁଣ କୁନ୍ତୀସୁତ । ଜାତ ନାମେ ପୃଥ୍ୱୀ ପ୍ରଥମେ ହୋଇଲା ଜାତ ॥ କୋଟିଏ ବେଳ ଜନମି ସେହି ଗଲା କ୍ଷୟେ । ସେ ମେଦିନୀ ପୃଥ୍ୱୀ ଜଳତଳେ କୋଟି ଯାଏ ॥ ମହୀ ନାମେ ପୃଥିବୀ ସେ ଉତ୍ପୁଜିଲା ପୁଣି । ତିନିକୋଟି ବାର ନାଶ ଗଲା ସେ ଧରଣୀ ॥ ବସୁ

ନାମେ ପୃଥ୍ୱୀଗ ହୋଇଲା ପୁଣ ଜାତ । ଗୃହକୋଟି ବାର ନାଶ ଗଲା ସେହୁ ପାର୍ଥ ॥ ଭୂମି ନାମେ ଏକ ପୃଥ୍ୱୀ ଜାତ ଯେ ହୋଇଲା । ପାଞ୍ଚକୋଟି ବେଳ ଜନ୍ମି ସେହୁ ନାଶଗଲା । ଏସନେକ ପୃଥ୍ୱୀ ଅତପାତ ହେଉଛନ୍ତି ॥ ଶ୍ରୀହରି ବଚନ ଶୁଣି ଅର୍ଜୁନ ବୋଲନ୍ତି ॥ ସାବଧାନ ହୋଇ ତୁମ୍ଭେ ଶୁଣ ନନ୍ଦବଳା । ଜଳରେ କେବଣ ମହୀ ହୋଇଥିଲା ଭେଳା । କେବଣ ପ୍ରକାରେ ସେ ରହଇ କେଉଁଭାବେ । ଏ କଥା ବୁଝାଇ ମୋତେ କହ ହନା ଏବେ ॥ ଶ୍ରୀହରି ବୋଇଲେ ସେ ଯେ ହରିକାଉ ବ୍ରହ୍ମ । ଅପଣା ଦେହରୁ ଉପାନ୍ତିଲେ ଏକ ଲୋମ ॥ ମେରୁ କରି ମଧ୍ୟେ ସେ ଯୋଡିଲେକ ମହୁଁ । ଅଷ୍ଟଳ ହୋଇଲା ପୃଥ୍ୱୀ ନ ଚଳଲା ତହୁଁ ॥ ଯେତେ ଗୋଟା ପୃଥିବୀ ହୋ ତେତେ ଗୋଟା ମେରୁ । ଏ କଥାକୁ ଅର୍ଜୁନ ସନ୍ଦେହ କେତେ କରୁ ॥ ଅର୍ଜୁନ ବୋଇଲେ ଶୁଣ ପୁରୁଷଉତ୍ତମ । କେବଣ ମେରୁର ପ୍ରଭୁ କେଉଁଭାବେ ନାମ ॥ ଶ୍ରୀହରି ବୋଇଲେ ସେ ପ୍ରଥମେ ମେରୁ ଜାତ । ଶତଫଣି ବୋଲି ତାହେ ନାମ ତାର ପାର୍ଥ । ପଦ୍ମସିଂହ ବୋଲିକରି ଏକ ମେରୁ ହୋଏ । ଶ୍ରୀଧର ବୋଲିଣ ନାମ ଶୁଣ ଧନଞ୍ଜୟେ ॥ ଜମ୍ବୁଧର ବୋଲି ପୁଣି ମେରୁ ହୋଏ ଜାତ । ମହୀଧର ପଦ୍ମଧର ବେନି ମେରୁ ପାର୍ଥ ॥ ଆଉ ମେରୁ ନାମ ଯେ ବଟ୍ରୁଧର କହୁ । ପୃଥ୍ୱୀଧର ନାମେ ମେରୁ ଉପୁଜିଲା ମହୀ ॥ ଏକ ଏକ କରି କେତେ ବୁଝାଇବା ପାର୍ଥ । ଯେତେ ମେରୁ ତେତେ ପୃଥ୍ୱୀ ହେଉଥାଇ ଜାତ ॥ ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ମହାଗୁରୁ । କେତେ ପୃଥ୍ୱୀରଥାଇ ପୁଣ କେତେଗୋଟା ମେରୁ ॥ ଶ୍ରୀହରି ବୋଇଲେ ତାହା କେ କହିବ ଅନ୍ତ । ଅନନ୍ତ କୋଟି ବ୍ରହ୍ମାଣ୍ଡେ ମେରୁହିଁ ଅନନ୍ତ ॥ ଅନନ୍ତ ଯେ ଖେଳ ଏବେ ହେବୁ ଚତୁ ଦେଇ । ସପ୍ତଦଶ ଅଙ୍କେ ଜାତ ସତ୍ୟ ଉପୁଜଇ ॥ ପାପୀ ଲୋକମାନେ ପୁଣ ନାଶଯିବେ ଜାଣ । ମୋହ ମୂଢ଼ି

ଜାତ ହେବ ପୃଥିବୀ ମଧ୍ୟେଣ ॥ ମୋହ ନାମରତ୍ନଗୀତା ଅମୃତ ସେ ସାର । ଗଜକୃଷ୍ଣ ଦାସ ଏହା କରଇ ପ୍ରଗ୍ରତ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପୃଥ୍ୱୀ ଅତ-ନାଡ କଥନେ ନାମ ପଞ୍ଚପଞ୍ଚାଶୋଽଧ୍ୟାୟଃ ।

— ୦:*:୦ —

ଷଟ୍ପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ଯୁଧିଷ୍ଠିର ସାନ ॥ ସବୁ ଦ୍ୱୀପମାନଙ୍କରେ ରତ୍ନଦ୍ୱୀପ ସାର । ଅର୍ଜୁନ ବୋଇଲେ ତାହା କହ ହେ ଅଗର ॥ କହୁଁ ଜାତ ହୋଇଲା ସେ ରତ୍ନଦ୍ୱୀପମହୀ । ଏ କଥା ଗୋଟିକ ମୋତେ ଦେବଟିକି କହି ॥ ଶ୍ରୀହରି ବୋଇଲେ ଯାହା ପଚାରିଲୁ ଜାଣି । ପଦ୍ମନାଭେ ସାଗର ମେରୁକୁ ବାହ କଲ ॥ ମେରୁକୁ ଉପାଡ଼ି ସେହି ଘେନିଯିବା ବେଳେ । ଖଣ୍ଡ ଏ ଖଣ୍ଡିଏ ହୋଇ ପଡ଼ିଲାକ ତଳେ ॥ ଦେବଗଣେ ବୋଇଲେ ଯେ ଏହି ଠାରେ ଥାଉ । ବଜ୍ର ରୂପରୁ ରଜ ଅପର ଏ ହେଉ ॥ ରତ୍ନଦ୍ୱୀପ ବୋଲି ନାମ ଅଟଇ ଯେ ତାର । ଅତଯାତ ହୋଇଲାନ ଦଶକୋଟି ଭାର । ସେ ପର୍ବତର ତଳେ ଏକ ଦେଉଳ ଗୋଟି । ବେନ ଯୋଜନରେ ସେ ଯେ ପଞ୍ଚଯୋଣ ଉଚ୍ଚ । ସେ ଦେଉଳ ଉପରେ ଯେ ପତାକା ଘଟଣ । ମଧ୍ୟରୁ ବ ସେ ଦେଉଳ ଚହୁଁର ଚଳେତ ॥ ଶ୍ରୀତ-ଲକ୍ଷ ଯୁଗ ଗଲେ ପାଣ୍ଡୁର ତନୁଜ । ତେତେବେଳେ ଦଶିବ ସେ ଦେଉଳର ଧ୍ୱଜ ॥ ତେତିଶ କୋଟି ଦେବତା ଯେ ଦେଉଳେ ବସି । ଦିବ୍ୟଭୋଗ ଭୁଞ୍ଜିବେ ଅମରପୁରୁ ଆସି ॥ ରତ୍ନଦ୍ୱୀପ ଦେଉଳର ମହିମା ଯେମନ୍ତ । ଦେବ ମାନବେ ତାହାର ନ ପାବନ୍ତି ଅନ୍ତ । ଶ୍ରୀମୁଖରେ ବ୍ରହ୍ମା ବଖାଣିଲେ ଅଲକ୍ଷ । ଉତଖଣ୍ଡ ମଧ୍ୟରେ ଛେଦଲେ ସର୍ବ ଦୁଃଖ । ଈଶ୍ୱର ପଞ୍ଚବଦନେ ନ ପାରିଲେ କହି । ଅଉ କେ

କହିବ ତା ମାନବ ଦେହ ବହି ॥ ବେଦ ପୁଣି ଅଟଇ ଷାଠିଏ ସହ ଗ୍ରନ୍ଥ । ଜାଉ ଛଅ ଶାସ୍ତ୍ର ଅଟେ ଷାଠିଏ ସହସ୍ର । ଲକ୍ଷେ ତଶ୍ରୀଗ୍ରନ୍ଥ ଯେ ଅଟଇ ବିଦ୍ୟମାନ । ଯେଉଁଠାରେ ଜାତ ହୋନ୍ତି ସେହିଠାରେ ଲୀନ ॥ ଅର୍ଜ୍ଜୁନ ବୋଇଲେ ପ୍ରଭୁ ପଚାରୁଛି ତୋତେ । ରାବଣଙ୍କୁ କେ ମାରନ୍ତି ଏହା କହ ମୋତେ ॥ ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ରାବଣଙ୍କୁ ମାରିଲେ ପଦ୍ମଗାନାରାୟଣ ॥ ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ଜଗନ୍ନାଥ । ସେ ପଦ୍ମଗଧାରୀ ପୂର୍ବେ କେଉଁପୁର ଜାତ ॥ ଶ୍ରୀହରି ବୋଇଲେ ତାହା କହିଦେବା ତୋତେ । ଅନ୍ତକଷ୍ଟରେ ଯେ ହାବେ ପୁଚ୍ଛା କଲୁ ମୋତେ ॥ ସୂର୍ଯ୍ୟେଶ୍ୱର ବୋଲି ଏକ ରାଜାଏ ଉତ୍ତମ । ତାହାର ନନ୍ଦନ ଯେ ମର୍ଦ୍ଦନ ପାଳ ନାମ ॥ ଯେଉଁକାଳେ ପ୍ରେମଲୀଳା ହେବ ନିରନ୍ତର । ସେ କାଳର ମହିମା ଶୁଣ ହେ ଧନୁର୍ଦ୍ଧର ॥ ତୋର ନାମ ବିଦ୍ୟାଧର ହୋଇବ ପ୍ରମାଣ । ପାରଦ୍ୱୀପ ନୃପତି ତୁ ଥିବୁ ଯେ ହୋଇଣ ॥ ମୋହ ନାମରତ୍ନଗୀତା ଅମୃତ ଅଟଇ । କୃଷ୍ଣଦାସ ଭଣଇ ଯେ ହେତୁ ଚିତ୍ତେ ଦେଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ରତ୍ନଦ୍ୱୀପ ବିଷୟ ବର୍ଣ୍ଣନେ ନାମ ଷଟ୍‌ପଞ୍ଚାଶୋଽଧ୍ୟାୟଃ ।

—o:o—

ସପ୍ତପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ନନ୍ଦବାଳା । ଶୁଣ ହେତୁ ଚିତ୍ତ ଦେଇ କୃଷ୍ଣଙ୍କର ଯେ ଲୀଳା ॥ ସେ ରାଜାର ଅଯୋଧ୍ୟା କଟକ ନାମେ ପୁରୀ । ତହିଁର ନୃପତି ଦଶରଥ ଦଣ୍ଡଧାରୀ ॥ ତାହା କୋଳେ ଉପୁଜିଲେ ଏ ଚାରି କୁମର । ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ ବୀର ॥ ତହିଁ ସେ ପଦ୍ମଗାଧାରୀ ନିଜ ବିଷ୍ଣୁ ରୂପ । ମହାଦେବ ତାଙ୍କ ସେବା କଲେ ସାତକଳ୍ପ । ପ୍ରସନ୍ନଚିତ୍ତରେ ଆଜ୍ଞା ଦେଲେ ନିରାକାର ॥

ବୋଇଲେ ଯେ ମହାଦେବ ମାଗ ମୋତେ ବର ॥ ମହାଦେବ ବୋଇଲେ
ହେ କି ବର ମାଗିବି । ଗୋରୁହତ୍ୟା କରଅଛି କେମନ୍ତେ ତରିବି ॥
କଇଳାସ କନ୍ଦରେ ସେ ଚରୁଥିଲା ବତ୍ସା । ସ୍ୱହସ୍ତେ ମାଇଲି ପ୍ରଭୁ
କର ମୋତେ ରକ୍ଷା । ସେ ବତ୍ସା କଣ୍ଠରେ ରହିଅଛି ଅଜଯାଏ ।
କେମନ୍ତେ ମୁକତି ହେବ କହ ଦେବରାୟେ ॥ ଅନାଦି ବୋଇଲେ
ପାପ ହେବ ତୋର ହତ । ଶ୍ରୀରାମ ସଙ୍ଗେ ଲକ୍ଷ୍ମଣ ରୂପ ହେବୁ
ଜାତ ॥ ଯେଉଁ ବତ୍ସା ତୋହ କଣ୍ଠେ ଅଛି ପଶୁପତି । ପୂର୍ବଜନ୍ମେ
ହେବ ସେ ରାବଣଦୈତ୍ୟ ଶକ୍ତି ॥ ବନବାସ ଯିବେ ସେ ଯେ ରାମ
ଜଗନ୍ନାଥ । ରାବଣ ଯେ ହରନେବେ ଜନକଦୁହିତା । ଲଙ୍କପତି
ସଙ୍ଗେ ଯୁଦ୍ଧ କରିବୁ ତୁ ଘୋର । ହୃଦରେ ପଡ଼ିବ ତୋର ଶକତି
ଯେ ଶର ॥ ତେବେ ଯାଇଁ ମୁକତି ହୋଇବୁ ପଶୁପତି । ସେ ବତ୍ସା
ଯେ ହୋଇଥିବ ରାବଣ ଶକତି ॥ ହୃଦରେ ପଡ଼ିଲେ ତୋର ଛୁଟି
ଯିବ ପାପ । ଶୁଣିକରି ଈଶ୍ୱର ଛାଡ଼ିଲେ ମନ୍ତ୍ର ଜପ ॥ ଅର୍ଜୁନ
ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ତ୍ରେତୟାଯୁଗରେ ଦଶରଥ
ନରସାଇଁ ॥ ଶ୍ରୀରାମ ଲକ୍ଷ୍ମଣ ହୋଇଥିଲେ ତାର ଶିଷ୍ୟ । କେଉଁ ତପ
କରି ପୂର୍ବେ ହୋଇଥିଲେ କିସ ॥ ଶ୍ରୀହରି ବୋଇଲେ ସେତ ପରେ
ଉତକର୍ମୀ । ବିଷ୍ଣୁ ପୂଜାକଲେ ସେ ଯେ କେତୁଧର ବ୍ରହ୍ମୀ ॥ ନିରାକାର
ପ୍ରଭୁ ତାଙ୍କୁ ପଚାରିଲେ ଦିନେ । ପୂଜାବେଳେ କେଉଁକଥା ବିଚାରିଲ
ମନେ ॥ କେତୁଧର ବୋଇଲେ ମୁଁ ନ ଜାଣଇଁ ଅନ । ତୁମ୍ଭ
ପଦ୍ମପାଦେ ମୋର ନିରନ୍ତରେ ଧ୍ୟାନ ॥ ଅଉ କେଉଁ କଥାରେ ପଶିବ
ମୋର ଚିତ୍ତ । ତୁମ୍ଭେ ତାହା ନ ଜାଣ କି ଅନ୍ତର୍ଯାମୀ ନାଥ ॥ ଅନାଦି
ବୋଇଲେ ଅମ୍ଭେ ଜାଣୁ ସବୁକଥା । କହିଲେତ ମନକୁ ଲାଗିବ ବଡ଼
ବ୍ୟଥା ॥ ବୋଇଲ ଯେ ବିଷ୍ଣୁଙ୍କୁ ସେବିଲେ ବିଷ୍ଣୁ ହୋଇ । ତେବେ
ସିନା ଜନମ ଯେ ସଫଳକୁ ଯାଇ ॥ ଏମନ୍ତ ବୋଲିଣ ମନେ କରୁ
ଯେ ବିଚାର । ମିଛ ବୋଲି ଅମ୍ଭଙ୍କୁ ବଞ୍ଚିଲୁ ତୋହ ଛାର ॥ ହୋଇ-

ଶୁଣେ ବୈକୁଣ୍ଠ ଯେ ନୋହିବେ ପ୍ରାପତ । ସହସ୍ରେ ଜନମ ହେବୁ ମର୍ତ୍ତ୍ୟପୁରେ ସତ୍ୟ ॥ ମାନବ ଦେହରେ ଦଶରଥ ନାମ ବହି । ମର୍ତ୍ତ୍ୟଭୁବନରେ ତୁ ଜନମ ହୁଅ ଯାଇ ॥ ଶ୍ରୀରାମ ଅବତାର ହୋଇବେ ଯେଉଁକାଳେ । ଜନମ କରବୁ ତାଙ୍କୁ ପାଞ୍ଚ ସାତ ବେଳେ ॥ ଯେତେବେଳେ ବନବାସ ଯିବେ ରଘୁନାଥ । ତେତେବେଳେ ମୃତ୍ୟୁ ତୋତେ ହୋଇବ ପ୍ରାପତ ॥ ପାଞ୍ଚସାତ ଜନମ ଯେ ଯିବ ହେତୟାରେ । ବସୁଦେବରୂପେ ଜାତ ହୋଇବୁ ଦ୍ୱାପରେ ॥ ସୁଦେବ ନନ୍ଦ ଯେ ବସୁଦେବ ମହାବୀର । ଦେବକୀ ନାମରେ ଯେ ଭାରଯା ହେବ ତୋର ॥ କୃଷ୍ଣ ଅବତାର ଯେ ହୋଇବ ତେତେବେଳେ । ତୋହ କୋଟଲ ଜନମେବେ ପାଞ୍ଚସାତ ବେଳେ ॥ ତେବେ ତୁ ଯେ ମୁକତ ହୋଇବୁ ବେଦପଥ । ବୈକୁଣ୍ଠେ ବସିବୁ ଯାଇଁ ଦେବଙ୍କର କଥ ॥ ଶୁଣି କେଉଁସାର ବ୍ରହ୍ମା ସନ୍ତୋଷ ହୋଇଲେ । ଦୀନକୃଷ୍ଣ ଦାସ ଏହା ଗୀତରେ କହିଲେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରଅର୍ଜ୍ଜୁନସମ୍ବାଦେ ଦଶରଥ ପୂର୍ବଜନ୍ମ କଥନେ ନାମ ସପ୍ତପଞ୍ଚାଶୋଽଧ୍ୟାୟଃ ॥

—୦✤୦—

ଅଷ୍ଟପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଶ୍ରୀହରି ବୋଇଲେ ତୁ ହୋ ଶୁଣ ବୀର ପାର୍ଥ । ବ୍ରହ୍ମା ହୋଇଥିଲେ ଦଶରଥ ରୂପେ ଜାତ ॥ ପର୍ବର ଶାସ୍ତ୍ର ଗୋଟା ଯେ କହିଦେଲୁଁ ତୋତେ ॥ ଆଉ କଥା ଥିଲେ ତୁ ପଚ୍ଛର ଜନା ମୋତେ ॥ ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ନନ୍ଦବନ୍ଦ । ପୂର୍ବ କଥାମାନ ମୁଁ ଯେ ନ ଜାଣଇ ଜନ୍ତୁ ॥ ଶ୍ରୀରାମ ବୋଲଣ ତୁଷ୍ଟ ଦଶରଥ ସୁତ । ତାହାଙ୍କୁ ଯେ ସେବା କଲା ବୀର ହନୁମନ୍ତ ॥ କପିକୁଳେ ଜନମି ହୋଇଲା କପାଁ ଏତେ । ଦେବତାମାନେ ପୁଣି

ହେଉ ନାହାନ୍ତି ଯେତେ ॥ ସାତସିନ୍ଧୁ ଡେଇଁଣ ଯେ ସୀତା ଠାବ କଲା । ଶବ ବାନ୍ଧି ଶ୍ରୀରାମଙ୍କୁ ଲଙ୍କାକୁ ସେ ନେଲା ॥ ଏତେ ବଳ ଜାହୁଁ ସେ ପାଇଲା କପିପତି । କପିଗଣ ମଧ୍ୟରେ ସେ ବୋଲାଇଲା ଯତି ॥ ତେଣୁକରି ତୁମ୍ଭଙ୍କୁ ପଚାରୁଅଛି ହରି । ହନୁମନ୍ତ କଥା ମୋତେ କହ ତଥ୍ୟକରି । ଶ୍ରୀହରି ବୋଇଲେ ଯାହା ପଚାରିଲୁ ପୁଣ ॥ ହନୁମନ୍ତ ମହିମା କହିବା ଏବେ ଶୁଣ ॥ ସବୁ ଦେବତାଏ ବସି କଲେ ଯେ ବିଚାର । ଶ୍ରୀରାମ ମାରିବେ ଯେ ରାବଣ ଲଙ୍କେଶ୍ୱର ॥ ସମୁଦ୍ର ବାନ୍ଧିବାକୁ କେ ସାମର୍ଥ ଅଛୁ । ତେବେ ଦିନା ମରିବ ଯେ କଣ୍ଡବାର ବସ୍ତି ॥ ବ୍ରହ୍ମା ବୋଇଲେକ ଆମ୍ଭେ ବ୍ରହ୍ମା ବିଷ୍ଣୁ ଶିବ । ତିନ ଲୋକ ହୋଇବୁଁ ଯେ ହନୁମନ୍ତ ଜୀବ ॥ ଦେବଙ୍କର ତେଜ ଆମ୍ଭ ତିନଙ୍କର ତେଜ । ରୁଦ୍ରଙ୍କ ଅଂଶରୁ ହେବ ହନୁମନ୍ତ ଜାତ ॥ ହଇତ୍ୟାର ଦେବଗଣ ଅଷ୍ଟ ପଦ୍ମଯୋନ । ଅଙ୍ଗସ୍ତ ସେ ମହାଦେବ ଆବର କାତ୍ୟାୟନୀ ॥ ପାଞ୍ଚ ଅଂଶ ଯେନ ହନୁମନ୍ତ ହେଲା ଜନ୍ମ । ତୋ ଆଗେ କହିଲୁଁ ପାର୍ଥ କଥାର ମରମ ॥ ଶୁଣିକରି ଅର୍ଜୁନ ହୋଇଲେ ମନେ ତୋଷ । ବୋଇଲା ମୁକତି ମୋତେ କଲ ନନ୍ଦଶେଷ ॥ ଆବର କଥାଏ ପ୍ରଭୁ ମୋତେ ଆଜ୍ଞା ହେଉ । ଆମ୍ଭ ଜ୍ୟେଷ୍ଠଭାଇ ଯେ ଯୁଧିଷ୍ଠି ମହାବାହୁ । ତାହାଙ୍କୁ କପାଇଁ ତୁମ୍ଭେ ଦଣ୍ଡବତ କର । ଏ କଥା ଗୋଟିକ ଫେଡ଼ି କହ ଚକ୍ରଧର । ଶ୍ରୀହରି ବୋଇଲେ ସେ ଯେ ବଡ଼ଲୋକ ତୁଙ୍କେ । ଯେ କଥା ଫେଡ଼ିଣ ତୋତେ କହିଦେବା ଏବେ ॥ କେତୁ ନାମେ ବ୍ରହ୍ମା ଯେ ବିଷ୍ଣୁଙ୍କୁ କଲା ସେବା । ନିରାକାର ବୋଇଲେ ହେ ବର ମାଗ ଦେବା ॥ କେତେ ଦିନ ସେବା କଲୁ ଅଛୁନ୍ତି କ ଜାଣି । ସେ ବୋଇଲେ ଶତେ ପୃଷ୍ଠ ଥୋଇଅଛୁ ଗଣି । ସେହି କୁରୁବଂଶେ ଜନ୍ମ ହେବେ ନରବର । ଦବ୍ୟସିଦ୍ଧ ନାମ ଯେ ହୋଇବ ତାହାଙ୍କର ॥ ମୋହ ନାମରତ୍ନଗୀତା ଅଟଇ ଯେ ସାର । ଧନକୃଷ୍ଣ ଦାସ ଯେ ଭଣନ୍ତି ନିରନ୍ତର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀକୃଷ୍ଣଅର୍ଜୁନସମ୍ବାଦେ ହନୁମନ୍ତ ଜନ୍ମ କଥନେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

ଊନଷଷ୍ଟିତମ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ପୀତବାସ । ଏକମନେ ଶୁଣ ତୁ ହୋ ଶ୍ରୀକୃଷ୍ଣର ରସ ॥ ନରକାର ଠାରୁ କେତୁବ୍ରହ୍ମା ଏହା ଶୁଣି । ସେତେଦିନ ସେବା କଲ ଶୁଣ ଚକ୍ରପାଣି ॥ ଶତେକକଲ୍ପ ହୋଇଲାଣି ସେବା କଲୁ ତୋତେ । ଅମରପୁରରେ ପ୍ରଭୁ ଇନ୍ଦ୍ର କର ମୋତେ ॥ ସେବା ମୋର କଲପେ ହୁଅଇ ଯେବେ ଶେଷ । ଚଢ଼ାଇବା ପାଇଁ ଗଣି ଥୁଏ ଏକପୁଷ୍ପ ॥ ଏହିଭାବେ ଶତେକଲ୍ପ ସେବା କରୁ ପୁଣି । ଶତେଗୋଟା ପଦ୍ମପୁଷ୍ପ ଥୋଇଅଛୁ ଗଣି ॥ ଆନ ବରର ମହାପ୍ରଭୁ କାର୍ଯ୍ୟ ମୋର ନାହିଁ । ଇନ୍ଦ୍ର ପଦେ ବସିବି ଅମରସ୍ୱର୍ଗେ ଯାଇଁ । ଏଥିପାଇଁ ସେବା ମୁଁ ଯେ କରୁଅଛୁ ତୋତେ । ସ୍ୱର୍ଗରେ ବସାଅ ନେଇ ଇନ୍ଦ୍ରପଣେ ମୋତେ ॥ ଏସନକ ବାରତା ପାଇଣ ସୁରପତି । ପୁଷ୍ପ ଗୋଟିଏକ ହରିନେଲା ଶୀଘ୍ରଗତି ॥ ବୋଇଲା ମୋହର ପଦ ଯେନବତ ବ୍ରହ୍ମା । ଅଧର୍ମ ବଳର କାହିଁ କଲ ମହାତମା । ଏଥି କରୁ ମୋହର ଯେ ଦୋଷ ନାହିଁ ଅଛି । ଧର୍ମଦେବତାହିଁ ଏଥି ସାକ୍ଷୀ ହୋଇ ଥାଇ ॥ ଏତେ ବୋଲି ପୁଷ୍ପ ଗୋଟିଏକ ନେଲା ହରି । କେତୁବ୍ରହ୍ମା ତାହା ନ ପାରଲା ହେଉକରି ॥ ନରକାର ବୋଇଲେ ଯେ ବ୍ରହ୍ମାମୁଖ ଶୁଣି । ସକଳୁତେର ସେବାକଲୁ ତୋର ପୁଷ୍ପ କାହିଁ ॥ ଆଜ୍ଞା ପାଇ ବ୍ରହ୍ମା ପୁଷ୍ପ ଭୂମିରେ ଥୋଇଲା । ଗଣିଲାବେଳକୁ ଊଣା ଗୋଟିଏ ହୋଇଲା ॥ ନରକାର ବୋଇଲେ ହେ କହୁଅଛୁ ତୋତେ । କପଟ କରଣ ତୁ ଯେ ସେବାକଲୁ ମୋତେ ॥ ଶତେକବର୍ଷ ପର୍ଯ୍ୟନ୍ତେ କଲୁ ଯେ କଳ୍ପନା । ଗଣିଲା ବେଳକୁ ପୁଷ୍ପ ହୋଇଲା ଯେ ଊଣା ॥ ତେଣୁ କରି ଶାପ ତୋତେ ଦେଉଅଛୁ ଖରେ । ମାନବ ଦେହରେ ଜାତ ହୁଅ ମର୍ତ୍ତ୍ୟପୁରେ ॥ ଯଯାତି ବୋଲିଣ ନାମ ହୋଇବ ତୋହର । ଶତେଜନ୍ମ ଗଲେ ତୋର ପାପ ଯିବ ପାର ॥ ଧର୍ମକଥା ଅନେବାର ଯେ ମର୍ତ୍ତ୍ୟପୁରେ ଥିବୁ । ମିଛ ନ କହିଲେ ଯେବେ ବୈକୁଣ୍ଠକୁ ଯିବୁ ॥ ବାସୁଦେବ ନାମେଣ ଯେ

ବଂଶଦେବ ସ୍ତୁତ । ନମସ୍କାର କଲେ ତୁ ଯେ ହୋଇବୁ ମୁକତ । ଶୁଣି-
ଙ୍କର ସନ୍ତୋଷ ହୋଇଲେ କେତୁବ୍ରହ୍ମା । ଇନ୍ଦ୍ରଙ୍କୁ ମନରେ ଉକୋପ
କଲେ ମହାତମା ॥ ବୋଇଲେ ହେ ସୁରପତି ଅଧର୍ମିକୁ ଗଲୁ ।
ଶତେକଗୋଷ୍ଠୀ ପୁଷ ମୋର ଅନେଶତ କଲୁ ॥ ତେଣୁକର ଶାପ
ତୋତେ ଦେଉଅଛୁ ମୁହିଁ । ମର୍ତ୍ତ୍ୟେ ଜାତ ହୋଇବୁ ମାନବଦେହ
ବହି ॥ ଧୃତରାଷ୍ଟ୍ର ନାମ ତୋ ହସ୍ତିନା ନାମେ ପୁର । ଅନେଶତ ପୁତ୍ର
ଜାତ ହୋଇବେ ତୋହର । ଏ ମୋହର ଶାପ ତୋତେ ମେଣ୍ଟିଣ
ନ ଯାଉ । ଏକାଦେହ ଗୋଷ୍ଠୀ ତୋର ଅନେଶତ ହେଉ ॥
ଶିରଚ୍ଛେଦ ହୋଇ ଅନେଶତ ବେଳ ଥିବୁ । ଭାରତଯୁଦ୍ଧରେ ତୁତ
ମୁକ୍ତ ହୋଇଯିବୁ ॥ ଶ୍ରୀହରି ବୋଇଲେ ତୁ ହେ ଶୁଣ ମହାବୀର ।
ଧୃତରାଷ୍ଟ୍ର ନନ୍ଦନ ହୋଇଲେ ସନାସୀର ॥ ଏକା ଇନ୍ଦ୍ର ଉନଶତ କୁମର
ହୋଇଲେ । ଜ୍ଞାନକୃଷ୍ଣ ଦାସ ଏହା ଗୀତାର କହିଲେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଯୁଧିଷ୍ଠିର ଦେବଙ୍କ
ପୂର୍ବଜନ୍ମ କଥନେ ନାମ ଊନଷଷ୍ଠିତମୋଽଧ୍ୟାୟଃ ।

—०ঃ※O※ঃ०—

ଷଷ୍ଠିତମ ଅଧ୍ୟାୟ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣିବା ଗୋସାଇଁ । କୁମ୍ଭକର୍ଣ୍ଣ ରାବଣ
ଏ ପୂର୍ବେ ଥିଲେ କାହିଁ ॥ ତେଣୁକରି ଗୋସାଇଁ ପଚାରୁଅଛୁ ମୁହିଁ ।
ସେ କଥା ଲୋଡ଼ିକ ମୋତେ ଫେଡ଼ି ଦେବ କହି ॥ ଶ୍ରୀହରି
ବୋଇଲେ ଯାହା ପୁଚ୍ଛାକରୁ ପୁଣ । କୁମ୍ଭକର୍ଣ୍ଣ ରାବଣର ପୂର୍ବଜନ୍ମ
ଶୁଣ ॥ ପାତାଳ ବୈକୁଣ୍ଠେ ବଜେ ପ୍ରଭୁ ନିରାକାର । ଧ୍ୟାନରେ ବସିଲେ
କେହୁ ନାହିଁ ସିଂହଦ୍ୱାର ॥ ଅପଣା ଶରୀରରୁ ରୁଧିର ଜାତ କଲେ ।
ବତୁରି ଗୁଡ଼ାଏ ଘେନ ଶ୍ରୀଭୁଜେ ମର୍ଦ୍ଦିଲେ ॥ ବେନଗୋଟି ପିତୁଳା
ଗଢ଼ିଲେ ନିରଞ୍ଜନ । ମୃତ୍ୟୁସଞ୍ଜୀବନୀ ମନ୍ତ୍ର କହିଲେ ତା କର୍ଣ୍ଣ ॥
ବେନଗୋଠା ପୁରୁଷ ହୋଇଲେ ତହିଁ ଜାତ । ବରପକ୍ଷ ଯୋଦ୍ଧା

କଲେ କୋଟି ଦଣ୍ଡବତ ॥ ବୋଇଲେ ଅମ୍ଭଙ୍କୁ ତୁମ୍ଭେ ଜାଣିଲ
ଯେବେ । କେଉଁଠାବରେ ରହିବୁ ଆଜ୍ଞାଦେଉ ଏବେ ॥ ନିରାକାର
ବୋଇଲେ ଅମ୍ଭଙ୍କ ସେବାକର । ତୁମ୍ଭଙ୍କୁ ଲାଗଇ ପୁଣ ବୈକୁଣ୍ଠ ଦୁଆର ॥
ଯେତେକ ଲୋକ ଆଇଲେ ନ ଦେବ ପଥଶ୍ଚ । ବୈକୁଣ୍ଠର ଦ୍ୱାର
ତୁମ୍ଭେ ରଖିଥିବ ମାତ୍ର ॥ କୌଣସି କଥାକୁ ଭୟ ନ କରିବ ଆଉ ।
ଜୟ ବିଜୟ ବୋଲିଣ ନାମ ତୁମ୍ଭ ହେଉ ॥ ଏମନ୍ତ ବୋଲିଣ ଆଜ୍ଞା
ଦେଲେ ନିରାକାର । ପ୍ରବେଶ ହୋଇଲେ ଆସି ମନୁ ବେଦବର ॥
ଠାକୁରଙ୍କୁ ଦର୍ଶନ କରିବେ ବୋଲି ବ୍ରହ୍ମା । ଉତ୍ତରପୁରକୁ ବୋଲି
ଗଲେ ମହାତମା ॥ ବେନି ଦ୍ୱାରପାଳ ତାଙ୍କୁ ନ ଛାଡିଲେ ବାଟ ।
ବୋଇଲେ ହେ ବ୍ରହ୍ମା ତୁମ୍ଭେ ଅଜ୍ଞାନ କି ଅଟ ॥ ପ୍ରଭୁ ଆଜ୍ଞା ନୋହିଲେ
ଛାଡିବୁ ନାହିଁ ଆମ୍ଭେ । ନିଅବକାଶରେ କପାଟ ପେଟିଯିବ ତୁମ୍ଭେ ॥
ମନୁବ୍ରହ୍ମା ବୋଇଲେ ଅବଶ୍ୟ ଆମ୍ଭେ ଯିବୁ । କେବଳ ଦର୍ଶନ କରି
ବାହୁଡି ଆସିବୁ ॥ ଏତେ ବୋଲି ଭିତରକୁ ପଶିଲେ ଭରସି ।
ହାତୁକା ମାରିଲେ ତାଙ୍କୁ ଦ୍ୱାରପାଳେ ଆସି ॥ ଉଣ୍ଟିଯାଇ ଯୋଗପଦ୍ମାର
ଦେଲେ ଭୃତକର୍ମା । କୋପଭରେ ଶାପ ତାଙ୍କୁ ଦେଲେ ମନୁବ୍ରହ୍ମା ॥
ବୋଇଲେ ଅମ୍ଭଙ୍କୁ ଯେ ଦଣ୍ଡମଣ୍ଡ କଲ । ଅସୁର ପ୍ରକୃତି ଧରି
ହାତୁକା ମାରିଲ ॥ ଶାପ ତୁମ୍ଭଙ୍କୁ ଯେ ଏବେ ପଡ଼ୁ ଦିବ୍ୟ ସତ୍ୟ ।
ଦନୁଜ ହୋଇଣ ତୁମ୍ଭେ ଜାତ ହୁଅ ମର୍ତ୍ତ୍ୟେ ॥ ରାବଣ କୁମ୍ଭକର୍ଣ୍ଣ
ବୋଲିଣ ବେନନାମ । ଷଠେବେଳ ଜନମ ହୋଇବ ମର୍ତ୍ତ୍ୟେ ଯାଇ ॥
ଯେତେବେଳେ ମାରିବେଟି ପ୍ରଭୁ ଚକ୍ରଧର । ସେତେବେଳେ ମୁକତି
ଯେ ଲଭିବ ନିକର ॥ ଆବର ଦେଖିବ ତୁମ୍ଭେ ଶ୍ରୀମନ୍ତାରମଣ ।
ସେକାଳେ ଉତ୍ତମଗତ ଲଭିବଟି ଜାଣ ॥ ମୋହ ନାମରତ୍ନଗୀତା
ହେତୁ ଚିତ୍ତେ ଧର । ଦୀନକୃଷ୍ଣ ଦାସ ଗୀତେ କଲେକ ପ୍ରଚାର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ରାବଣ କୁମ୍ଭ-
କର୍ଣ୍ଣ ପୂର୍ବଜନ୍ମ କଥନେ ନାମ ଷଷ୍ଠିତମୋଽଧ୍ୟାୟଃ ।

ଏକଷଷ୍ଟିତମ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଆବର କଥାଏ ପାର୍ଥ ତୋତେ ଦେବା କହି । ଯୁକତେ ଶୁ ଅମୃତ ମାଉସୀପୁଅ ଭାଇ ॥ ଯେମନ୍ତ ପ୍ରକାରେ ତୋର ଖଣ୍ଡିବ ପାପ । ମୋହର ନାମ ଧର ଏକା ହୃଦପଦ୍ମେ ଜପ ॥ ନାମବ୍ରହ୍ମ ଜପି ଯେ କରଇ ମୋର ସେବା । ସେ ପ୍ରାଣୀ ଗୋଠାକୁ ବସ ପଟାନ୍ତର ଦେବା ॥ ଦୁଃଖକୁ ତା ଭୟ ନାହିଁ କହୁଅଛୁ ତୋତେ । ଭିକ୍ଷା ମାଗି ଧନ ନେଲେ ନ ଛାଡ଼ଇ ମୋତେ ॥ ପୁତ୍ର ଦାର କୁଟୁମ୍ବ ହୋଇବେ ଯେବେ ନାଶ । ତଲେହେଁ ମନକୁ ତାର ନ ଲାଗଇ ତ୍ରାସ ॥ ମସ୍ୟା ମୋହର ଗୋଷ୍ଠରେ ତା ମନ ନୋହେ ଭ୍ରମ । ଏକା ତାର ସକଳ ସମ୍ପଦ କୃଷ୍ଣନାମ ॥ ଚିତ୍ତ ଦୃଢ଼ କରି ଏକା ନାମ କଲେ ଜପ । ସେ ପ୍ରାଣୀ ଦେହରେ ଆଉ କିଛି ନାହିଁ ପାପ ॥ କୋଟି ଯଜ୍ଞ କରି ଦାନ ଦେଲେ ଶୁଦ୍ଧଚିତ୍ତେ । କୋଟିଏ ଜନ୍ମର ଯାଏ ଶିଖେ ବେଦ ନିତ୍ୟେ ॥ କୋଟି ବାବ୍ରେତ କୋଟି ଗ୍ରନ୍ଥ ପଢ଼େ ଯେହ୍ନେ । ନାମ କୀର୍ତ୍ତନକୁ ପାର୍ଥ ସରି ନୋହେ କେହ୍ନେ ॥ କୋଟିଏ ମକରମାସେ ବାରାଣସୀ ଯାଉ । କୋଟି କୋଟି କରଣ ଗୟାରେ ପିଣ୍ଡ ଦେଉ ॥ କୋଟିଜ୍ଞାନ କୋଟିଧ୍ୟାନ କୋଟି କୋଟି ମନ୍ତ୍ର । କୋଟିଏ ଉଲଗ୍ନ ହୋଇ କୋଟି ମୌନବ୍ରତ ॥ କୋଟିଏ ଆସନ କୋଟି ଉପାସନା କରୁ । ନାମକୀର୍ତ୍ତନକୁ ପାର୍ଥ କେହ୍ନ ନୋହେ ସରୁ ॥ ସାଗରେ କୋଟିଏ ବାର ଝାସ ଯେବେ ଦେଇ । ନାମକୀର୍ତ୍ତନକୁ ପାର୍ଥ ସରି ନୋହେ କେହ୍ନ ॥ କୋଟି ଉଭୟମୁଖୀ କୋଟି ତୁରଙ୍ଗ ସିନା । କୋଟି ମେରୁ ତୁଲ୍ୟ କରି ଦାନ ଦେଲେ ସୁନା ॥ କୋଟି ଜଳକୀର୍ତ୍ତି କୋଟି ଦେଉଳର ଧାମ । ନାମକୀର୍ତ୍ତନକୁ ପାର୍ଥ କେହ୍ନ ନୋହେ ସମ ॥ ଏ ମୋହର ନାମ ପାର୍ଥ ଅଟଇଁ ଗହନ । ସରସ୍ୱତୀ ଲେଖିବାକୁ ବାରେ କଲେ ମନ ॥ ଅଷ୍ଟାଗିରି ଯୋଡ଼ଶ ଯେ ଚୂର କଲ କାଳୀ ।

ସପତସମୁଦ୍ର ପାଣି ଉଚରେଣ ଗୋଳ ॥ ପତ୍ର କର ହସ୍ତରେ ଧଇଲେ ଗଜଜେମା । କଳପ ବୃକ୍ଷକୁ ସେ ଲେଖନ କଲ୍ପ ବାମା ॥ ନବଖଣ୍ଡ ପୃଥ୍ୱୀ ପତ୍ର କଲେକ ରଚନ୍ତି । ନାମର ମହିମା ଲେଖି ନ ପାରଲେ କହ୍ନ ॥ ଏ ମୋହର ନାମେ ଯାର ମନ ଯାଇଁ ପଶେ । ସପତସମୁଦ୍ର ପାଣି ଥୋପା ପ୍ରାୟେ ଦିଶେ ॥ ଅପ୍ରମେୟ ଅକାଶ ଦିଶଇ ଅକଳନ । ଷୋଲଖଣ୍ଡି ପ୍ରାୟେ ତାକୁ ଦିଶଇ ଅର୍ଜୁନ ॥ ସୂର୍ଯ୍ୟକୁ ମଣଇ ସେ ଯେ ତପ୍ତଅଗ୍ନି ପ୍ରାୟେ । କାମଦେବ ଦିଶଇ ମର୍କଟ ଗୋଟା କ ଏ ॥ ଦରିଦ୍ର ପ୍ରାୟେକ ତାକୁ ଦିଶଇ କୁବେର । ରଙ୍କ ପ୍ରାୟେ ଦିଶଇ ସ୍ୱର୍ଗର ସୁନାସୀର ॥ ନାଡିକାପବନ ହୋଇ ବାଜଇ ଯେମନ୍ତ । ଅଣଖାଗ ପବନ ଯେ ବହଇ ତେମନ୍ତ ॥ କଳପଗଛକୁ ବୋଲେ ଗବଗଛ ଏ ସେ । ସପତସମୁଦ୍ର ପାଣି ଥୋପା ପ୍ରାୟେ ଦିଶେ ॥ ମେରୁକୁ ମଣଇ ସେ ଯେ ପାଳଧୂଅ ଫଳ । ଅଉ କେଉଁ ପଦାର୍ଥ ଯେ ଏମାନଙ୍କ ତୁଲ ॥ ମଣ୍ଡପୁର ଲୋକକୁ ସେ ନ ମଣଇ କହେ । ଗଜକୁ ମଣଇ ସେ ଯେ ମଶାବତ ସିନା ॥ ବେଦପଢ ବୃହସ୍ପତି ମୃଗ ପ୍ରାୟେ ଦିଶେ । ଜନ୍ମା ବୋଲି ତାହାର ଯେ ମନରେ ନ ପଶେ ॥ ବରୁଣରାଜାକୁ ସେ ବୋଲଇ ଜଳପୋକ । ଅଉ ନିଜ ଦୃଷ୍ଟିରେ ଦିଶଇ ଅନ ଲୋକ ॥ ମୋର ନାମବ୍ରହ୍ମରେ ପାରଇ ଯେହ୍ନେ ପଶି । ଏତେ ଏତେ ପଦାର୍ଥ ତାହାକୁ ତୁଚ୍ଛ ଦିଶି ॥ ଏ କଥା ନ ବୁଝି ହୋଇ ତୀର୍ଥ ବୁଲିଯାନ୍ତି । ମାୟା ମୋହେ ପଡ଼ି ପ୍ରାଣୀ ଭୁଲି ମରୁଥାନ୍ତି ॥ ଏ ନାମ ଜାଣିଲେ ଗଙ୍ଗାଜଳେ ଉତପନ୍ନ । ସେ ଜଳକୁ ଯେହ୍ନେ ହୋଇ ନ ଦିଅନ୍ତି ମନ । ଉତ୍ତମ ପବିତ୍ର ଜଳ ତାହା ଦ୍ୟନ୍ତି ଛାଡ଼ି । ବାଡ଼ିଅତେ କୂପ ଖୋଳ ମରୁଥାନ୍ତି ବୁଡ଼ି ॥ ତୁ ବୋଇଲୁ ତୁମ୍ଭଙ୍କୁ କେମନ୍ତେ ଭେଟ ପାଇ । ସେ କଥା ଅର୍ଜୁନ ତୋତେ ଦେଉଥିବା କହି ॥ ନାମ ଯେ ଖଟିଲା ଲୋକ ପାଇ ମୋତେ ଭେଟି । ଅଭାବେ ଅଦୃଷ୍ଟେ ଅଛ୍ଟେ ଭାବକୁ ନିକଟ ॥ ନାମରତ୍ନଗୀତା ଏ ଯେ ଗୀତା ମଧ୍ୟେ ସାର । ଶ୍ରୀକୃଷ୍ଣ ଦାସ ଏହା ଭଣେ ନିରନ୍ତର ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଭକ୍ତି ସ୍ୱରୂପ ବର୍ଣ୍ଣନେ ନାମ ଏକଷଷ୍ଟିତମୋଽଧ୍ୟାୟଃ ॥

ଦ୍ୱିଷଷ୍ଟିତମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣିମା ଗୋସାଇଁ । ଏତେଦିନେ ନିସ୍ତାର ପାଇଲୁ ପ୍ରଭୁ ମୁହିଁ ॥ ନାମର ମହିମା ଶୁଣି ପାଇଲି ଭରସା । ଆଜଠାରୁ ମୋହର ଯେ ଗଲା କଷ୍ଟଦଶା ॥ ତୁମ୍ଭ ନାମଗୋଷ୍ଠ ଅବା ହୃଦୟପଦ୍ମେ ଧରି । କଣ୍ଠତଟେ ଜପୁଥିବି ରତ୍ନମାଳା କରି ॥ ପାଦପଦ୍ମ ବିନୁ ମୋର ନାହିଁ ଅନ୍ୟ ଆଶା । ଶ୍ରୀମୁଖ ବଚନ ଶୁଣି ପାଇଲି ଭରସା ॥ ଶ୍ରୀହରି ବୋଇଲେ ଶୁଣ ଯୁଧିଷ୍ଠିର ଭାଇ । ଏହି ଶାସ୍ତ୍ର ଶୁଣିଲେ ଯେ ଜ୍ଞାନବନ୍ତ ହୋଇ ॥ ଅମୃତ ଭୋଜନଠାରେ ଅତି ଦ୍ରବ୍ୟ ପିତା । ଅସନ୍ତୁଷ୍ଟ ସନ୍ତୁଷ୍ଟ ହୁଏ ଶୁଣିଲେ ଏ ଗୀତା ॥ ଶ୍ରୀମୁଖ ବଚନ ଏ ପବିତ୍ର ପୁଣ୍ୟ ବାର୍ତ୍ତା । ଭକତଙ୍କ ସଖାର ବୈକୁଣ୍ଠପୁର ନାଥ ॥ ଅବୋଧବାମାନଙ୍କୁ ବୋଧ ଶୁଣ ପାଣ୍ଡୁବଂଶି । ସବୁ ଶାସ୍ତ୍ରମାନଙ୍କର ବୀଜ ଏଥେଁ ଅଛି ॥ ନାମରତ୍ନଗୀତାକୁ ମୋ ଯେ ପାରିବ ସେନ । ଅପୁତ୍ରିକ ପୁତ୍ର ପେ ଦିଅନ୍ତି ଚକ୍ରପାଣି ॥ ଚିତ୍ତ ଦୃଢ଼ କରି ଏ ଶାସ୍ତ୍ରରେ କରିଲ ଲୟ । ଜନ୍ମଯତ୍ର ଶୁଣି ତାକୁ କରୁଥାଏ ଭୟ ॥ ନିତିଦିନ ଏ ଶାସ୍ତ୍ର ଯେ ପାଠବନ୍ତି ପଢ଼ି । ନାନା ରୋଗ ବ୍ୟାଧି ତା ଶରୀରୁ ଯିବ ଛାଡ଼ି । ସବୁ ଶାସ୍ତ୍ର ବୀଜ ଏଥେଁ ହୋଇଅଛି ଯୋଡ଼ା । ଗ୍ରହମାନେ ଶାନ୍ତ ହୋଇ ନ କରନ୍ତି ପୀଡ଼ା ॥ ଏ ଗୀତାର ଫଳଶ୍ରୁତି ଅଛି ପାର୍ଥ ଯେତେ । ଆଦିଅନ୍ତ କରଣ କହିବା ପୁଣି କେତେ ॥ ଦେବତାଙ୍କୁ ଦୁର୍ଲଭ ମନୁଷ୍ୟେ ଅଗୋଚର । ଭକ୍ତଜନ ସଙ୍ଖାଳି ମୁକତି ପଥ ଘର ॥ ଏ ଶାସ୍ତ୍ରକୁ ହୃଦପଟେ ଯେ କରିବ ଲୟ । ରୌରବ ଝଣ୍ଡ ଛାଡ଼ିବୁ ନ ଥିବ ତାର ଭୟ ॥ ଗୋଷ୍ଠିରେ ପ୍ରଶଂସା ପାଇ ସାଧୁଙ୍କ ଚରଣେ ।

ସ୍ୱର୍ନାନ୍ତଂ ଦେଖଇ ତାଙ୍କୁ ଅମୃତ ନୟନେ ॥ ଦୁଃଖୀ ହୋଇ ମନରେ ଯେ ଶୁଣିବ ଏ ପାଠ । ଧନବନ୍ତ ହୋଇବ ଫିଟିବ ତାର କଷ୍ଟ ॥ ଯେବଣ ଶାସ୍ତ୍ର ଗୋଷ୍ଠୀକୁ ନାମରତ୍ନ ବୋଲି । ଅପୁତ୍ରିକ ପୁତ୍ରଦାନ ଦ୍ୟନ୍ତି ବନମାଳୀ ॥ ରାଜଦ୍ୱାରେ ଶ୍ମଶାନରେ ଯେ କରବ ଲୟ । ଏ ଶାସ୍ତ୍ର ପଢ଼ି ପଣ୍ଡିତ ହେବ ତାର କାୟ ॥ ସାଧୁଜନ ପ୍ରାଣୀମାନେ ହୋଇବେ ମୁକତ । ଧ୍ରୁବପଦ ବଚନ ଏ ବ୍ରହ୍ମଜ୍ଞାନ ତତ୍ତ୍ୱ ॥ ନାମରତ୍ନ ମହିମା ପରମ ଅଦ୍ଭୁତ ଗୁଣ । ବେଦ ଶାସ୍ତ୍ର ଅନ୍ତ କରୁ ସକଳ ପୁରାଣ ॥ ଅମୃତଠାରୁଁ ଅଧିକ ଯେ ମାଧୁରସବାଣୀ । ସଂସାର ଜନଙ୍କ ହିତେ କୃଷ୍ଣଦାସ ଭଣି ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ
ନାମରତ୍ନ ମହିମା କଥନେ ନାମ
ଦ୍ୱିଷଷ୍ଟିତମୋଽଧ୍ୟାୟଃ ।

ସମ୍ପୂର୍ଣ୍ଣ ।

Printed by H. K. Das, Chandrodaya Press, Cuttack.

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନିମ୍ନଲିଖିତ ଠିକଣାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମଗାଇଲେ ଅଧିକ କମିଶନ ଦିଆଯିବ । ପଠିଦେବା ବେଳେ ନାମ, ଧାମ, ସବୁ ସ୍ପଷ୍ଟରୂପେ ଲେଖିବେ ।

8352

ନନ୍ଦକେଶ	ଟ [illegible] ୧ ୬	କାର୍ତ୍ତିକମାହାତ୍ମ୍ୟ
ସୁଖଅବକାଶ	ଟ ୦ /	ଛନ୍ଦୋଦଶସ୍ୱର
ବିରହଗୀତା	ଟ ୦ ୵	ନାମରତ୍ନଗୀତା ୧ମ
[illegible]ସ୍ତୁତି	ଟ ୦ ୵	ମଙ୍ଗଳାସ୍ତୁତି
[illegible]ଗୀତା	ଟ ୦ /୰	ତୁଳାଭିଣା
ଲକ୍ଷ୍ମୀପୁରାଣ	ଟ ୦ ୵	କାର୍ତ୍ତି ଏକାଉଷା କଥା
ଷଡଙ୍ଗପଦ୍ଧତି	ଟ ୦ /	ଷଷ୍ଠୀଓଷା କଥା
ସୁଭଦ୍ରାହରଣ ସୁଆଙ୍ଗ	ଟ ୦ ୵	ଅଳଙ୍କାର ବୋଲି
ଶଶୀଉଲେଭଜନ ୧ମ	ଟ ୦ /୰	ଅଶ୍ୱମେଧଯଜ୍ଞ
" ୨ୟ	ଟ ୦ /୰	ଅଙ୍ଗଦପଦ
ନବିଦେଶୀଭଜନଚଉତିଶା	ଟ ୦ (୬	ଅରତଦାଣ ଚଉତିଶା
ମଦନାଦଶୀଭଜନଚଉତିଶା	ଟ ୦ (୬	କପଟ ପାଶା
ହନୁମାନଭଜନଚଉତିଶା	ଟ ୦ (୬	କୋଇଲିମାଳିକା
ମନବୋଧଭଜନଚଉତିଶା	ଟ ୦ (୬	ଗଜନିସ୍ତାରଣ
ଗୁପ୍ତଗୀତା	ଟ ୦ ୵	ଗୋପୀଭାଷା
ରାଧାକୃଷ୍ଣମିଳନ	ଟ ୦ /୰	ଟୀକାଭାଗବତ
ଦନୁଅର୍ଜୁନ କଳି	ଟ ୦ /୰	ଚିନାଥମେଳା
ସଂସାରସାରଗୀତା ୧ମ	ଟ ୦ ୵	ଧ୍ରୁବଚରିତ ସୁଆଙ୍ଗ
ପଦଗଣନାଗୀ ୧ମ	ଟ ୦ ।	ଘଷରତ୍ନ ଓ ମୋହମୁଦ୍ଗର
ବିଲଙ୍କାରାମାୟଣ	ଟ ୦ ୫୵	ଅଳଙ୍ଗଜାଲୋକ
ବୈଦେହୀଶବିଳାସ ୧ ସେଟ	ଟ ୪୫	ଚନ୍ଦ୍ରାବତୀହରଣସୁଆଙ୍ଗ
ସ୍ୟମନ୍ତକମଣିହରଣ-ସୁଆଙ୍ଗ	ଟ ୦ ୵	ଯୋଗୀନ୍ଦ୍ର ଦାଣ୍ଡପଥ
		ରୁକ୍ମିଣୀ ପ୍ରଦ୍ୟୁମ୍ନ

ଭାରତ ପ୍ରେସ ଓ ଗ୍ରନ୍ଥୋଦ୍ୟ ପୁସ୍ତକାଳୟ, } ଶ୍ରୀ [illegible] ଦାସ,
[illegible] } [illegible] ।